# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୦/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, July 20/2023 | Page 16 | ₹ 7.00

୪୯ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 235 | ମୂଲ୍ୟ ₹୭/-




## ଜେମିମାଙ୍କ ଅଲରାଉଣ୍ଡ ସଫଳତା

ଜେମିମା ରୋଡ୍ରିଗୁଏଜଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ପରାସ୍ତ କରିଛି।

୧୬

୦୨

## 'ଏଲିଅନ୍'କୁ ନେଇ ଉତ୍ସାହିତ ତାପସୀ

ତାମିଲ ଚଳଚ୍ଚିତ୍ର 'ଏଲିଅନ୍'ରେ ଅଭିନୟକୁ ନେଇ ଅଭିନେତ୍ରୀ ତାପସୀ ପନ୍ନୁ ଅଧିକ ଉତ୍ସାହିତ ଥିବା କହିଛନ୍ତି।





କଟକ ଯୋବ୍ରା ଆନିକଟ ଦେଇ ମହାନଦୀରେ ବୁଧବାର ପ୍ରବାହିତ ଚଳିତବର୍ଷର ପ୍ରଥମ ବନ୍ୟାଜଳ। (ଫଟୋ: ରାଜକିଶୋର ମହାନ୍ତି)

## ବ୍ରିଜ୍ ରେଲିଂରେ ବିଦ୍ୟୁତ୍ ଚାର୍ଜ: ୧୫ ମୃତ

### ନମାମି ଗଙ୍ଗା ପ୍ରକଳ୍ପରେ ଅଘଟଣ

**ଡେରାଡୁନ୍,୧୯।୭**

ଉତ୍ତରାଖଣ୍ଡ ଚମୋଲି ଜିଲାରେ ମଙ୍ଗଳବାର ରାତିରେ ଇଲେକ୍ଟ୍ରିକ୍ ଟ୍ରାନ୍ସଫର୍ମର ଫାଟି ଏକ ବ୍ରିଜ୍‌ରେ ରେଲିଂକୁ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ ଅଧିକାରୀଙ୍କ ସମେତ ୩ ଗୃହରକ୍ଷୀ ଅଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାସ୍ଥଳରେ ପହଞ୍ଚିବା ସହ ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାନ୍ସଫର୍ମର ଫାଟିବାରୁ ଚାର୍ଜ ହୋଇଯାଇଥିବା ବ୍ରିଜ୍‌ଟି 'ନମାମି ଗଙ୍ଗା' ପ୍ରକଳ୍ପର ସୁଏଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଅଧୀନରେ ଆସୁଥିବାବେଳେ ଏହା ଅଳକାନନ୍ଦା ନଦୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଖାଦ୍ୟ ଓ ଉପବାସ

# କଟକ ଡ୍ରେନ୍ ପୁଣି ଜୀବନ ନେଲା

## ସଫେଇ ବେଳେ ବୁଡ଼ିଯାଇ ଶ୍ରମିକ ମୃତ

**କଟକ,୧୯।୭(କାର୍ତ୍ତିକ ସାହୁ)**

ପୁଣି କାଳ ହୋଇଛି ମୁକୁଳା ଡ୍ରେନ୍। ଗତ ଶନିବାର ଜଣେ ଯୁବକ ଡ୍ରେନ୍‌ରେ ପଡ଼ି ମୃତ୍ୟୁବରଣ କରିଥିବାବେଳେ ବୁଧବାର ଅପରାହ୍ନରେ ଡ୍ରେନ୍‌ରୁ ଅଳିଆ ସଫା କରୁଥିବାବେଳେ ବୁଡ଼ିଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। କଟକ ବକ୍ସିବଜାର ଅନ୍ତର୍ଗତ ବାରପଥର ଅଞ୍ଚଳରେ ଏଭଳି ଅଘଟଣ ଘଟିଛି। ମୃତ ଶ୍ରମିକ ହେଲେ ସ୍ଥାନୀୟ ବାରପଥର ଅଞ୍ଚଳର ପି. ନରସିଂହା(୩୨)। ମୁଖ୍ୟ ଡ୍ରେନ୍ ନିର୍ମାଣ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ମୃତ ନରସିଂହା ଓ ତାଙ୍କ ଭାଇଙ୍କୁ ମୁଖ୍ୟ ଡ୍ରେନ୍‌ରେ ସଫେଇ କାମରେ ୩ଦିନ ହେବ ଲଗାଇଥିବା



ପି. ନରସିଂହା

**■ ୫ ଦିନରେ ୨ଜଣଙ୍କ ମୃତ୍ୟୁ**

ପରିବାର ପକ୍ଷରୁ କୁହାଯାଇଛି। ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିବାବେଳେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଦରଘାବଜାର ଥାନା ଅନ୍ତର୍ଗତ ବକ୍ସିବଜାର ନିକଟ ବାରପଥର ଅଞ୍ଚଳରେ ଥିବା ମୁକୁଳା ମୁଖ୍ୟ ଡ୍ରେନରେ ଗତ ୩ଦିନ ଧରି ନରସିଂହା ଏବଂ ତାଙ୍କ ଭାଇ ସଫେଇ କାର୍ଯ୍ୟ କରୁଥିଲେ। ଏକ ଘରୋଇ ସଂସ୍ଥା ତାଙ୍କୁ ଦିନକୁ ଏକ ହଜାର ଟଙ୍କା ପାରିଶ୍ରମିକ ଦେଇ ନାଳ ସଫା ପାଇଁ ନିୟୋଜିତ କରିଥିଲା। ନରସିଂହା ବୁଧବାର ସକାଳେ ଡ୍ରେନ୍ ଭିତରେ ପଶି ସଫା କରି ମଧ୍ୟାହ୍ନରେ ଘରକୁ ଯାଇଥିଲେ। ପରେ ଅପରାହ୍ନ ଦୁଇଟାବେଳେ ନାଳ ସଫା କରିବାକୁ ଆସିଥିଲେ। ନରସିଂହା ଓ ତାଙ୍କ ସାନ ଭାଇ ନାଳ ସଫେଇ କରୁଥିଲେ। ନରସିଂହା ମୁଖ୍ୟ ଡ୍ରେନ୍ ଭିତରେ ଥାଇ ସଫେଇ କରି ଅଳିଆ ☞ପୃଷ୍ଠା-୪

# ମଦ ବେପାରୀଙ୍କଠାରୁ ଲାଞ୍ଚ ନେଇ ଆଇଆଇସି, ଏଏସ୍‌ଆଇ ଗିରଫ

**ବାଲେଶ୍ୱର, ୧୯।୭ (ମାନସ ବିଶ୍ୱାଳ)**

୫୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଓ ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି। ଉଭୟେ ମଦ ବ୍ୟବସାୟୀଙ୍କଠାରୁ ମାସିକିଆ ବଟି ବାବଦରେ ନେଉଥିବା



ଗିରଫ ଆଇଆଇସି ଗଣେଶ୍ୱର ପ୍ରଧାନ ଓ ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି

ଭିଜିଲାନ୍ସ ଜାଣିବାକୁ ପାଇଛି। ଏନେଇ ଭିଜିଲାନ୍ସ ଅଫିସରେ ମାମଲା (ନଂ. ୧୮/୨୩) ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକ ସୂଚନା ଦେଇଛନ୍ତି। ବାଲେଶ୍ୱର ସହର ପାତ୍ରପଡ଼ା ଓ ଚାନ୍ଦିପୁର ମେରାଇନ୍ ଥାନା ବଳରାମଗଡ଼ି ଅଞ୍ଚଳରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ କରି ବ୍ୟବସାୟ କରୁଥିବା ମାଲିକଙ୍କୁ ମାସିକ ୫୦ହଜାର ଟଙ୍କା ବଟି ଦେବା ପାଇଁ ଚାନ୍ଦିପୁର ଥାନାର ଆଇଆଇସି ପ୍ରଧାନ ଓ ଏଏସ୍‌ଆଇ ମହାନ୍ତି ଧମକଚମକ ଦେଉଥିଲେ। ମାଲିକ ଜଣକ ପୂର୍ବରୁ ମାସିକ ୧୦ହଜାର ଟଙ୍କା ବଟି ଦେଇଆସୁଥିବା ବେଳେ ହଠାତ୍ ଏତେ ଟଙ୍କା ମାଗିବାରୁ ଅତିଷ୍ଠ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ☞ପୃଷ୍ଠା-୪

# ୨ କୁକି ମହିଳାଙ୍କୁ ଉଲଗ୍ନ ବୁଲାଇ ଗଣବଳାତ୍କାର

**ମେଇତି ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ସାମିଲ ପାଇଁ ମଣିପୁର ହାଇକୋର୍ଟ ରାଜ୍ୟର ଭାଜପା ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ମେ' ୩ରେ ଜାତିଆଣ ହିଂସା ଆରମ୍ଭ ହୋଇଥିଲା। ଏହାର ଦିନକ ପରେ କୁକି-ଜୁ ସମ୍ପ୍ରଦାୟର ୨ଜଣ ମହିଳାଙ୍କୁ ଏକ ବିଲକୁ ନେଇ ଗଣବଳାତ୍କାର କରାଯାଇଥିଲା। ଦୁହିଁଙ୍କୁ ଉଲଗ୍ନ କରି ରାସ୍ତାରେ ପରେଡ୍ ମଧ୍ୟ କରାଯାଇଥିଲା, ଯାହାର ଭିଡିଓ ବୁଧବାର ଭାଇରାଲ ହୋଇଛି। ମଣିପୁର ଜାତିଆଣ ହିଂସାରେ ୧୬୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସଦ୍ୟ ସାମ୍ନାକୁ ଆସିଥିବା ବର୍ବରତା ବିରୋଧରେ ଗୁରୁବାର ଇଣ୍ଡିଜେନସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍ (ଆଇଟିଏଲ୍‌ଏଫ୍) ପକ୍ଷରୁ ଚୂଡ଼ାଚାନ୍ଦପୁରରେ ବିକ୍ଷୋଭ ଶୋଭାଯାତ୍ରା କରାଯିବ। ଗୁରୁବାର ଆରମ୍ଭ ହେଉଥିବା ସଂସଦର ମୌସୁମୀ ଅଧିବେଶନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବା ପାଇଁ ପ୍ରସ୍ତୁତ ହୋଇଛି।**



**ଇମ୍ଫାଲ,୧୯।୭**

**ମଣିପୁରରେ ବର୍ବରତା**

ଭାଜପା ଶାସିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୀର୍ଘ ଅଢ଼େଇ ମାସ ଧରି ସଂଘର୍ଷ ଲାଗିରହିଥିବାବେଳେ ୨ ଜଣ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ବୁଲାଯାଉଥିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ୨ ପୀଡ଼ିତାଙ୍କୁ ନିକଟସ୍ଥ ଚାଷଜମିରେ ଗଣବଳାତ୍କାର କରାଯାଇଥିବା ନେଇ ଏକ ଆଦିବାସୀ ସଙ୍ଗଠନ ଅଭିଯୋଗ ଆଣିଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି। ଇଣ୍ଡିଜେନସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍ (ଆଇଟିଏଲ୍‌ଏଫ୍) ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ କୁହାଯାଇଛି ଯେ ରାଜଧାନୀ ଇମ୍ଫାଲଠାରୁ ୩୫ କି.ମି. ଦୂରରେ ଅବସ୍ଥିତ କାଙ୍ଗ୍‌ପୋକ୍‌ପି ଜିଲାରେ ମେ' ୪ରେ ଏହି ଘଟଣା ଘଟିଥିଲା। ଏହାର ଦିନକ ପୂର୍ବରୁ ଉପତ୍ୟକାର ସଂଖ୍ୟାବହୁଳ ମେଇତି ☞ପୃଷ୍ଠା-୪

# ବନାଗ୍ନି ସମ୍ବନ୍ଧରେ ସତର୍କ କରାଇବ 'ଇଲେକ୍ଟ୍ରିକ୍ ନୋଜ୍'

**ବର୍ଲିନ୍,୧୯।୭**

ୟୁରୋପୀୟ ଦେଶରେ ଏବେ ବନାଗ୍ନି ଅଣାୟତ୍ତ ହୋଇଯାଇଛି। ଏନେଇ ଜୀବଜଗତ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବାବେଳେ ଶସ୍ୟ ଉତ୍ପାଦନ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏ ପ୍ରକାର ସମସ୍ୟାର ସମାଧାନ ସକାଶେ ଜର୍ମାନ ଜଙ୍ଗଲରେ ଏକ ପ୍ରକାର ଅଲ୍‌ଟ୍ରା ସେନ୍‌ସିଟିଭ୍ ସେନ୍‌ସର 'ଇଲେକ୍ଟ୍ରିକ୍ ନୋଜ୍' ଲଗାଯାଇଛି, ଯାହା ଜଙ୍ଗଲରେ ନିଆଁ ଲାଗିବା ପୂର୍ବରୁ ସତର୍କ କରାଇବାରେ ସାହାଯ୍ୟ କରିବ। ଇଲେକ୍ଟ୍ରିକ୍ ନୋଜ୍ ସୌରଶକ୍ତି ଦ୍ୱାରା ଚାଳିବ। ଏଥିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା



କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରାଯାଇଛି। ଡିଜେଲ୍‌ଚାଳିତ ଟ୍ରକ୍‌ର ବାଷ୍ପ ଏବଂ ଜଙ୍ଗଲ ନିଆଁରୁ ବାହାରୁଥିବା ବାଷ୍ପ ମଧ୍ୟରେ ଥିବା ପାର୍ଥକ୍ୟକୁ ଏହି ନୋଜ୍ ଚିହ୍ନିପାରିବାରେ ସକ୍ଷମ। ବର୍ଲିନ୍ ଉତ୍ତର-ପୂର୍ବାଞ୍ଚଳରେ ଥିବା ଇବର୍ସଲ୍‌ଡେ ଜଙ୍ଗଲରେ ଜର୍ମାନ ଷ୍ଟାର୍ଟଅପ୍ କମ୍ପାନୀ ପକ୍ଷରୁ ଏହାର ଟ୍ରାଏଲ୍ କରାଯାଉଛି। ଇବର୍ସଲ୍‌ଡେ ଅରଣ୍ୟରେ ବନାଗ୍ନି ଭୟ ଅଧିକ ଥିବାବେଳେ ପାଖାପାଖି ୪୦୦ ସେନ୍‌ସର ଇଲେକ୍ଟ୍ରିକ୍ ନୋଜ୍ ଏଠାରେ ଖଞ୍ଜାଯାଇଛି। ଏକ ହେକ୍ଟର (୨.୫ ଏକର) ପିଛା ଗୋଟିଏ ଡିଭାଇସ୍ ଫିଟ୍ କରାଯାଇଛି । ୨ ବର୍ଷ ପୂର୍ବେ ଡ୍ରିୟାଡ୍ କମ୍ପାନୀ ☞ପୃଷ୍ଠା-୪




**ପରିବାରର ୪ ଜଣଙ୍କୁ ହତ୍ୟା**

ରାଜସ୍ଥାନ ଜୋଧପୁରସ୍ଥିତ ଓସିଆନ୍ ଚୌରାଇ ଗ୍ରାମରେ ଗୋଟିଏ ପରିବାରର ୪ ଜଣଙ୍କୁ ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ୬ ମାସର ଝିଅ ରହିଛି। ହତ୍ୟା ପରେ ଅଭିଯୁକ୍ତ ଘର ଅଗଣାରେ ମୃତଦେହକୁ ଏକାଠି କରି ନିଆଁ ଲଗାଇଦେଇଥିବା ପୋଲିସ କହିଛି। ଘଟଣାରେ ସମ୍ପୃକ୍ତି ନେଇ ମୃତକ ପରିବାର ଜଣେ ସମ୍ପର୍କୀୟ ଯୁବକଙ୍କୁ ପୋଲିସ ଅଟକ ରଖିଛି। ମଙ୍ଗଳବାର ବିଳମ୍ବିତ ରାତିରେ ପୁନାରାମ (୫୫)ଙ୍କ ଘରୁ ଧୂଆଁ ବାହାରିବା ନେଇ ଲୋକେ ସୂଚନା ଦେବା ପରେ ପୋଲିସ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଥିଲା।

# କେନ୍ଦ୍ରକୁ ଘେରିବ ଇଣ୍ଡିଆ

## ୧୦ ଭାଜପା, ଜେଡିଏସ୍ ବିଧାୟକ ନିଲମ୍ବିତ

### କର୍ଣାଟକ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ

**ବେଙ୍ଗାଲୁରୁ,୧୯।୭:** କର୍ଣାଟକ ବିଧାନସଭାରେ ବୁଧବାର ବିରୋଧୀ ଭାଜପା ଏବଂ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ବିଧାୟକମାନେ କଂଗ୍ରେସ ସରକାର ବିରୋଧରେ ଆଇଏଏସ୍ ଅଧିକାରୀମାନଙ୍କୁ ନେଇ ଦୁରୁପଯୋଗ ଅଭିଯୋଗ ଆଣି ହଇଗୋଳ କରିଛନ୍ତି। ଅଶୋଭନୀୟ ଆଚରଣ ପାଇଁ ବାଚସ୍ପତି ୟୁ.ଟି. ଖଦେର ଦୁଇ ଦଳର ୧୦ ବିଧାୟକଙ୍କୁ ଚଳିତ ଅଧିବେଶନର ଅବଶିଷ୍ଟ ଅବଧି ପର୍ଯ୍ୟନ୍ତ ନିଲମ୍ବିତ କରିଛନ୍ତି। ଏହାକୁ ନେଇ ବିରୋଧୀ ସଦସ୍ୟମାନେ ବିଲ୍ ଓ ଏଜେଣ୍ଡାଗୁଡ଼ିକର କପି ଚିରିବା ସହ ବାଚସ୍ପତିଙ୍କ ଆସନକୁ ଫିଙ୍ଗି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱରେ ବିଧାନସଭା ବାହାରେ ଭାଜପା ବିଧାୟକମାନେ ବିକ୍ଷୋଭ କରୁଥିବାବେଳେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ପ୍ରକାଶ ଯେ, ବେଙ୍ଗାଲୁରୁରେ ଗତ ୧୭-୧୮ରେ ଅନୁଷ୍ଠିତ ବିରୋଧୀ ବୈଠକ ପାଇଁ କେତେଜଣ ଆଇଏଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା।

ନୂଆଦିଲ୍ଲୀ,୧୯।୭

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଗୁରୁବାର ଆରମ୍ଭ ହୋଇ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ। କେତେକ ରାଜ୍ୟ ବିଧାନସଭା ଏବଂ ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ସଂସଦର ନୂଆ କୋଠାରେ ଚାଲିବାକୁ ଥିବା ଏହି ଅଧିବେଶନରେ ଶାସକ–ବିରୋଧୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିବା ସ୍ପଷ୍ଟ ଜଣାପଡୁଛି। ମଣିପୁର ଜାତିଆଣ ହିଂସା, କେନ୍ଦ୍ରର ଦିଲ୍ଲୀ ସେବା ଅଧ୍ୟାଦେଶ, ଦରଦାମ୍ ବୃଦ୍ଧି ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ଭଳି ପ୍ରସଙ୍ଗକୁ ନେଇ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କୁ କଂଗ୍ରେସ ନେତୃତ୍ୱରେ ୨୬ ଦଳକୁ ନେଇ ନବଗଠିତ ଭାରତୀୟ ଜାତୀୟ ବିକାଶମୂଳକ ସମାବେଶୀ ମେଣ୍ଟ (ଇଣ୍ଡିଆ) ଘେରିବା ପାଇଁ ପ୍ରସ୍ତୁତ ହୋଇଛି। ବିରୋଧୀଙ୍କ ଲଗାତର ବିକ୍ଷୋଭ ଏବଂ ଶାସକ ସଦସ୍ୟଙ୍କ ପ୍ରତିରୋଧମୂଳକ ରଣନୀତି ଯୋଗୁ ପୂର୍ବ ଅଧିବେଶନ ବେକାର ଯାଇଥିବାବେଳେ ଏଥର ଆହୁରି ବଡ଼ ହଇଗୋଳ ଦେଖିବାକୁ ମିଳିପାରେ।

ମୌସୁମୀ ଅଧିବେଶନର ମୋଟ ୧୫ କାର୍ଯ୍ୟ ଦିବସ ମଧ୍ୟରେ ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ ବିଲ୍ ଓ ଏକକ ଦେଓ୍ୱାନୀ ସଂହିତା (ୟୁସିସି) ବିଧେୟକ ଆଗତ ହୋଇପାରେ। ୟୁସିସି ବିଲ୍‌କୁ ସ୍ଥାୟୀ ସଂସଦୀୟ କମିଟିକୁ ବିଚାର ପାଇଁ ପଠାଯାଇପାରେ। ଅଧିବେଶନରେ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ମଣିପୁର ସଙ୍କଟ, ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆଗତ ଯୌନ ନିର୍ଯାତନା ମାମଲା, ଆଦାନୀ–ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ, ସିବିଆଇ, ଇଡି, ଆଇଟି ବିଭାଗ ଭଳି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବିରୋଧୀଙ୍କ ମୁହଁ ବନ୍ଦ ପାଇଁ ଲଗାଇବା ଏବଂ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)କୁ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନକୁ ଆଣିବା ନେଇ ବିତର୍କ ଦାବି କରିପାରନ୍ତି। ସେହିପରି ବାଲେଶ୍ୱର ବାହାନଗା ବଜାରରେ ଟ୍ରିପଲ୍ ଟ୍ରେନ୍ ଟ୍ରାଜେଡି ପରେ ରେଲୱେର ସୁରକ୍ଷାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇବ ବୋଲି ଦଳୀୟ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି। ମଣିପୁର ପ୍ରସଙ୍ଗରେ ଗୁରୁବାର ମୁଲତବୀ ପ୍ରସ୍ତାବ ଅଣାଯିବ ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ସର୍ବଦଳୀୟ ବୈଠକରେ କହିଛନ୍ତି। ଇଣ୍ଡିଆର ପ୍ରମୁଖ ନେତାମାନେ ଗୁରୁବାର ସକାଳେ ବୈଠକ କରି ମୌସୁମୀ ଅଧିବେଶନର ମିଳିତ ରଣନୀତି ପ୍ରସ୍ତୁତ କରିବେ। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ବର୍ତ୍ତମାନ ସଂସଦରେ ୩୭ ବିଲ୍ ଗଡୁଛି, ଯହିଁରୁ ୮ଟି ବିଲ୍‌କୁ ବିଚାର ଓ ଗୃହୀତ କରାଇବା ପାଇଁ ତାଲିକାଭୁକ୍ତ କରାଯାଇଛି। ୨୧ ନୂଆ ବିଲ୍ ଆଗତ କରିବା ପାଇଁ ସରକାର ଯୋଜନା କରିଛନ୍ତି। ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ କରାଯାଇଛି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ମଧ୍ୟ ପ୍ରହ୍ଲାଦ ଜୋଷୀ ଓ ପୀୟୂଷ ଗୋଏଲଙ୍କ ସମେତ କ୍ୟାବିନେଟ ସହଯୋଗୀମାନଙ୍କ ସହ ପୃଥକ୍ ବୈଠକ କରିଛନ୍ତି।



### ଆଜିଠୁ ନୂଆ ସଂସଦରେ ମୌସୁମୀ ଅଧିବେଶନ

## ନଜରରେ ୧୧ ଦଳର ୯୧ ଏମ୍‌ପି



ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ



ନବୀନ ପଟ୍ଟନାୟକ



କେ. ଚନ୍ଦ୍ରଶେଖର ରାଓ

ନୂଆଦିଲ୍ଲୀ,୧୯।୭

୬୫ଟି ଦଳ ଭାଜପା କିମ୍ବା କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟରେ ଯୋଗଦେଇଥିବାବେଳେ ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ନିରପେକ୍ଷ ରହିବା ପାଇଁ ଅନ୍ୟୁନ ୧୧ ଦଳ ନିଷ୍ପତ୍ତି ନେଇଛନ୍ତି। ଏହି ଦଳଗୁଡ଼ିକର ୯୧ ଜଣ ସାଂସଦ ଅଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ୩୯ ଦଳ ଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆରେ ୨୬ ବିରୋଧୀ ଦଳ ରହିଛନ୍ତି। ୩ ରାଜ୍ୟର ଶାସକ ଦଳ ବିଜେଡି (ଓଡ଼ିଶା), ବିଆର୍‌ଏସ୍ (ତେଲଙ୍ଗାନା) ଏବଂ ୱାଇଏସ୍‌ଆର୍‌ସିପି (ଆନ୍ଧ୍ରପ୍ରଦେଶ)ର ମୋଟ ୬୩ ଲୋକ ସଭା ସଦସ୍ୟ ରହିଛନ୍ତି। ଏହି ଦଳଗୁଡ଼ିକୁ ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ନିଜ ସପକ୍ଷକୁ ନେବାକୁ ଚାହିଁବେ। ଏହି ୩ କ୍ଷମତାସୀନ ଦଳ ବ୍ୟତୀତ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍, ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ଶିରୋମଣି ଅକାଳୀ ଦଳ (ଏସ୍‌ଏଡି), ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍), ଜନତା ଦଳ (ଧର୍ମନିରପେକ୍ଷ), ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି (ଆର୍‌ଏଲ୍‌ପି) ଏବଂ ଏସ୍‌ଏଡି (ମାନ୍) ମଧ୍ୟ କୌଣସି ମେଣ୍ଟ ଆଡ଼କୁ ଢଳି ନାହାନ୍ତି। ୨୦୧୯ରେ ଆନ୍ଧ୍ରରେ କ୍ଷମତାସୀନ ହୋଇଥିବା ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଏବଂ ୨୦୦୦ରୁ ସରକାର ଚଳାଉଥିବା ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ବିଭିନ୍ନ ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ସରକାର ସପକ୍ଷରେ ଭୋଟ ଦେଇଆସିଛନ୍ତି। ଅନ୍ୟପକ୍ଷେ ୨୦୧୪ରେ ତେଲଙ୍ଗାନା ରାଜ୍ୟ ଗଠନ ହେବା ପରଠୁ କ୍ଷମତାରେ ଥିବା କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି ନୂଆ ବିରୋଧୀ ମେଣ୍ଟ ଗଢ଼ିବାକୁ ଉଦ୍ୟମ କରିଥିବାବେଳେ ଇଣ୍ଡିଆରେ ସାମିଲ ହୋଇନାହିଁ। ଲୋକ ସଭାରେ ୯ ସଦସ୍ୟ ଥିବା ବିଏସ୍‌ପି ବିରୋଧୀ ମେଣ୍ଟରେ ସାମିଲ ହୋଇନାହିଁ। ଉତ୍ତର ପ୍ରଦେଶକୁ ୪ ଥର ଶାସନ କରିଥିବା ମାୟାବତୀଙ୍କ ଦଳ ଏକାକୀ ଲୋକ ସଭା ନିର୍ବାଚନ ଲଢ଼ିବା ନେଇ ଘୋଷଣା କରିଛି। ଏଆଇଏମ୍‌ଆଇଏମ୍ ମଧ୍ୟ ବିରୋଧୀ ମେଣ୍ଟରେ ସାମିଲ ହୋଇ ନାହିଁ। ଏହାକୁ ଏକପ୍ରକାର 'ରାଜନୈତିକ ଅସ୍ପୃଶ୍ୟ' ବିବେଚନା କରାଯାଉଛି।

## ସର୍ବବୃହତ୍ ଅଫିସ୍ ସୁରଟ ଡାଇମଣ୍ଡ ବୋର୍ସ

ସୁରଟ, ୧୯।୭

ଦୀର୍ଘ ୮୦ ବର୍ଷ ଧରି ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ହେଡ୍‌କ୍ୱାର୍ଟର୍ସ ବିଶ୍ୱର ସବୁଠୁ ବଡ଼ ଅଫିସ ମାନ୍ୟତା ପାଇଆସୁଥିବାବେଳେ ଗୁଜରାଟର ସୁରଟରେ ନିର୍ମିତ ଡାଇମଣ୍ଡ ବୋର୍ସ ବିଲ୍ଡିଂ ଏହି ସ୍ଥାନ ନେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ଏହା ସୁରଟ ଡାଇମଣ୍ଡ ଇଣ୍ଡଷ୍ଟ୍ରି ବିକାଶର ପ୍ରତୀକ। ଆଗାମୀ ଦିନରେ ଏହା ବ୍ୟବସାୟିକ ହବ୍ ପାଲଟିବ। ଏହା ଲୋକଙ୍କୁ ରୋଜଗାର ସୁଯୋଗ ଦେବା ସାଙ୍ଗକୁ ଦେଶର ଅର୍ଥନୀତି ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ୧୫ ମହଲା ବିଶିଷ୍ଟ ଏହି ବିଲ୍ଡିଂ ମୋଟ ୩୫ ଏକର ଜମିରେ ନିର୍ମିତ। ଛାତର ଆୟତନ ୭.୧ ନିୟୁତ ସ୍କୋୟାର ଫୁଟ୍। ଏହି ବହୁତଳ ବିଶିଷ୍ଟ ବିଲ୍ଡିଂରେ କନ୍‌ଫରେନ୍ସ ହଲ୍, ରେଷ୍ଟୁରାଣ୍ଟ, ରୋଷେଇ ଗୃହ, ଡାଇନିଂ ହଲ୍, ନିଲାମ ଗୃହ, ବ୍ୟାଙ୍କିଙ୍ଗ୍ ସୁବିଧା ରହିଛି।



## ବିମାନରେ ଗଞ୍ଜେଇ: ସୁପର ମଡେଲ ଗିରଫ



ଗିଗି ହାଡିଡ୍

**ଲଣ୍ଡନ,୧୯।୭:** ଗଞ୍ଜେଇ ଧରି ବନ୍ଧୁଙ୍କ ସହ ବିମାନ ଯାତ୍ରା କରୁଥିବା ଆମେରିକୀୟ ସୁପର ମଡେଲ ଗିଗି ହାଡିଡ୍ ଗିରଫ ହୋଇଛନ୍ତି। ଗିଗି କେମାନ୍ ଆଇଲାଣ୍ଡରେ ଛୁଟି କଟାଇବାକୁ ଯାଇଥିଲେ। ଭାକେଶନ୍‌ରୁ ପ୍ରାଇଭେଟ୍ ଜେଟ୍‌ରେ ଜୁଲାଇ ୧୦ରେ ଫେରିବାବେଳେ ଓୱେନ୍ ରୋବୋର୍ଟସ୍ ଇଣ୍ଟରନ୍ୟାଶନାଲ ବିମାନବନ୍ଦରରେ ସେ ଧରାପଡ଼ିଛନ୍ତି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ କଷ୍ଟମ୍ ପୋଲିସ ଦୁହିଁଙ୍କୁ ଗିରଫକରି ଡିଟେନ୍‌ଶନ ସେଣ୍ଟର ପଠାଇବା ପରେ ଜାମିନ୍‌ରେ ମୁକୁଳି ଯାଇଥିବା କୁହାଯାଉଛି। ମାମଲା ସଂକ୍ରାନ୍ତରେ ଗତ ୧୨ ତାରିଖରେ ଗିଗି ଓ ମାକ୍‌କର୍ଥି କୋର୍ଟରେ ଦୋଷୀ ପ୍ରମାଣିତ ହୋଇଛନ୍ତି। ଦଣ୍ଡାଦେଶ ଶୁଣାଣି କରାଯାଇ ନ ଥିବାବେଳେ ଦୁହିଁଙ୍କୁ ୧,୦୦୦ ଡଲାରର ଜରିମାନା ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଗିଗି ଇନ୍‌ଷ୍ଟାଗ୍ରାମରେ ଏକ ମିମର ସେଲ୍‌ଫି ପୋଷ୍ଟକରି କହିଛନ୍ତି, ସବୁ ଠିକ୍ ଅଛି, ଆଉ ଭଲଭାବେ ଶେଷ ହୋଇଯାଇଛି।

## ଇଣ୍ଡିଆ ଟ୍ୟାଗ୍‌ଲାଇନ୍ 'ଜିତେଗା ଭାରତ'

ନୂଆଦିଲ୍ଲୀ,୧୯।୭

ବେଙ୍ଗାଲୁରୁରେ ୨୬ ବିରୋଧୀ ଦଳ ଏକାଠି ହୋଇ ଇଣ୍ଡିଆ ନାମରେ ନୂଆ ମେଣ୍ଟ ଗଠନ କରିବାର ଦିନକ ପରେ ସେମାନଙ୍କ ଟ୍ୟାଗ୍‌ଲାଇନ ରଖିଛନ୍ତି 'ଜିତେଗା ଭାରତ' ଅର୍ଥାତ୍ ଭାରତ ଜିତିବ। ଏହି ଟ୍ୟାଗ୍‌ଲାଇନ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ସେମାନଙ୍କ ସ୍ଲୋଗାନ ରହିବ ବୋଲି ଜଣାପଡ଼ିଛି। ଟ୍ୟାଗ୍‌ଲାଇନକୁ ଭିନ୍ନ ଭିନ୍ନ ରାଜ୍ୟ ପାଇଁ ଅନେକ ଆଞ୍ଚଳିକ ଭାଷାରେ ଅନୁବାଦ କରାଯିବ। ଏନେଇ କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି, ଯୁଡ଼େଗା ଭାରତ, ଜିତେଗା ଇଣ୍ଡିଆ।

### ଫୁରସତ୍

## ସବୁଠାରୁ ଥଣ୍ଡା ତାରା 'ବାଦାମୀ ଡ୍ରଫ୍'

ନୂଆଦିଲ୍ଲୀ

ନିକଟରେ ସବୁଠାରୁ ଥଣ୍ଡା ତାପମାତ୍ରା ବିଶିଷ୍ଟ ତାରାର ଅନୁସନ୍ଧାନ କରାଯାଇଛି, ଯାହାକି ରେଡିଓ ୱେଭ୍ ନିର୍ଗମନ କରୁଛି। ଏହା ତାରାର ନାମ ୱାଇଜ୍ ଜେ୦୬୨୩ ଏବଂ ବାଦାମୀ ଡ୍ରଫ୍ ତାରା ଭାବେ ପରିଚିତ। ଏହା ପୃଥିବୀଠାରୁ ୩୭ ଆଲୋକବର୍ଷ ଦୂରରେ ରହିଛି। ଅନୁସନ୍ଧାନକାରୀଙ୍କ ଅନୁସାରେ ଏହି ତାରାର ତାପମାତ୍ରା ୭୦୦ କେଲ୍‌ଭିନ୍ (କିମ୍ବା ୪୨୦ ଡିଗ୍ରୀ ସେଲ୍‌ସିୟସ୍) ରେକର୍ଡ କରିଛନ୍ତି। ଏହାକୁ ଅଷ୍ଟ୍ରେଲିଆର ଏକ ଟିମ୍ ଏସ୍‌କେଏ ପାଥ୍ ଫାଇଣ୍ଡର ରେଡିଓ ଟେଲିସ୍କୋପ୍ ମାଧ୍ୟମରେ 'ଇଚ୍ଚ–ସଠିକ୍–ଗତି ଅଲ୍‌ଟ୍ରାସାଉଣ୍ଡ ଡ୍ରଫ୍' ଚିହ୍ନଟ କରିଛି। ଏହି ଟେଲିସ୍କୋପ୍ ପଶ୍ଚିମ ଅଷ୍ଟ୍ରେଲିଆର ଇନ୍‌ୟାରିମାନ୍‌ହାର ଇଗାରି ବୁନ୍ଧାରାରେ ଥିବା ସିଏସ୍‌ଆଇଆର୍‌ଓ ମର୍ଚିଶନ ରେଡିଓ ଜ୍ୟୋତିର୍ବିଜ୍ଞାନ ଅବଜରଭେଟୋରିଠାରେ ରହିଛି। ଏଥିରେ ୩୬ଟି ଆଣ୍ଟିନା ରହିଥିବାବେଳେ ସମସ୍ତ ଆଣ୍ଟିନାର ବ୍ୟାସ ୩୯ ଫୁଟ୍। ବୈଜ୍ଞାନିକମାନେ କହିଛନ୍ତି, ସାଧାରଣତଃ ଆକାରରେ ଛୋଟ ଏବଂ କମ୍ ଉଜ୍ଜ୍ୱଳ ବିଶିଷ୍ଟ ତାରାକୁ ଖୋଜିବା କଷ୍ଟକର ହୋଇଥାଏ। ହେଲେ ଏହାର ଚୁମ୍ବକୀୟ କ୍ଷେତ୍ର ପାଇଁ ଏଥିରୁ ରେଡିଓ ତରଙ୍ଗ ନିର୍ଗମନ ହେତୁ ଏହାକୁ ଖୋଜିବାରେ ଅନୁସନ୍ଧାନକାରୀମାନେ ସକ୍ଷମ ହୋଇଥିଲେ। ଏହାର ତାରା ପାଖରେ ୩ ମିଲିୟନ ରେଡିଓ ସୋର୍ସେସ୍ ରହିଛି, ଯାହା ଗୋଲାକର ଭାବେ ନିଜର ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିଛି। ବୈଜ୍ଞାନିକଙ୍କ ମତରେ ଏହାର ଆକାର ବୃହସ୍ପତି ସହ ସମାନ ହେବା ସତ୍ତ୍ୱେ ଏହି ତାରାର ଚୁମ୍ବକୀୟ କ୍ଷେତ୍ର ସୂର୍ଯ୍ୟଙ୍କ ଅପେକ୍ଷା ଅଧିକ ଶକ୍ତିଶାଳୀ । ୱାଇଜ୍ ଜେ୦୬୨୩ ଅଳ୍ପ କିଛି ଜଣାଶୁଣା ଅଲ୍‌ଟ୍ରା କୁଲ୍ ଡ୍ରଫ୍‌ଗୁଡ଼ିକ ମଧ୍ୟରୁ ଗୋଟେ ଯାହା ବାରମ୍ବାର ରେଡିଓ ବିସ୍ଫୋରଣ ସୃଷ୍ଟିକରେ। ଏହି ରେଡିଓ ନିର୍ଗମନ ଆମକୁ କୌଣସି ଗ୍ରହରେ ବଞ୍ଚିବାର ସମ୍ଭାବନା ବିଷୟରେ ଅଧିକ ତଥ୍ୟ ଦେଇପାରିବ ବୋଲି ଅନୁସନ୍ଧାନକାରୀମାନେ ମତ ରଖିଛନ୍ତି।



## 'ଏଲିଅନ୍'କୁ ନେଇ ଉତ୍ସାହିତ ତାପସୀ

ମୁମ୍ବାଇ

ଅଭିନେତ୍ରୀ ତାପସୀ ପନ୍ନୁ ତାମିଲ, ତେଲୁଗୁ ସହ ଅନେକ ହିନ୍ଦୀ ଚଳଚ୍ଚିତ୍ରରେ କାମ କରିସାରିଛନ୍ତି। ତାଙ୍କୁ ଶେଷଥର ପାଇଁ ଓଟିଟିରେ ମୁକ୍ତିଲାଭ କରିଥିବା ତାମିଲ ଚଳଚ୍ଚିତ୍ର 'ଆନ୍ନାବେଲ ସେଥୁପତି'ରେ ଦେଖିବାକୁ ମିଳିଥିଲା। ନିକଟରେ ତାପସୀ ଇନ୍‌ଷ୍ଟାଗ୍ରାମରେ ତାଙ୍କ ପ୍ରଶଂସକଙ୍କ ସହ 'ଆସ୍କ ମି ଏନିଥିଙ୍ଗ୍' ଅଧିବେଶନ ରଖିଥିଲେ। ସେଥିରେ ଜଣେ ପ୍ରଶଂସକ ତାଙ୍କ ଆଗାମୀ ଫିଲ୍ମ ବାବଦରେ ପଚାରିଥିଲେ। ସେଥିରେ ତାପସୀ ତାଙ୍କ ପରବର୍ତ୍ତୀ ସିନେମା ବିଷୟରେ କହିଛନ୍ତି। ତାଙ୍କ ଆଗାମୀ ତାମିଲ ଚଳଚ୍ଚିତ୍ର ହେଉଛି 'ଏଲିଅନ୍'। ଏହାକୁ ନେଇ ସେ ଅଧିକ ଉତ୍ସାହିତ ଅଛନ୍ତି। ଏହା ଉଚ୍ଚକୋଟୀର ମୁଭି । ଯେଉଁମାନେ 'ଗେମ୍ ଓଭର' ପସନ୍ଦ କରନ୍ତି ସେମାନେ ନିଶ୍ଚିତ ଭାବରେ ଏହି ଚଳଚ୍ଚିତ୍ରକୁ ପସନ୍ଦ କରିବେ। ଏହି ସିନେମା ତାଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ବୋଲି ସେ କହିଛନ୍ତି। ବର୍ତ୍ତମାନ ଏହାର ଶୁଟିଂରେ ବ୍ୟସ୍ତ ଅଛନ୍ତି। ତେବେ ତାପସୀ ୨୦୧୦ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ତେଲୁଗୁ, ତାମିଲ, ମାଲୟାଲମ ଏବଂ ହିନ୍ଦୀ ସିନେମାରେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ବର୍ତ୍ତମାନ ତାଙ୍କ ହାତରେ ଆଉ ୩ ଫିଲ୍ମ ରହିଛି। ଏଥିସହ ସେ କିଛି ଟିଭି ଶୋ' ଏବଂ ଶର୍ଟ ଫିଲ୍ମରେ ମଧ୍ୟ ନଜରକୁ ଆସିଛନ୍ତି।



## ନିଲାମ ହେବ ୧୨୧ବର୍ଷ ପୁରୁଣା କାଡ୍‌ବେରି




ଲଣ୍ଡନ

ଚକୋଲେଟ୍ କାହାକୁ ବା ପସନ୍ଦ ନୁହେଁ। ହେଲେ ଏପରି ଏକ ଚକୋଲେଟ୍ ଅଛି, ତାକୁ କେବଳ ଦେଖିପାରିବେ, କିନ୍ତୁ ଖାଇ ପାରିବେନାହିଁ। ୧୨୧ ବର୍ଷ ପୁରୁଣା ଏହି କାଡ୍‌ବେରି ଚକୋଲେଟ୍ ଏବେ ନିଲାମ ହେବ। ଏହି ଖାସ୍ ଚକୋଲେଟ୍ ୧୯୦୨ରେ ରାଜା ଏଡ୍‌ୱାର୍ଡ ୭ମ ଏବଂ ରାଣୀ ଆଲେକ୍‌ଜାଣ୍ଡାରଙ୍କ ଅଭିଷେକ ସମୟରେ ତିଆରି କରାଯାଇଥିଲା। ସେତେବେଳେ ଏହି ଚକୋଲେଟ୍ ସ୍କୁଲରେ ଜଣେ ଛାତ୍ରୀଙ୍କୁ ଦିଆଯାଇଥିଲା। ହେଲେ ୯ମ ଶ୍ରେଣୀର ଛାତ୍ରୀ ମେରି ଏନ୍ ବ୍ଲୋକ୍‌ମୋର ଏହି ଚକୋଲେଟ୍‌କୁ ନ ଖାଇ ରାଜାରାଣୀଙ୍କ ଅଭିଷେକ ସନ୍ତକ ଭାବେ ଏହାକୁ ରଖିଥିଲେ। ଏହି ଚକୋଲେଟ୍ ଏବେ ମେରିଙ୍କ ପରିବାରରେ ଅଛି। ମେରିଙ୍କ ନାତି ଜିନ୍ ଥମ୍‌ସନ୍ ଏବଂ ଏହାକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିନ୍‌ଙ୍କୁ ବର୍ତ୍ତମାନ ୭୨ ବର୍ଷ ହୋଇଥିବାବେଳେ ସେ ଏହି କାଡ୍‌ବରି ଚକୋଲେଟ୍‌ର ଟିଣ ଡବାକୁ ନେଇ ହାନ୍‌ସନର ନିଲାମୀ କର୍ମକର୍ତ୍ତାଙ୍କ ପାଖକୁ ଯାଇଥିଲେ। ହାନ୍‌ସନ ଅକ୍ସିନିୟର୍ସର ମୋରଭେନ୍ ଫେୟାରଲି କହିଛନ୍ତି, ସେ ସମୟରେ ଏକା ଏକ ବଡ଼ ଉପହାର ଥିଲା। କାରଣ ସେ ସମୟରେ ପିଲାଙ୍କୁ ଚକୋଲେଟ୍ ଦିଆଯାଉ ନ ଥିଲା। ସେତେବେଳେ ମେରିଙ୍କ ପାଇଁ ଏହା ଏତେ ବଡ଼ ଉପହାର ଥିଲା ଯେ ସେ ଏହାକୁ ନ ଖାଇ ସାଇତି ରଖିଥିଲେ। ଏହି ଚକୋଲେଟ୍‌ର ଟିଣ ଡବା ଉପରେ ରାଜା ଏଡ୍‌ୱାର୍ଡ ୭ମ ଏବଂ ରାଣୀ ଆଲେକ୍‌ଜାଣ୍ଡାରଙ୍କ ଚିତ୍ର ମଧ୍ୟ ରହିଛି। କାଡ୍‌ବରି ଭାନିଲା ଚକୋଲେଟ୍ ନିଲାମରେ ୧୦୦ରୁ ୧୫୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୧୬ ହଜାର ଟଙ୍କା ପ୍ରାପ୍ତ ହେବ ବୋଲି ଆଶା ରଖାଯାଇଛି।

## ଫିଲ୍ମ ଶୁଟିଂ ପାଇଁ ୧୬ ଟନ୍ ଟମାଟୋ



ମୁମ୍ବାଇ

ବର୍ତ୍ତମାନ ଟମୋଟୋର ଦର ଆକାଶଛୁଆଁ ରହିଛି। ସେଥିପାଇଁ ଲୋକେ ଟମାଟୋ କିଣିବାକୁ ସେତେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବଜାରରେ ଟମାଟୋ କିଲୋ ପ୍ରତି ଦର ୧୫୦ ଟଙ୍କାରେ ପହଞ୍ଚିଛି। ବିଭିନ୍ନ ସ୍ଥାନରେ ମଧ୍ୟ ତା'ର ଦର ଅଧିକ ରହିଛି। ଏହା ମଧ୍ୟରେ ଜୋୟା ଅକ୍‌ତରଙ୍କ ଫିଲ୍ମ 'ଜିନ୍ଦେଗୀ ନା ମିଲେଗି ଦୋବାରା'କୁ ୧୨ ବର୍ଷ ପୂରିଥିବାବେଳେ ସେ ଟମାଟୋକୁ ନେଇ କିଛି ରୋଚକ ତଥ୍ୟ ଦେଇଛନ୍ତି। ସିନେମାରେ ଫରହାନ ଅକତର, ହ୍ରିତିକ୍ ରୋଶନ, ଅଭୟ ଦେଓଲ, କ୍ୟାଟ୍ରିନ କୈଫ୍‌ଙ୍କ ସମେତ ଅନେକେ ନଜରକୁ ଆସିଥିଲେ ; ଯେଉଁଥିରେ ୩ ଅବିବାହିତ ବେଷ୍ଟଫ୍ରେଣ୍ଡଙ୍କ ଜୀବନ ଯାତ୍ରା ବିଷୟରେ ଦେଖିବାକୁ ମିଳିଛି। ଫିଲ୍ମର କିଛି ଅଂଶ ସ୍ପେନ୍‌ରେ ଶୁଟିଂ କରାଯାଇଥିଲା। ସେଠାରେ ହୋଲି ସଦୃଶ ଟମାଟିନା ନାମକ ଏକ ଉତ୍ସବ ପାଳନ କରାଯାଏ ; ଯେଉଁଥିରେ ଟମାଟୋର ବ୍ୟବହାର ହୋଇଥାଏ। ତେବେ ଫିଲ୍ମରେ ମଧ୍ୟ ଏକ ଗୀତରେ ଏହି ଉତ୍ସବ ପାଳୁଥିବା ଦେଖିବାକୁ ମିଳିଛି। ଏଥିରେ ୩ ସାଙ୍ଗକୁ ଟମାଟୋ ଫିଙ୍ଗିବା ସହ ସେଥିରେ ଖେଳୁଥିବା ନଜର ଆସିଛନ୍ତି। ଶୁଟିଂ ବେଳେ ଏହି ମୁଭିରେ ମୋଟ ୧୬ ଟନ୍ ଟମାଟୋ ବ୍ୟବହର କରାଯାଇଥିଲା। ଏହାର ମୂଲ୍ୟ ଥିଲା ୧ କୋଟି ଟଙ୍କା । ସ୍ପେନ୍‌ରେ ମିଳୁଥିବା ଟମାଟୋ ସେ ସମୟରେ କଞ୍ଚା ଥିବାରୁ ପର୍ତ୍ତୁଗାଲରୁ ୧୬ଟନ୍ ଟମାଟୋ ଅଣାଯାଇଥିବା ଫିଲ୍ମର ପ୍ରଯୋଜକ ରିତେଶ ସିଦ୍ଧୱାନି ପ୍ରକାଶ କରିଛନ୍ତି।




# ମେଡିଏଶନ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ ମୋହର

**ନୂଆଦିଲ୍ଲୀ, ୧୯।୭(ଆଇଏଏନ୍ଏସ୍)**

ଏଣିକି ଦେୱାନି କିମ୍ବା ବ୍ୟବସାୟିକ ବିବାଦର ସମାଧାନ ସହଜ ହେବ। ଏ ସମ୍ବନ୍ଧିତ ବିବାଦ ସମାଧାନ ପାଇଁ କୋର୍ଟ କିମ୍ବା ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବା ପୂର୍ବରୁ ଯେକୌଣସି ପକ୍ଷ ମେଡିଏଶନ(ମଧ୍ୟସ୍ଥତା) କେନ୍ଦ୍ରର ଦ୍ୱାରସ୍ଥ ହୋଇପାରିବେ। ଏଥିପାଇଁ ମେଡିଏଶନ ବିଲ୍-୨୦୨୧କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଗୁରୁବାର ଜୁଲାଇ ୨୦ରୁ ଆରମ୍ଭ ହେବାକୁ ଥିବା ମୌସୁମୀ ଅଧିବେଶନରେ ଏହି ବିଲ୍ ଉପସ୍ଥାପିତ ହେବ ବୋଲି କୁହାଯାଇଛି। ୨ଟି ମଧ୍ୟସ୍ଥତା ବୈଠକ ପରେ କୌଣସି ପକ୍ଷ ଚାହିଁଲେ ମେଡିଏଶନରୁ ଓହରି ପାରିବେ। ଏହି ମେଡିଏଶନ ପ୍ରୋସେସ୍ ୧୮୦ ଦିନ ମଧ୍ୟରେ ଶେଷ ହେବ। ଏପରି କି ଯଦି ପକ୍ଷମାନେ ଚାହିଁବେ ତେବେ ଏହାକୁ ଆହୁରି ୧୮୦ଦିନ ବୃଦ୍ଧି କରିପାରିବେ ବୋଲି ବିଲ୍‌ରେ ଉଲ୍ଲେଖ ରହିଛି। ମେଡିଏଶନ ବିଲ୍‌ର କାର୍ଯ୍ୟକାରିତା ଯଥା, ମଧ୍ୟସ୍ଥ ପଞ୍ଜୀକରଣ, ମଧ୍ୟସ୍ଥତା ସେବା ଯୋଗାଇବା ସଂସ୍ଥାକୁ ସ୍ୱୀକୃତି ପ୍ରଦାନ କରିବା କାର୍ଯ୍ୟ କାଉନ୍‌ସିଲ ଅଫ୍ ଇଣ୍ଡିଆ କରିବ।

ଆପରାଧିକ ମାମଲାରେ ଜଡ଼ିତ ନ ଥିବା ବିବାଦଗୁଡ଼ିକ ଏହି ବିଲ୍ ଅନ୍ତର୍ଗତ ତାଲିକାଭୁକ୍ତ ହେବ। ଯଦି ପକ୍ଷମାନେ ଚାହିଁବେ ତେବେ ସେମାନେ ମଧ୍ୟସ୍ଥ ନିଯୁକ୍ତ କରିପାରିବେ। ନଚେତ୍ ସେମାନେ ମଧ୍ୟସ୍ଥ ନିଯୁକ୍ତ ସେବା ପ୍ରଦାନକାରୀ ସଂସ୍ଥା ନିକଟରେ ଆବେଦନ କଲେ, ତାଲିକାଭୁକ୍ତ ମଧ୍ୟସ୍ଥଙ୍କୁ ନିଯୁକ୍ତ କରାଯିବ। ମଧ୍ୟସ୍ଥତା ପରେ ହୋଇଥିବା ଚୁକ୍ତି କୋର୍ଟଙ୍କ ରାୟ ସଦୃଶ ଅଟେ। ଏହି ବିଲ୍‌କୁ ୨୦୨୧ ଡିସେମ୍ବରରେ ରାଜ୍ୟ ସଭାରେ ଆଗତ କରାଯାଇଥିଲା। ପରେ ଏହାକୁ କାର୍ମିକ, ଜନ ଅଭିଯୋଗ, ଲ' ଆଣ୍ଡ ଜଷ୍ଟିସ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଥିଲା। ଏପରି କି ଷ୍ଟାଣ୍ଡିଂ କମିଟି ରିପୋର୍ଟକୁ ୨୦୨୨ ଜୁଲାଇ ୨୧ରେ ଲୋକ ସଭାରେ ଉପସ୍ଥାପିତ କରାଯାଇଥିଲା। ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ ଅଫ୍ ପିରିୟଡିକାଲ୍‌ସ ବିଲ୍-୨୦୨୩କୁ ମୋହର ବାଜିଛି।




# ୮ ଜିଲାର ୮ ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ

## ବିଜୁଳିର ଲକ୍ଷ୍ୟ ହାସଲ ଦିଗରେ ଏହା ବଡ ସଫଳତା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)**




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୮ ଜିଲାରେ ୮ଟି ଏକ୍ସଟ୍ରା ହାଇ ଭୋଲଟେଜ ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ କରିଛନ୍ତି। ଅନୁଗୋଳର ମେରାମୁଣ୍ଡଳି, ଖୋର୍ଦ୍ଧାର କଣ୍ଟାବାଡ଼, କୋରାପୁଟର ବୋରିଗୁମ୍ମା, ଝାରସୁଗୁଡ଼ାର ଲଖନପୁର, ସୁନ୍ଦରଗଡ଼ର କୁମାରମୁଣ୍ଡା, ସମ୍ବଲପୁରର ବାମରା, ବରଗଡ଼ର ଭଟ୍‌ଲି ଏବଂ ଭଦ୍ରକରେ ଏହିସବୁ ଗ୍ରୀଡ୍ ସବଷ୍ଟେଶନ ପାଇଁ ରାଜ୍ୟ ସରକାର ୬୫୦ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨ ଲକ୍ଷ ୨୦ ହଜାର ଉପଭୋକ୍ତା ଉପକୃତ ହେବେ।

ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ଜନସାଧାରଣ ଗୁଣାତ୍ମକ ଓ ନିରନ୍ତର ବିଜୁଳି ପାଇପାରିବେ। ସମସ୍ତଙ୍କ ପାଇଁ ବିଜୁଳିର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ଏକ ବଡ଼ ସଫଳତା। ରାଜ୍ୟରେ ୧୬,୩୦୦ ସର୍କିଟ କିଲୋମିଟରର ଦୀର୍ଘ ବିଦ୍ୟୁତ୍ ସରବରାହ ନେଟ୍‌ୱର୍କ ରହିଛି। ୧୯୩ଟି ଏକ୍ସଟ୍ରା ହାଇ ଭୋଲଟେଜ ଗ୍ରୀଡ୍ ସବଷ୍ଟେଶନ ମଧ୍ୟ ନିର୍ମାଣ କରାଯାଇଛି। ରାଜ୍ୟ ସହରାଞ୍ଚଳର ୯୯ ପ୍ରତିଶତ ଓ ଗ୍ରାମାଞ୍ଚଳର ୯୭ ପ୍ରତିଶତ ଲୋକଙ୍କୁ ବର୍ତ୍ତମାନ ବିଜୁଳିର ସୁବିଧା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୀତି ଆୟୋଗ ରିପୋର୍ଟକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ରାଜ୍ୟର ୬୦ ଲକ୍ଷରୁ ଅଧିକ ଲୋକ ଗରିବୀରୁ ଉପରକୁ ଉଠିଛନ୍ତି। ଏଥିରେ ଗୁଣାତ୍ମକ ବିଦ୍ୟୁତ୍‌ର ଏକ ବଡ଼ ଭୂମିକା ରହିଛି। ଆଧୁନିକ ଅର୍ଥନୀତିର ମୁଖ୍ୟ ଆଧାର ହେଉଛି ବିଜୁଳି। ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ପାଇଁ ବିଜୁଳି ଅତି ଜରୁରୀ। ଲୋକଙ୍କୁ ନିରନ୍ତର ବିଜୁଳି ଯୋଗାଇବା ସରକାରଙ୍କ ଏକ ମୁଖ୍ୟ ଲକ୍ଷ୍ୟ ଓ ଏଥିପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

ଏହି ଅବସରରେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ପକ୍ଷରୁ ୧୦୩.୩୭ କୋଟି ଟଙ୍କା ଏବଂ ଓପିଟିସିଏଲ୍ ପକ୍ଷରୁ ୪୨ କୋଟି ଟଙ୍କା ରାଜ୍ୟ ସରକାରଙ୍କ ଅନ୍ତରୀଣ ଲାଭାଂଶ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଏହାସହିତ ଓପିଜିସି ପକ୍ଷରୁ ୨ କୋଟି ଓ ଓପିଟିସିଏଲ୍ ପକ୍ଷରୁ ୩ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ଏହାଦ୍ୱାରା ଶିଳ୍ପ, କୃଷି, ଶିକ୍ଷା ଆଦି କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହେବା ସହିତ ଲୋକଙ୍କୁ ଗୁଣାତ୍ମକ ବିଜୁଳି ମିଳିପାରିବ। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୬୩ଟି ଗ୍ରୀଡ୍ ସବଷ୍ଟେଶନ ନିର୍ମାଣ କରାଯାଇଥିବା ବେଳେ ଆଉ ୧୦୦ଟି ନିର୍ମାଣାଧୀନ ଅଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଛନ୍ତି। ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓପିଟିସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଦେଇଛନ୍ତି।



**ଆଜିର ମନ୍ତବ୍ୟ**

“ମଣିପୁର ସ୍ଥିତିକୁ ନେଇ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିତର୍କ ହେବା ଜରୁରୀ। ଏହା ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ସରକାର ସୁରୁଖୁରୁରେ ସଂସଦ ଚଳାଇବା ପାଇଁ ମଧ୍ୟମ ପନ୍ଥା ଆପଣାନ୍ତୁ। **-ଜୟରାମ ରମେଶ, କଂଗ୍ରେସ ନେତା**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗା ବଳିଆ,**
**କାହା ଘରେ ଧାନ ମୁଣ୍ଡିଏ ନ ଥାଏ**
**କାହା ଘରେ ଭରା ଓଳିଆ।**

କୁହାଯାଏ ଭଗବାନଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନଙ୍କ କୃପା ବଳରେ ମନୁଷ୍ୟର ସକଳ ଆଶା ପୂରଣ ହୋଇଥାଏ, ତାଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜୁଡ଼ା ଦେଖାଉ ତୁ କାହାକୁ ?**
**ନାଗର ବୋଲାଏ ବଡ଼ ଚତୁରୀଲୋ।**
**କାହିଁକି ଏତେ ମହକୁ ?**

ଯୁବତୀମାନେ ସାଧାରଣତଃ ଫେଶନପ୍ରିୟ ହୋଇଥିବାର ଜଣାଯାଇଥାଏ। ତେବେ ଫେଶନରେ ଆବୃତ ଯୁବତୀଟି ଯୁବକଙ୍କୁ ପ୍ରଲୋଭିତ ବା ଆକୃଷ୍ଟ କରୁଥିବା ଦେଖି ତାହା ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# କେନ୍ଦୁପତ୍ର ହିତାଧିକାରୀଙ୍କୁ ୫୬ କୋଟି ଟଙ୍କାର ବୋନସ୍, ପ୍ରୋତ୍ସାହନ

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**



ଭୁବନେଶ୍ୱର,୧୯।୭(ଅନିଲ ଦାସ)

ରାଜ୍ୟର କେନ୍ଦୁପତ୍ର ହିତାଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୨ ଶସ୍ୟବର୍ଷର ତୃତୀୟ ପର୍ଯ୍ୟାୟରେ ୫୬ କୋଟି ଟଙ୍କାର ବୋନସ ଓ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏହା ଦ୍ୱାରା ୮ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ହିତାଧିକାରୀ ଉପକୃତ ହେବେ। ଏହି ବୋନସ ଓ ପ୍ରୋତ୍ସାହନ ରାଶି ଚଳିତ ଜୁଲାଇ ମାସରୁ ପ୍ରଦାନ କରାଯିବ।

୨୦୨୨ ଶସ୍ୟବର୍ଷ ପାଇଁ ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୭ ଲକ୍ଷ ୭୫ ହଜାର କେନ୍ଦୁପତ୍ର ତୋଳାଳିଙ୍କୁ ୨୫ ପ୍ରତିଶତ ବୋନସ ଓ ୪୦ ହଜାର କେନ୍ଦୁପତ୍ର ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କୁ ୫ ପ୍ରତିଶତ ପ୍ରୋତ୍ସାହନ ରାଶ ମିଳିବ। ଏହିପରି ମୋଟ ୫୬.୨୩ କୋଟି ଟଙ୍କା ସହାୟତା ପ୍ରଦାନ କରାଯିବ। ୨୦୨୨ ଶସ୍ୟବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ କେନ୍ଦୁପତ୍ର ତୋଳାଳିଙ୍କୁ ୧ ହଜାର ଟଙ୍କା ଏବଂ ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କୁ ୧୫ ଶହ ଟଙ୍କା ଲେଖାଏ ମୋଟ ୮୩.୩୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ୨୦୨୨ ଶସ୍ୟବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୭ ଲକ୍ଷ ୭୫ ହଜାର କେନ୍ଦୁପତ୍ର ତୋଳାଳିଙ୍କୁ ୧ ହଜାର ଟଙ୍କା ଆର୍ଥିକ ସହାୟତା, ପାଣି ବୋତଲ ପାଇଁ ୨୦୦ ଟଙ୍କା ଏବଂ ଚପଲ ପାଇଁ ୧୬୦ ଟଙ୍କା, ଏହିପରି ଭାବେ ପ୍ରତ୍ୟେକ କେନ୍ଦୁପତ୍ର ତୋଳାଳିଙ୍କୁ ୧୩୬୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ୪୦ ହଜାର କେନ୍ଦୁପତ୍ର ବନ୍ଧାଳି ଏବଂ ସାମୟିକ କର୍ମଚାରୀଙ୍କୁ ପ୍ରତ୍ୟେକ ୧୫୦୦ ଟଙ୍କାର ସହାୟତା ରାଶି ହିସାବରେ ମୋଟ ୧୧୧.୨୧ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ତୃତୀୟ ପର୍ଯ୍ୟାୟକୁ ମିଶାଇ ୨୦୨୨ ଶସ୍ୟବର୍ଷ ପାଇଁ କେନ୍ଦୁପତ୍ର ହିତାଧିକାରୀମାନଙ୍କୁ ବୋନସ, ପ୍ରୋତ୍ସାହନ ରାଶି ଓ ଆର୍ଥିକ ସହାୟତା ବାବଦକୁ ୨୫୦.୭୮ କୋଟି ଟଙ୍କାର ସହାୟତା ଦିଆଯାଇଛି, ଯାହାକି ଗୋଟିଏ ଫସଲ ବର୍ଷରେ ସର୍ବକାଳୀନ ରେକର୍ଡ। ସୂଚନାଯୋଗ୍ୟ, ୨୦୨୧ ପାଇଁ ୨୦୨୨ରେ କେନ୍ଦୁପତ୍ର ତୋଳାଳିଙ୍କୁ ୧୧୮.୮୩ କୋଟି ଟଙ୍କାର ବୋନସ ଓ ସହାୟତା ପ୍ରଦାନ କରାଯାଇଥିଲା। ୨୦୨୨ ଶସ୍ୟବର୍ଷ ପାଇଁ କେନ୍ଦୁପତ୍ର ହିତାଧିକାରୀମାନଙ୍କୁ ୨୦୨୧ଠାରୁ ୧୧୧ ପ୍ରତିଶତ ଅଧିକ ସହାୟତା ରାଶି ପ୍ରଦାନ କରାଯାଉଛି। କେନ୍ଦୁପତ୍ର ହିତାଧିକାରୀମାନେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଅଟନ୍ତି। ସେମାନଙ୍କ ଜୀବନଧାରଣ ମାନର ଉନ୍ନତିରେ ଏହି ଆର୍ଥିକ ସହାୟତା ବିଶେଷ ସହାୟକ ହେବ।

# ଚତୁର୍ଥ ପର୍ଯ୍ୟାୟରେ ୧,୭୭୧ ସ୍କୁଲ ରୂପାନ୍ତର ହେବ




**ପ୍ରସ୍ତୁତ ହେଲା ରୂପାନ୍ତର ନକ୍ସା**

**ଛାତ୍ରୀଛାତ୍ର, ପ୍ରଧାନଶିକ୍ଷକ, ସରପଞ୍ଚଙ୍କ ସହ ଆଲୋଚନା କଲେ ୫-ଟି ସଚିବ**

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟର ୧୭୭୧ ହାଇସ୍କୁଲ ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜରିଆରେ ରୂପାନ୍ତର ହେବ। ଏ ନେଇ ନକ୍ସା ପ୍ରସ୍ତୁତ କରାଯାଇଛି। ଏହି ପର୍ଯ୍ୟାୟ ସମେତ ରାଜ୍ୟର ସମସ୍ତ ୮୬୫୪ ହାଇସ୍କୁଲର ଭିତ୍ତିଭୂମି ରୂପାନ୍ତର ସମ୍ପୂର୍ଣ୍ଣ ହେବ। ଏ ପର୍ଯ୍ୟନ୍ତ ରାଜ୍ୟରେ ତିନୋଟି ପର୍ଯ୍ୟାୟରେ ୬୮୮୩ ହାଇସ୍କୁଲ ରୂପାନ୍ତର କାମ ସମ୍ପୂର୍ଣ୍ଣ ହୋଇଛି। ଡିସେମ୍ବର ୨୦୨୩ ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ହାଇସ୍କୁଲଗୁଡ଼ିକର ରୂପାନ୍ତର କାର୍ଯ୍ୟ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଗଞ୍ଜାମ, ବରଗଡ଼, କେନ୍ଦୁଝର, କଟକ, ମୟୂରଭଞ୍ଜ, ମାଲକାନଗିରି, ପୁରୀ, ଗଜପତି, ଢେଙ୍କାନାଳ ଆଦି ୯ଟି ଜିଲାର ୧୦୧ ବ୍ଲକ ଓ ୨ଟି ମ୍ୟୁନିସିପାଲିଟି କର୍ପୋରେଶନର ୭୫୨ଟି ହାଇସ୍କୁଲର ପ୍ରଧାନଶିକ୍ଷକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ସରପଞ୍ଚ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନଙ୍କ ସହିତ ମାରାଥନ ବୈଠକ କରିଛନ୍ତି। ସେମାନଙ୍କ ସ୍କୁଲରେ ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ କିଭଳି କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଆଲୋଚନାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ଖୋଲା ମତ ପୋଷଣ କରିଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳି ଶେରଗଡ଼ରୁ ୨୦୨୧ରୁ ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୩ଟି ପର୍ଯ୍ୟାୟରେ ସାରା ରାଜ୍ୟରେ ୬୮୮୩ଟି ହାଇସ୍କୁଲର ରୂପାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ହେବା ସଙ୍ଗେ ସଙ୍ଗେ ସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ଆଗ୍ରହ ବୃଦ୍ଧିରେ ସହାୟକ ହୋଇପାରିଛି।

# ୫ହଜାର ଏଲ୍‌ଟିଆର୍ ମେଡିକାଲ ଅଫିସର ପଦବୀ ସୃଷ୍ଟି

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ୟାଡର ୫ ହଜାର ନୂଆ ଲିଭ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର(ଏଲ୍‌ଟିଆର୍‌ଏମ୍‌ଓ) ଗ୍ରୁପ୍-ଏ(ଜୁନିୟର ବ୍ରାଞ୍ଚ) ପଦବୀ ସୃଷ୍ଟି କରିଛନ୍ତି। ଜିଲା ମୁଖ୍ୟାଳୟଠାରୁ ଆରମ୍ଭ କରି ସବ୍‌ଡିଭିଜନ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ସରକାରୀ ଡାକ୍ତରଖାନା ଆଦି ପାଇଁ ଏହି ନୂତନ ପଦବୀଗୁଡ଼ିକ ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ(ଏ ଆଣ୍ଡ ଇ)ଙ୍କୁ ଚିଠି ଲେଖି ଜଣାଇଛନ୍ତି। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ସରକାରୀ ଡାକ୍ତରଖାନା ପାଇଁ ୬୮୯ ଏଲ୍‌ଟିଆର୍‌ଏମ୍‌ଓ ପଦବୀ ସୃଷ୍ଟି କରାଯାଇଥିବା ବେଳେ ସବ୍‌ଡିଭିଜନାଲ ହସ୍ପିଟାଲ ପାଇଁ ୪୮୦ଟି, ୩୭୫ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ୩୭୫୦ ଏବଂ ଅନ୍ୟାନ୍ୟ ହସ୍ପିଟାଲ ପାଇଁ ୮୧ ଏଲ୍‌ଟିଆର୍‌ଏମ୍‌ଓ ପଦବୀ ସୃଷ୍ଟି କରାଯାଇଛି।

# ଲଘୁଚାପ: ୩ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଏଥିସହିତ ଛତିଶଗଡ଼ ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ରହିଛି। ଏଥିଯୋଗୁ ଦକ୍ଷିଣ-ପଶ୍ଚିମ ମୌସୁମୀ ମଧ୍ୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି ଏବଂ ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୧ ତାରିଖରେ ସୋନପୁର, ବଲାଙ୍ଗୀର, ସମ୍ବଲପୁର, ବୌଦ୍ଧ, ଅନୁଗୋଳ, କଟକ, ଜଗତ୍‌ସିଂହପୁର ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୨ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୩ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଗଜପତି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଛେଣ୍ଡିପଦା,୧୯।୭(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ୨ ଜଣ ଯୁବକ ମୋଟରସାଇକେଲରେ ବସାଇ ଅପହରଣ କରି ନେଇଥିବା ନେଇ ପରିବାର ଲୋକେ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଥାନା ଅଞ୍ଚଳର ଜନୈକା ନାବାଳିକା ସକାଳ ୯ଟାରେ ସାଙ୍ଗମାନଙ୍କ ସହ ଗ୍ରାମ ପାଖ ନଦୀକୁ ଗାଧୋଇବାକୁ ଯାଇଥିଲେ। ସମସ୍ତ ସାଙ୍ଗ ଗାଧୋଇ ସାରି ପୋଲ ଉପରକୁ ଆସିବା ପରେ ପୁରୁଣାଗଡ ଗ୍ରାମର ୨ଜଣ ଯୁବକ ସମ୍ପୃକ୍ତା ନାବାଳିକାଙ୍କୁ ମୋଟର ସାଇକେଲରେ ଜବରଦସ୍ତ ବସାଇ କୁଣ୍ଢେଇଗୋଳା ଥାନା ଅଞ୍ଚଳକୁ ନେଇ ସମ୍ପର୍କୀୟ ବନ୍ଧୁଙ୍କ ଘରେ ରଖିଥିଲେ। ଏ ନେଇ ନାବାଳିକା ପରିବାର ଲୋକଙ୍କୁ ଫୋନ ମାଧ୍ୟମରେ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଥାନା ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରାଯାଉଛି।

**ପ୍ରଥମ ପୃଷ୍ଠାରୁ...**

## ବିଜ୍ ରେଲିଂରେ ...

ଉପର ଦେଇ ପିପାଲକୋଟି ଗ୍ରାମ ପର୍ଯ୍ୟନ୍ତ ଲମ୍ବିଥିଲା। ତେବେ ଷ୍ଟେଟ୍ ଡିଜାଷ୍ଟର ରେସ୍ପନ୍ସ ଟିମ୍ (ଏସ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଆହତମାନଙ୍କୁ ହସ୍ପିଟାଲ ସ୍ଥାନାନ୍ତର ପାଇଁ ହେଲିକପ୍ଟର ବନ୍ଦୋବସ୍ତ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଗୃହରକ୍ଷୀଙ୍କ ମୃତ୍ୟୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ସେଠାରେ ୨୨ ଜଣ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ତୁରନ୍ତ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରଖାନାରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବା ଚମୋଲି ଏସ୍‌ପି ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି। ମୃତକଙ୍କ ପରିବାରକୁ ୫ଲକ୍ଷ ଲେଖାଏ ଏବଂ ଆହତ ପରିବାରକୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଧାମି ଘୋଷଣା କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

## ୨ କୁକି ମହିଳାଙ୍କୁ ଉଲଗ୍ନ ...

ଓ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା କୁକି ସମ୍ପ୍ରଦାୟ ମଧ୍ୟରେ କ୍ୟାମେରା ଆଗରେ ସଂଘର୍ଷ ହୋଇଥିଲା। ବଳାତ୍କାରର ଶିକାର ହୋଇଥିବା ୨ ମହିଳା କୁକି-ଜୁ ଜାତିର ବୋଲି କୁକି ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଆଇଟିଏଲ୍‌ଏଫ୍ କହିଛି। ଭାଇରାଲ ହୋଇଥିବା ଭିଡିଓରେ ମେଇତି ସମ୍ପ୍ରଦାୟର ବହୁସଂଖ୍ୟକ ପୁରୁଷ କୁକି-ଜୁ ଆଦିବାସୀ ମହିଳାଦ୍ୱୟଙ୍କୁ ବିବସ୍ତ୍ର କରି ବଳାତ୍କାର କରିବା ପାଇଁ ବିଲ ଆଡ଼କୁ ଟାଣିନେଉଥିବା ଦେଖିବାକୁ ମିଳିଛି। କିନ୍ତୁ ଉପସ୍ଥିତ ଜନତା ଦେଖଣାହାରି ସାଜି ସାହାଯ୍ୟ ପାଇଁ ଆକୁଳ ନିବେଦନ କରୁଥିବା ଦୁଇ ମହିଳାଙ୍କ କଥା ଶୁଣି ନ ଥିଲେ। ଜାତୀୟ ମହିଳା କମିଶନ ଏବଂ ଜାତୀୟ ଏସ୍‌ସି/ଏସ୍‌ଟି କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଆଇଟିଏଲ୍‌ଏଫ୍ ଦାବି କରିଛି। ଏନେଇ ପୋଲିସ ଥୋଉବଲ ଜିଲା ନୋଙ୍ଗପୋକ୍ ସେକ୍‌ମାଇ ଥାନାରେ ଅଜ୍ଞାତ ଅପରାଧୀଙ୍କ ବିରୋଧରେ ଅପହରଣ, ଗଣବଳାତ୍କାର ଓ ହତ୍ୟା ମାମଲା ରୁଜୁ କରିଛି। କିନ୍ତୁ ଅଦ୍ୟାବଧି କାହାକୁ ଗିରଫ କରି ପାରିନାହିଁ। ବିରୋଧୀ ଦଳଗୁଡ଼ିକର ନେତାମାନେ ଏହା ଉପରେ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସିର ୫ ଜଣିଆ ପ୍ରତିନିଧି ଟିମ୍ ଚୂଡ଼ାଚାନ୍ଦପୁର ରିଲିଫ୍ ଶିବିର ଏବଂ ଇମ୍ଫାଲ ଉପତ୍ୟକା ବୁଲି ଦେଖିଛନ୍ତି। ନେତାମାନେ ରାଜଭବନରେ ରାଜ୍ୟପାଳ ଅନୁସୂୟା ଉଇକେଙ୍କୁ ଭେଟି ହିଂସା ପ୍ରଭାବିତ ଲୋକଙ୍କ ଦୁର୍ଦ୍ଦଶା ଅବଗତ କରାଇଛନ୍ତି। ପାର୍ଲାମେଣ୍ଟରେ ଆମେ ଏହି ପ୍ରସଙ୍ଗ ଉଠାଇବୁ ବୋଲି କହିଛନ୍ତି।

## କଟକ ଡ୍ରେନ୍ ପୁଣି ...



ଆବର୍ଜନା ଏକାଠି କରୁଥିବାବେଳେ ତାଙ୍କ ଭାଇ ଉପରେ ଥାଇ ସେଗୁଡ଼ିକୁ ଟାଣି ଉପରକୁ ଆଣୁଥିଲେ। ଏଭଳି କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ନରସିଂହା ଡ୍ରେନ୍ ଭିତରକୁ ଖସିଯାଇ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏନେଇ ଜାଣିବା ପରେ ପୋଲିସକୁ ସୂଚନା ଦେଇଥିଲେ। ପରେ ସ୍ଥାନୀୟ ଲୋକେ ଓ ଦରଘାବଜାର ଥାନା ପୋଲିସ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ଲାଗି ଏସ୍‌ସିବି ମେଡିକାଲରେ ରଖାଯାଇଛି। ନରସିଂହାଙ୍କ ସ୍ତ୍ରୀ ଏବଂ ୬ବର୍ଷର ଏକ ଶିଶୁ କନ୍ୟା ଅଛନ୍ତି। ତାଙ୍କ ପରିବାର ଏବେ ଅସହାୟ ହୋଇପଡ଼ିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ୍ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ସିଏମ୍‌ସିର ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ବାସିନ୍ଦା ଓ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂହ ଏହା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କହିଛନ୍ତି। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବା ଉପରେ ପଦକ୍ଷେପ ନିଆଯିବ ଓ ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେନେଇ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସଂସ୍ଥାଗୁଡ଼ିକ ସହ ଆଲୋଚନା କରାଯିବା ସହ ଅଧିକାରୀମାନଙ୍କୁ ତାଗିଦା କରାଯାଇଥିବା ମେୟର କହିଛନ୍ତି। ପରେ ପୋଲିସର ହସ୍ତକ୍ଷେପ ଫଳରେ ରାସ୍ତାରୋକୋ ହଟିଥିଲା। ଉଲ୍ଲେଖଯୋଗ୍ୟ, କଟକ ମହାନଗର ନିଗମ ୱାର୍ଡ ନଂ. ୨୬ ଅନ୍ତର୍ଗତ ଝୋଲାସାହି ନିକଟ ମୁକୁଳା ଡ୍ରେନ୍‌ରେ ଗତ ୧୫ତାରିଖରେ କଟକ ବୁଲିବାକୁ ଆସିଥିବା ଜଣେ ୨୧ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଯୁବକ ଜଣକ ହେଲେ ରାଜସ୍ଥାନର ବାସିନ୍ଦା ରାହୁଲ ଖଟିକ୍। ଏଥିସହ ଗତ ଜାନୁୟାରୀ ମାସରେ ଜଣେ ୯ ବର୍ଷର ଛାତ୍ରଙ୍କ ମୁକୁଳା ଡ୍ରେନ୍‌ରେ ପଡ଼ି ମୃତ୍ୟୁ ହୋଇଥିଲା। ସେହିପରି ଗତ ମେ ୩୦ ତାରିଖରେ କେଶରପୁର-ଗହ୍ଣାଡିଆ ଅଞ୍ଚଳରେ ଚାଲୁଥିବା ବକ୍ସଡ୍ରେନ କାମ ବେଳେ ଲୁହା ପାଇପ୍ ତଳେ ଚାପି ହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା। ବାରମ୍ବାର ଏଭଳି ଅଘଟଣ ଘଟୁଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ସେଭଳି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ବନାଗ୍ନି ସମ୍ବନ୍ଧରେ ସତର୍କ ...

ପକ୍ଷରୁ ଏହି ଡିଭାଇସ୍ ଡିଜାଇନ୍ କରାଯାଇଥିଲା। ତେବେ ଜଙ୍ଗଲରେ ନିଆଁ ଲାଗିବାର ୧୦ରୁ ୧୫ ମିନିଟ୍ ମଧ୍ୟରେ ଇଲେକ୍ଟ୍ରିକ୍ ନୋଜ୍ ଜଙ୍ଗଲ ନିଆଁ ସମ୍ବନ୍ଧରେ ମନିଟରିଂ ସିଷ୍ଟମ ଏବଂ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସତର୍କ କରାଇ ଦେବ ବୋଲି କମ୍ପାନୀର ସହ-ପ୍ରତିଷ୍ଠାତା ଜର୍ଜେନ୍ ମୁଏଲର କହିଛନ୍ତି। ପାଖାପାଖି ୧୦ ଦେଶ ଇଲେକ୍ଟ୍ରିକ୍ ନୋଜ୍‌କୁ ନେଇ ଏବେ ପରୀକ୍ଷଣ ଆରମ୍ଭ କରିଛନ୍ତି। ୨୦୩୦ ସୁଦ୍ଧା କମ୍ପାନୀ ୧୨୦ ନିୟୁତ ସେନ୍‌ସର ନୋଜ୍ ବିକ୍ରି କରିବା ନେଇ ଆଶା ରଖିଛି। ବ୍ରାଣ୍ଡେନ୍‌ବର୍ଗର ଫରେଷ୍ଟ ଫାୟାର ପ୍ରୋଟେକ୍ସନ୍ ଅଫିସର ରେମଣ୍ଡ ଇଙ୍ଗେଲ ଡିଭାଇସ୍‌ର ଉପକାରିତା ପାଇଁ ଏହାକୁ ପ୍ରଶଂସା କରିଛନ୍ତି। ଜଳବାୟୁ ପରିବର୍ତ୍ତନ ସକାଶେ ଭୂମଧ୍ୟସାଗରୀୟ ଅଞ୍ଚଳରେ ଅରଣ୍ୟ ନିଆଁ ବଡ଼ ସମସ୍ୟା ପାଲଟିଛି। ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ରହୁଥିବାବେଳେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି।

## ମଦ ବେପାରୀଙ୍କଠାରୁ ଲାଞ୍ଚ ...

ଭିଜିଲାନ୍ସ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ଟ୍ରାପ୍ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ବୁଧବାର ଅପରାହ୍ନ ୩ଟାରେ ମଦ ବ୍ୟବସାୟୀ ଜଣକ ଚାନ୍ଦିପୁର ଥାନାର ଏଏସ୍‌ଆଇ ମହାନ୍ତିଙ୍କ ପାଖରେ ପହଞ୍ଚି ଆଇଆଇସି ପ୍ରଧାନଙ୍କ ଉପସ୍ଥିତିରେ ଟଙ୍କା ଦେଇଥିଲେ। ପୂର୍ବ ପ୍ରସ୍ତୁତ ଯୋଜନା ଅନୁସାରେ ଭିଜିଲାନ୍ସର ଏକ ଟିମ୍ ଦୁଇ ଅଧିକାରୀଙ୍କୁ ଲାଞ୍ଚ ନେବା ବେଳେ ଗିରଫ କରିଛି। ଅନ୍ୟପକ୍ଷରେ ଭିଜିଲାନ୍ସ ଉଭୟ ଅଧିକାରୀଙ୍କର ବାସଭବନ ସମେତ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବହୁଦିନରୁ ଚିନ୍ତାକରିପାରି ନ ଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଜି ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ବନ୍ଧୁଙ୍କ ମନୋଭାବ ବଦଳିଯିବା କାରଣରୁ ପରିସ୍ଥିତି ମଧ୍ୟ ବଦଳିଯାଇପାରେ। ଅଭାବ ନ ଥିଲେ ମଧ୍ୟ କେତେକ ଘଟଣା ଅଶ୍ୱିନୀର ମନକୁ ଅଶାନ୍ତ ରଖିପାରେ।

**ବୃଷ**
ସତ କହିବା କାରଣରୁ ନିଜ ଲୋକମାନେ ଦୂରେଇ ଯାଉଥିବା ଲକ୍ଷ୍ୟକରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିପାରନ୍ତି। ସଭାସମିତ, ସଙ୍ଗଠନ, ରାଜନୀତି, ପ୍ରଶାସନ, ଆଲୋଚନା, କ୍ଷେତ୍ରରୁ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ର ପାରିବାରିକ ସଦ୍‌ଭାବ ବୃଦ୍ଧିପାଇବାରୁ ଖୁସି ହେବେ।

**ମିଥୁନ**
ଜଣେ ବନ୍ଧୁଙ୍କଠାରୁ ହାତ ଉଧାରି ଟଙ୍କା ଆଣି ଆବଶ୍ୟକତା ପୂରଣ କରିବେ। ପଡ଼ୋଶୀ କେହି ପ୍ରତିବାଦକଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ସପକ୍ଷରେ ମତ ଦେଇପାରନ୍ତି। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ମୃଗଶିରା ନକ୍ଷତ୍ର ଛୋଟ ଘଟଣାକୁ ଗୁରୁତର ମନେକରି ଭାବପ୍ରବଣ ହୋଇପାରନ୍ତି।

**କର୍କଟ**
ଆଜିର କର୍ମକ୍ଷେତ୍ରରେ ସାଧାରଣ ଯୁକ୍ତତର୍କ ବିବାଦର ରୂପ ଗ୍ରହଣ କରିବ। ଯାନବାହନ, ଧାତୁ ଅଳଙ୍କାର, ଯାନ୍ତ୍ରିକ ଜିନିଷ, ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ। ଅଶ୍ଳେଷା ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ଉତ୍ତରାଫାଲ୍‌ଗୁନୀ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଭଲ ରହି ନ ପାରେ। କାମ ସବୁ ବହୁ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ ହେବେ।

**କନ୍ୟା**
ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଅସାବଧାନତାରୁ ଦ୍ରବ୍ୟନଷ୍ଟ କିମ୍ବା ଧନ ହାନି କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ହସ୍ତା ନକ୍ଷତ୍ର ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**
ମନରେ ଦୁର୍ଭାବନା ବଢ଼ିଚାଲିବା ହେତୁ ମନ ଓ କାମ ଶୃଙ୍ଖଳିତ ରହିପାରବ ନାହିଁ। ଫେରନ୍ତା ବାଟରୁ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ। ସ୍ୱାତୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ଘଟିବ।

**ବିଛା**
ଆଜି ପୂର୍ବ ସମସ୍ୟାର ଯଥାବିଧି ସମାଧାନ ପାଇଁ ତତ୍ପରତା ପ୍ରକାଶ କରିପାରିଲେ ସଫଳତା ପାଇବେ। ପରିବାର ଭିତରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସମ୍ପର୍କୀୟ ମିଛ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧିପାଇବ।

**ଧନୁ**
ପରିକଳ୍ପିତ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ରର ଦୀର୍ଘ ପଥ ଭ୍ରମଣ ସ୍ୱାସ୍ଥ୍ୟ ସକାଶେ ବାଧକ ସାଜିପାରେ। ପ୍ରତ୍ୟେକ କଥାକୁ ସହଜ, ସରଳ ଢଙ୍ଗରେ ଗ୍ରହଣକଲେ କ୍ଷତିରେ ପଡ଼ିପାରନ୍ତି। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର**
ଅନ୍ୟର ମନ ଅନୁଯାୟୀ କାମ କରି କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଧନିଷ୍ଠା ନକ୍ଷତ୍ରର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି। ନିର୍ମାଣ, ମରାମତି କାମ ଓ ପ୍ରତିଟି ପଦକ୍ଷେପରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଭୁଲ୍ ବୁଝାମଣା ବୃଥା ସନ୍ଦେହଜନିତ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିବ।

**କୁମ୍ଭ**
ବନ୍ଧୁଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଯାହା ଖୋଜୁଛନ୍ତି ତାହା ଆଜି ପାଇବେ ଏବଂ ପ୍ରତିବେଶୀଙ୍କ ସାହାଯ୍ୟ ଓ ସହଯୋଗରୁ ଉପକୃତ ହେବେ। ପୂର୍ବଭାଦ୍ରବ ନକ୍ଷତ୍ରର ଗୋପନୀୟ କଥା ପ୍ରଘଟ ହେବା କାରଣରୁ ଚିନ୍ତିତ ରହିବେ। ଭ୍ରମଣ, ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ଭଲ।

**ମୀନ**
କର୍ମକ୍ଷେତ୍ରରେ କାଳକ୍ଷେପଣ ନୀତି ଓ ଅବହେଳା ଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପାରିବାରିକ ବ୍ୟତିକ୍ରମକୁ ସୁଧାରିବାର ପ୍ରୟାସ କରିବେ। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ଆଲୋଚନା, ସେବାସଂସ୍ଥା, ରାଜନୀତି, କଳା, ସାହିତ୍ୟରୁ ପ୍ରଶଂସିତ ହେବେ। ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଶ୍ରାବଣ(ମଳ) ଶୁକ୍ଳପକ୍ଷ ତୃତୀୟା ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଜୁଲାଇ ୨୦ ତାରିଖ, ଶାରଦାଦେବୀଙ୍କ ଶ୍ରାଦ୍ଧଦିବସ, ମୁସଲମାନ ନବବର୍ଷ, ମହରମ ମାସ ଆରମ୍ଭ। ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ପ୍ରାତଃ ଘ.୦୫।୨୧ ଗତେ, ଘ.୦୭।୦୬ ମଧ୍ୟେ, ଘ.୧୦।୩୪ ଗତେ, ଘ.୦୧।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୩୦ ଗତେ, ଘ.୦୩।୦୮ ମଧ୍ୟେ ରାହୁକାଳ।

# ସୁଧରେ ଆଣିଥିବା ଟଙ୍କା ଶୁଝି ନ ପାରି ଦମ୍ପତିଙ୍କ ଆତ୍ମହତ୍ୟା

■ ଲୋକଲଜ୍ଜା ଭୟରେ ଟ୍ରେନ୍ ଆଗକୁ ଡେଇଁଲେ

■ ସୁଇସାଇଡ୍ ନୋଟ୍ ଜବତ, ପୋଲିସ ତଦନ୍ତ ଜାରି

କଳିଙ୍ଗନଗର,୧୯।୭ (ଶୁଭାଶିଷ ରାଉତ)

ଯାଜପୁର ଜିଲା ଟମକା ଥାନା ଅଧୀନ ଓସ୍ତପାଳ ପଞ୍ଚାୟତର ଧୂଳିଆପଶି ନିକଟରେ ଏକ ଦମ୍ପତି ବୁଧବାର ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସୁଧରେ ଆଣିଥିବା ଟଙ୍କା ଶୁଝି ନ ପାରିବାରୁ ସେମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗି ରହୁଥିଲା। ତେଣୁ ଘରୋଇ କଳହକୁ କେନ୍ଦ୍ରକରି ଦମ୍ପତି ଶେଷରେ ଏଭଳି ନିଷ୍ପତ୍ତି ନେଇଛନ୍ତି। ମୃତ ଦମ୍ପତି ଟମକା ଥାନା ଅନ୍ତର୍ଗତ ଓସ୍ତପାଳ ଗ୍ରାମର ନିମାଇଁ ବାଇ ଓ ଜାନକୀ ବାଇ ବୋଲି ଜଣାପଡ଼ିଛି। ଯାଜପୁର ରୋଡ୍ ରେଲୱେ ପୋଲିସ ଦମ୍ପତିଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲକୁ ପଠାଇଛି। ଏଥିସହିତ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସେଥିରେ ଉଲ୍ଲେଖ ରହିଛି ସେହି ଗ୍ରାମର ଜଣେ ମହିଳାଙ୍କଠାରୁ ଦମ୍ପତି ୩୦ ହଜାର ଟଙ୍କା ଧାର ଆଣିଥିଲେ। ହେଲେ ଫେରାଇ ପାରି ନ ଥିବାରୁ ମହିଳା ଜଣକ ସର୍ବସାଧାରଣରେ ଦମ୍ପତିଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅପମାନିତ କରିଥିଲେ। ତେଣୁ ଲୋକଲଜ୍ଜା ସହି ନ ପାରି ଦମ୍ପତି ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟ୍‌ରେ ଲେଖାରହିଛି। ନିମାଇଁଙ୍କ ସ୍ୱାକ୍ଷର ଥିବା ଏବଂ ନାଲି ରଙ୍ଗରେ ଲେଖାଥିବା ଏହି ଚିଠିକୁ ପୋଲିସ ଯାଞ୍ଚ କରୁଛି। ନିମାଇଁ କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାରେ କାର୍ଯ୍ୟରତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କେନ୍ଦୁପତ୍ର କର୍ମଚାରୀ ଉତ୍ସାହିତ



ପ୍ଲାକାର୍ଡ ଦେଖାଇ ଦାବି ରଖୁଛନ୍ତି ସମ୍ବଲପୁର ଯୁଯୁମୁରା ଅଞ୍ଚଳର କେନ୍ଦୁପତ୍ର କର୍ମଚାରୀ।

ସମ୍ବଲପୁର,୧୯।୭(ଶୁଭାଶିଷ ପାଢ଼ୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁପତ୍ର ଶ୍ରମିକମାନଙ୍କ ପାଇଁ ବୁଧବାର ୫୬ କୋଟି ଟଙ୍କାର ବୋନସ୍ ଘୋଷଣା କରିଛନ୍ତି। ଏହାକୁ ନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ଜୁଲାଇ ୧୫ ଓ ୧୬ରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଏହି ଗସ୍ତର ପ୍ରଥମ ଦିନରେ ସେ ମହାନଗର ନିଗମ ଅନ୍ତର୍ଗତ ମନ୍ଦଲିଆ ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ସଭାରେ ବହୁ ସଂଖ୍ୟକ ମହିଳାଙ୍କ ସହ କେନ୍ଦୁପତ୍ର ଶ୍ରମିକ, ତୋଳାଳି, ବନ୍ଧାଳିମାନେ ଉପସ୍ଥିତ ଥିଲେ। ସଭା ପରେ ୫-ଟି ସଚିବ କେନ୍ଦୁପତ୍ର ସହ ଜଡିତ ହୋଇ ରୋଜଗାର କରୁଥିବା କର୍ମଚାରୀ, ମହିଳାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁପତ୍ର ଶ୍ରମିକମାନଙ୍କୁ ଗୁରୁତ୍ୱ ଦେଇଆସୁଛନ୍ତି। ପୂର୍ବରୁ ସାମାଜିକ ସୁରକ୍ଷା ଯୋଜନାରେ ବିଭିନ୍ନ ସହାୟତା, ବୋନସ୍ ଦିଆଯାଉଥିଲା। ଏବେ ମଧ ଦିଆଯିବ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ରାଜ୍ୟର କେନ୍ଦୁପତ୍ର ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବେ। ଏନେଇ ଖୁସି ଖବର ପାଇବେ ବୋଲି ସେ କହିଥିଲେ। ପରଦିନ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କୁ ମଧ ସର୍କିଟ ହାଉସରେ ଅନୁରୂପ ଭାବେ ପ୍ରତିଶ୍ରୁତି ଦେଇଥିଲେ। ସମ୍ବଲପୁରରୁ ଫେରିବାର ମାତ୍ର ୩ଦିନ ପରେ ମୁଖ୍ୟମନ୍ତ୍ରୀ ବୋନସ୍ ଘୋଷଣା କରିଥିବାରୁ କେନ୍ଦୁପତ୍ର କର୍ମଚାରୀ ସଂଘ ସଦସ୍ୟ ଏହାକୁ ସ୍ୱାଗତ କରିଛନ୍ତି।

ୱେଲଫେୟାର ବୋର୍ଡ ଉପଦେଷ୍ଟା କହିଛନ୍ତି, ପୂର୍ବରୁ ବୋନସ, ବିବାହ ସହାୟତା, ସର୍ବନିମ୍ନ ମଜୁରି ନେଇ ୨୨ ଜିଲାର ୧୯ ଡିଭିଜନରେ ପର୍ଯ୍ୟାୟକ୍ରମେ ଦାବି ହୋଇଆସୁଥିଲା। ସରକାର ଆମର ଅଧିକାର ବୋନସ୍ ଦେବାକୁ ଘୋଷଣା କରିଛନ୍ତି। ଏହାକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଉଛି।

# ୨ ରେଳ କର୍ମଚାରୀ ନିଲମ୍ବିତ

**ଭଦ୍ରକ-ବାଲେଶ୍ୱର ମେମୁ ଦୁର୍ଘଟଣାରୁ ବର୍ତ୍ତିବା ଘଟଣା**

ବାଲେଶ୍ୱର, ୧୯।୭(ମାନସ ବିଶ୍ୱାଳ)



ଲୁପ୍ ଲାଇନ୍‌ରେ ଥିବା ବାଲେଶ୍ୱର-ଭଦ୍ରକ ମେମୁ ଟ୍ରେନ୍।

ବାଲେଶ୍ୱର ଜିଲା ନୀଳଗିରି ରୋଡ୍ ଷ୍ଟେଶନ ନିକଟରେ ଭଦ୍ରକ-ବାଲେଶ୍ୱର ମେମୁ ଟ୍ରେନ୍ ଲୁପ୍‌ଲାଇନ୍ ଭିତରକୁ ପଶି ଆସିବା ଘଟଣାରେ ରେଲୱେ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ପାଇଁ ବୁଧବାର ୨ ଜଣ ରେଳ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନେ ନୀଳଗିରି ରୋଡ୍ ଷ୍ଟେଶନ୍ ମ୍ୟାନେଜର ସୁବାସ ସେଠୀ ଓ ପଏଣ୍ଟମ୍ୟାନ୍ ସେକ୍ ମହମ୍ମଦ ଖଲିପ ବୋଲି ଲୋକସମ୍ପର୍କ ବିଭାଗର ବରିଷ୍ଠ ଡିଭିଜିନାଲ ମ୍ୟାନେଜର ସୂଚନା ଦେଇଛନ୍ତି।

ମଙ୍ଗଳବାର ଭଦ୍ରକରୁ ବାଲେଶ୍ୱର ଆସୁଥିବା ମେମୁ ଟ୍ରେନ ନୀଳଗିରି ରୋଡ଼ ଷ୍ଟେଶନ ନିକଟରେ କ୍ରସଓଭର ସମସ୍ୟା ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। କ୍ରସଓଭର ବା ଇଣ୍ଟରଲକିଂରେ ସମସ୍ୟା ଥିବା ଜଣାପଡ଼ିଥିଲା। ଲୋକୋ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଟ୍ରେନ୍‌ରେ ଥିବା ଅନେକ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଯାଇଛି। ଟ୍ରେନ୍‌ଟି ନୀଳଗିରି ରୋଡ୍ ଷ୍ଟେଶନ ଛାଡ଼ିବାର ପ୍ରାୟ ୧୦୦ ମିଟର ପରେ ଏକ ବଡ଼ଧରଣର ଶବ୍ଦ ହୋଇଥିଲା। ଟ୍ରେନ୍ ଜୋର ବ୍ରେକ ମାରିବାରୁ ଯାତ୍ରୀମାନେ ଭୟଭୀତ ହୋଇଥିଲେ। ଟ୍ରେନ୍ ଟ୍ରାକ୍‌ରେ ତ୍ରୁଟି ଥିବା ଜଣାପଡ଼ିଥିଲା। ଦେଢ଼ଘଣ୍ଟା ପରେ ରେଳବିଭାଗର ଏକ ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତ୍ରୁଟି ସଜାଡ଼ିବା ପରେ ଟ୍ରେନ୍ ବାଲେଶ୍ୱର ଅଭିମୁଖେ ଯାଇଥିଲା। ତେବେ ପଏଣ୍ଟ ରିଭର୍ସ ସେଟରେ ସମସ୍ୟା ଥିବା ବେଳେ ସିଗନାଲ ଷ୍ଟାଫଙ୍କ ଅବହେଳା ଯୋଗୁ ଏକ ବଡ଼ ଦୁର୍ଘଟଣାର ଶିକାର ହୋଇଥାନ୍ତା ମେମୁ ଟ୍ରେନ।

# ସାନଭାଇଙ୍କୁ ହତ୍ୟା

ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ବେହେରା ଗ୍ରାମରେ ଜମିଜମା ଗଣ୍ଡଗୋଳକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡରେ ଗ୍ରାମର ସ୍ୱର୍ଗତ ବେଣୁ ଭୁଏଙ୍କ ସାନପୁଅ ସୁଦାମ ଭୁଏ (୩୫)ଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୋଲିସ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୃତକଙ୍କ ୨ବଡ଼ଭାଇ ଶୁକଦେବ(୫୬), ସାନନ୍ଦ(୪୬) ଏବଂ ପୁତୁରା ତଥା ଅଭିଯୁକ୍ତ ସାନନ୍ଦଙ୍କ ପୁଅ ଟିଟୁ ଓରଫ ଶ୍ରୀକାନ୍ତ(୨୦)।

ମୃତକଙ୍କ ପରିବାରରେ ୬ଭାଇ ଥିଲେ ଏବଂ ଘରର ଗୋଟିଏ ପରିସରରେ ସମସ୍ତେ ରହୁଥିଲେ। ସେମାନଙ୍କ ମଧ୍ୟରୁ ମୃତ ସୁଦାମ ସାନଭାଇ ଏବଂ ଅବିବାହିତ ଥିଲେ। ତେବେ ତାଙ୍କ ନାମରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଏକ ଘର ମଞ୍ଜୁର ହୋଇଥିଲା। ଫଳରେ ଘର ନିର୍ମାଣ ପାଇଁ ତାଙ୍କୁ ଜାଗା ଟିକିଏ ଦେବା ପାଇଁ ସେ ଅନ୍ୟଭାଇଙ୍କୁ ବାରମ୍ବାର ନେହୁରା ହେଉଥିଲେ। ଏପରିକି ଏଥିପାଇଁ ପରିବାରରେ ବାରମ୍ବାର ଗଣ୍ଡଗୋଳ ଉପୁଜି ଆସୁଥିଲା। ତେବେ ଗତ ୧୬ତାରିଖ ରାତିରେ ସୁଦାମ ଘରକୁ ପହଞ୍ଚି ପୁଣି ସେଥିପାଇଁ ଗଣ୍ଡଗୋଳ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ୨ବଡ଼ଭାଇ ଶୁକଦେବ, ସାନନ୍ଦ ଏବଂ ପୁତୁରା ଟିଟୁ ସୁଦାମଙ୍କୁ ପଥର ଏବଂ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାତାରାତି ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ମଙ୍ଗଳବାର ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ତେବେ ସୁଦାମଙ୍କ ମୃତ୍ୟୁ ପରେ ପୋଲିସ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା। ବୁଧବାର ଉପରୋକ୍ତ ୩ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

# ଲଗାଣ ବର୍ଷା: ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି

**୧୨୩ ଛାତ୍ରୀଛାତ୍ର ଚତୁର୍ଥ ସେମିଷ୍ଟର ପରୀକ୍ଷାରୁ ବଞ୍ଚିତ**

ମାଲକାନଗିରି,୧୯।୭(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲାରେ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏଥିଯୋଗୁ ବୁଧବାର ସମସ୍ତ ରାସ୍ତାଘାଟ ବନ୍ଦ ହୋଇଯାଇଥିଲା। ଫଳରେ ବର୍ତ୍ତମାନ ଜିଲାର ସମସ୍ତ କଲେଜରେ ଚତୁର୍ଥ ସେମିଷ୍ଟର ପରୀକ୍ଷା ହେଉଥିଲା। ଏଥିରୁ ୧୨୩ ଛାତ୍ରୀଛାତ୍ର ବଞ୍ଚିତ ହୋଇଛନ୍ତି। ଘରୁ ବାହାରି ଥିବା ବେଳେ ପୋଲ ଉପରେ ୫ଫୁଟ ଉଚ୍ଚରେ ପାଣି ଚାଲୁଥିବାରୁ ପରୀକ୍ଷା କେନ୍ଦ୍ରକୁ ଆସି ପାରିନଥିଲେ। ଏମ୍‌ଭି ୭୯ କଲେଜରେ ୧୦, କାଲିମେଲା କଲେଜରେ ୩୫, ମାଥିଲି କଲେଜରେ ୪, ଗୋବିନ୍ଦପାଲ୍ଲୀ କଲେଜରେ ଜଣେ, କୁଡୁମୁଲୁଗୁମା କଲେଜରେ ୪,ବାଲିମେଳା କଲେଜରେ ୩୨ ଓ ମାଲକାନଗିରି କଲେଜରେ ୩୭ ଜଣ ସମୁଦାୟ ୧୨୩ ଛାତ୍ରୀ ଛାତ୍ର ପରୀକ୍ଷା ଦେଇ ପାରିନାହାନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ପାଣିପାଗ ସୂଚନା ଅନୁଯାୟୀ ମାଲକାନଗିରି ଜିଲାକୁ ଆହୁରି ବର୍ଷା ହେବାର ସମ୍ଭାବନା ରହିଛି। ଲଗାଣ ବର୍ଷା ଲାଗି ରହିଲେ ରାସ୍ତା ଘାଟ ଓ ପୋଲ ଉପରୁ ପାଣି କମିବ ନାହିଁ ତେବେ ଆଗକୁ ହେବାକୁ ଥିବା ପରୀକ୍ଷା ଦେବା କଷ୍ଟ ହୋଇପଡିବ। ଏ ନେଇ ଛାତ୍ରୀ ଛାତ୍ର ଓ ଅଭିଭାବକ ଚିନ୍ତାରେ ପଡିଛନ୍ତି। ବର୍ତ୍ତମାନ ରେଗୁଲାର ଓ ବ୍ୟାକ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ପରୀକ୍ଷା ପାଇଁ ପ୍ରସ୍ତୁତି ଥିବା ବେଳେ ଛାତ୍ରୀ ଛାତ୍ରଙ୍କ ଉପରେ ଏହାର ପ୍ରଭାବ ପଡିବ ବୋଲି ଶିକ୍ଷାବିତମାନେ ପ୍ରକାଶ କରିଛନ୍ତି। ଏ ବିଷୟରେ ମାଲକାନଗିରି ନୋଡାଲ କଲେଜ ପ୍ରିନ୍ସିପାଲ ଲିଙ୍ଗରାଜ ମିଶ୍ର କହିଛନ୍ତି, ବର୍ଷା ଜଳ ଯୋଗୁ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିନଥିବା ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରଣଙ୍କୁ ଜଣାଇ ଦିଆଯାଇଛି। ସମସ୍ତ କଲେଜ ଅଧକ୍ଷମାନେ ମଧ ଜଣାଇଛନ୍ତି।

# ସରକାରଙ୍କୁ ୧୪୨୦ କୋଟିର ଲାଭାଂଶ ପ୍ରଦାନ କଲା ଓଏମ୍‌ସି

**ମୁଖ୍ୟମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କଲେ ଇସ୍ପାତ ଓ ଖଣି ମନ୍ତ୍ରୀ**

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୪୨୦ କୋଟି ଟଙ୍କାର ଲାଭାଂଶ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ୧୪୨୦ କୋଟି ଟଙ୍କାର ଚେକ୍‌କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି।

ଓଏମ୍‌ସି ହେଉଛି ଦେଶର ବୃହତ୍ ଲୁହାପଥର ଉତ୍ପାଦନକାରୀ କମ୍ପାନୀ। ୨୦୨୨-୨୩ରେ ଓଏମ୍‌ସି ୧୪,୪୫୦ କୋଟି ଟଙ୍କାର କାରବାର କରିଛି। ଏହା ରାଜ୍ୟର ୧୮ଟି ଖଣି ପରିଚାଳନା କରୁଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୩୩.୭୬ ନିୟୁତ ମେଟ୍ରିକ୍ ଟନ ଖଣିଜ ପଦାର୍ଥ ଉତ୍ପାଦନ କରିଥିବା ବେଳେ ସେଥିରୁ ୨୯.୬୮ ନିୟୁତ ଟନ ଲୁହାପଥର ଉତ୍ପାଦନ କରିଛି। ଗତ ବର୍ଷ ତୁଳନାରେ ଓଏମ୍‌ସି ୧୪.୯ ପ୍ରତିଶତ ଅଧିକ ଉତ୍ପାଦନ କରିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମରେ ଓଏମ୍‌ସି ସହାୟତା କରିଆସିଛି। ଏଥିସହିତ ରାଜ୍ୟ ତଥା ଲୋକମାନଙ୍କର ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ମଧ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଚେକ୍ ଦେବା ବେଳେ ଖଣି ଓ ଇସ୍ପାତ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ, ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ଉପସ୍ଥିତ ଥିଲେ।

BADRIPRASAD
Group of Institutions
DEGREE COURSES
BBA BCA
7008920803, 9238400140, 7008757504, 8269436175
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web : www.bitsambalpur.org / Email : bitechsbp@gmail.com / bcctsbp@gmail.com

## ନୀତି ରାଜନୀତି



ମୁମ୍ବାଇଠାରେ ବୁଧବାର ଏକ ବୈଠକରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ସହ ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ ଆଦିତ୍ୟ ଠାକ୍‌ରେ ଏକାଠି ହୋଇଛନ୍ତି।

# ପୂର୍ବତନ ପଞ୍ଚାୟତ ସମିତି ସଭ୍ୟଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର

ଭୁବନେଶ୍ୱର,୧୯।୭(ଅନିଲ ଦାସ): ପୁରୀ ଜିଲା ପୁରୀ ସଦର ବ୍ଲକର ଗୋପୀନାଥପୁର ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ପ୍ରଭାକର ସମର୍ଥାଙ୍କ ଉପରୁ ବିଜୁ ଜନତା ଦଳ ନିଲମ୍ବନ ପ୍ରତ୍ୟାହର କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ପ୍ରତ୍ୟାହାର କରାଯାଇଥିବା ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଭାଜପା ନେତା ପ୍ରବଚନ ଦେବା ବିଡ଼ମ୍ବନା: ବିଜେଡି

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ହତ୍ୟା ମାମଲାଠୁ ଆରମ୍ଭ କରି ସବୁ ପ୍ରକାର ଗୋଲକଧନ୍ଦାରେ ସମ୍ପୃକ୍ତ ଓଡ଼ିଶା ଭାଜପାର ଜଣେ କୁହାଳିଆ ନେତା କିଭଳି ବ୍ୟକ୍ତି, ତାହା ସମସ୍ତଙ୍କୁ ଜଣା। ରାଜ୍ୟ ଭାଜପାର ବଡ଼ ବଡ଼ ପଦପଦବୀରେ ବସିଥିବା ଏଭଳି ଅଭ୍ୟାସଗତ ଅପରାଧୀମାନେ ଅପରାଧ ସମ୍ପର୍କରେ ପ୍ରବଚନ ଦେବା ବିଡ଼ମ୍ବନା ବୋଲି ବିଜେଡି ମୁଖପାତ୍ର ଦ୍ରୁମନାଥ ପଣ୍ଡା କହିଛନ୍ତି।

ଶଙ୍ଖଭବନଠାରେ ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ରାଜ୍ୟ ଭାଜପା ମୁଖପାତ୍ର ଥିବା ଜଣେ ନେତା ଅପରାଧ ସମ୍ପର୍କରେ ନୀତିବାଣୀ ଶୁଣାଉଛନ୍ତି। ଛତ୍ରପୁର ହତ୍ୟା ମାମଲାରେ ସମ୍ପୃକ୍ତି ପଦାକୁ ଆସିବା ପରେ ଏହି ନେତା ଜଣକ ଗିରଫ ହେବା ଭୟରେ ଓଡ଼ିଶାରୁ ଲୁଚି ପଳାଇଥିଲେ। ପରେ ପୋଲିସ ଯେବେ ତାଙ୍କୁ ଜେରା ପାଇଁ ଡାକିଥିଲା, ସେ କିପରି ଶୌଚାଳୟ ଭିତରେ ପଶିଥିଲେ ଏବଂ ପୋଲିସର ଗୋଡ଼ ଧରି ଭୋଭୋ କାନ୍ଦିଥିଲେ, ତାହା କାହାକୁ ଅଛପା ନାହିଁ। ରାଜ୍ୟ ଭାଜପାର ଅନେକ ସାନବଡ଼ ନେତାଙ୍କ ଅପରାଧର ଚିଠା ବେଶ୍ ଲମ୍ବା। ହତ୍ୟା ଓ ମରଣାନ୍ତକ ଆକ୍ରମଣରେ ସମ୍ପୃକ୍ତ ହୋଇ ଜେଲ୍ ଯାଇଥିବା ଜୟନାରାୟଣ ମିଶ୍ରଙ୍କୁ ରାଜ୍ୟ ଭାଜପା ବିରୋଧୀ ଦଳର ନେତା ଭଳି ସାମ୍ବିଧାନିକ ପଦରେ ବସାଇଛି। ଆଉ ଜଣେ ଅଭ୍ୟାସଗତ ଅପରାଧୀ ଈରାଶିଷ ଆଚାର୍ଯ୍ୟ ଏବେ ଭାଜପା ଯୁବମୋର୍ଚ୍ଚାର ସଭାପତି। ହତ୍ୟା, ଗୁଣ୍ଡାଗର୍ଦ୍ଦିରେ ସମ୍ପୃକ୍ତ ଈରାଶିଷ କିଛି ମାସ ତଳେ ରାଜଧାନୀରେ କିଭଳି କାଣ୍ଡ ଭିଆଇଥିଲେ, ତାହା ଓଡ଼ିଶାବାସୀ ଦେଖିଛନ୍ତି।

ରାଜ୍ୟ ଭାଜପାର ବଡ଼ ପଦପଦବୀରେ ବସିଥିବା ଏଭଳି ଅଭ୍ୟାସଗତ ଅପରାଧୀମାନେ ଅପରାଧ ସମ୍ପର୍କରେ ପ୍ରବଚନ ଦେବା ପୂର୍ବରୁ ପ୍ରଥମେ ଆଇନାରେ ନିଜ ମୁହଁ ଦେଖି ନିଅନ୍ତୁ ବୋଲି ଦ୍ରୁମନାଥ କହିଛନ୍ତି।

# ଛତିଶଗଡ଼ରେ କଂଗ୍ରେସ ସରକାର ଆସିବା ପରେ ବିଜେଡି ନୀରବ: ଭାଜପା

ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)



ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ

ବିଜେଡି ସଂସଦୀୟ ଦଳ ବୈଠକରେ ମହାନଦୀ, ପୋଲାଭରମ, କୋଟିଆ ପ୍ରସଙ୍ଗ ସ୍ଥାନ ନ ପାଇବା ବଡ଼ ଆଶ୍ଚର୍ଯ୍ୟର ବିଷୟ । ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ସହ ଜଡିତ ଏହି ୩ଟି ପ୍ରସଙ୍ଗକୁ କିଭଳି ବିଜେଡି ଏମ୍‌ପିମାନେ ଭୁଲିଗଲେ ତାହା ସମସ୍ତଙ୍କୁ ବିସ୍ମୟ କରୁଛି। ଏହାଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧକ୍ଷତା କରୁଥିବା ବେଳେ ସେ ମଧ ମହାନଦୀ କଥା କେମିତି ଭୁଲିଗଲେ। ଯେବେଠୁ ଛତିଶଗଡ଼ରେ କଂଗ୍ରେସ ସରକାର ଆସିଲା ବିଜେଡି ମହାନଦୀ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନରମ ପଡ଼ିଯାଇଛି ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି ଯେ, ଏହି ତିନୋଟି ପ୍ରସଙ୍ଗ କ'ଣ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସମ୍ବଳିତ ନୁହେଁ। ବିଜେଡି କେବଳ ନିଜର ରାଜନୈତିକ ସ୍ୱାର୍ଥ ସାଧନରେ ବ୍ୟସ୍ତ, ସେମାନେ ରାଜ୍ୟବାସୀଙ୍କ ମନର କଥା କିଭଳି ବୁଝିବେ। ଟ୍ରିବ୍ୟୁନାଲରେ ଛତିଶଗଡ଼ ସରକାର କମନ ଫର୍ମାଟରେ ତଥ୍ୟ ଦେଇସାରିଥିବା ବେଳେ ରାଜ୍ୟ ସରକାର କାହିଁକି ଦେଇପାରିଲେ ନାହିଁ। ଏହାର ଜବାବ ରାଜ୍ୟ ସରକାର ଦିଅନ୍ତୁ। ଟ୍ରିବ୍ୟୁନାଲ ଆଗରେ ଓଡ଼ିଶା ସରକାରଙ୍କ ଓକିଲ "ଆମେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିନାହୁଁ, ଆମକୁ ଅନେକ ପୃଷ୍ଠା ଲେଖିବା ପାଇଁ ପଡ଼ିବ, ତେଣୁ ଆମକୁ ୬ ସପ୍ତାହ ସମୟ ଦିଆଯାଉ" ବୋଲି କହିବା ସତ୍ୟ ନୁହେଁ କି ବୋଲି ଅନିଲ ପ୍ରଶ୍ନ ଉଠାଇଛନ୍ତି। ଏହା ହିଁ ଦର୍ଶାଉଛି ମହାନଦୀ ଟ୍ରିବ୍ୟୁନାଲରେ ଓଡ଼ିଶାବାସୀ ନ୍ୟାୟ ପାଇବା ପାଇଁ ବିଜେଡି ସରକାରଙ୍କ କେତେ ଆନ୍ତରିକତା ରହିଛି। କୋଟିଆରେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ବିଫଳତା ପାଇଁ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରୁଛି । ସେଠାକାର ସରକାର ଓଡ଼ିଶାର କୋଟିଆ, ଦେଓମାଳିକୁ ଆନ୍ଧ୍ରରେ ମିଶାଇ ଦେବା ପାଇଁ ଷଡ଼ଯନ୍ତ୍ର କରୁଛି। ରାଜ୍ୟ ସରକାରଙ୍କ ମନ୍ତ୍ରୀ ବିଧାନସଭାରେ କହୁଛନ୍ତି "ଦେଓମାଳି ଓଡ଼ିଶା ମ୍ୟାପରେ ନାହିଁ" ବୋଲି ଅନିଲ କହିଛନ୍ତି।

Apply Online : synergyinstitute.net/apply-now.php
Admission Open 2023
Since 1999
# Diploma Engg.
Computer Science | Electrical
Mechanical | Civil | Mining
SYNERGY POLYTECHNIC
(Approved AICTE, New Delhi & Affiliated to SCTE&VT, Odisha)
Dhenkanal Campus 759001, | Bhubaneswar Campus (Phulnakhara)- 752101
Contact us :
DKL - 7978909283, 7008836195, 9861784003
BBSR - 9861575524, 7978513465, 9437169419

GAYATRI
GROUP OF INSTITUTIONS
Near Income Tax Office, Ambapua, Brahmapur
B.TECH. in Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
MCA, MBA
Approved by AICTE, Affiliated to BPUT
BCA, BBA
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University
Contact : 9938044536, 9437962526, 9437579479

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା’ ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। **–ଶ୍ରୀମା**



# ଖାଦ୍ୟ ଓ ଉପବାସ



ଦେବଦତ୍ତ ପଟ୍ଟନାୟକ

ପ୍ରତିବର୍ଷ ଗ୍ରୀଷ୍ମ ପରେ ବର୍ଷାଋତୁ ଆସେ। ଏହି ଋତୁର ଶ୍ରାବଣ ମାସ ଅତ୍ୟନ୍ତ ପବିତ୍ର। ଉକ୍ତ ମାସରେ ପ୍ରଭୁ ଶିବ ପୂଜନରେ ପୁଣ୍ୟ ମିଳେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏଣୁ ଅନେକେ ଶ୍ରାବଣରେ ଉପବାସ କରିଥାନ୍ତି। ଯେଉଁ ଲୋକମାନେ ମଦ୍ୟପାନ କରନ୍ତି ଓ ଏଥିପ୍ରତି ଅତି ଆସକ୍ତ ସେମାନେ ମଧ୍ୟ ମାସେ ପର୍ଯ୍ୟନ୍ତ ଏଥିରୁ ଦୂରେଇ ରୁହନ୍ତି। କେତେଜଣ ପୁରୁଷ ଦାଢ଼ି ନିଶ କାଟନ୍ତି ନାହିଁ। ଶ୍ରାବଣର ଏହି ସମୟ ଖ୍ରୀଷ୍ଟିଆନମାନଙ୍କ ଲେଣ୍ଟ(୪୦ ଦିନ ଖାଦ୍ୟ ପାନୀୟରେ ସଂଯମ ରକ୍ଷାକରି ପାଳନ କରାଯାଉଥିବା ବ୍ରତ) ଏବଂ ମୁସଲମାନଙ୍କ ରମ୍‌ଜାନ ସହ ସମାନ। ଏହା ହେଉଛି ଏକ ପରିଷ୍କାର ଏବଂ ଆଧ୍ୟାତ୍ମିକ ଶୁଦ୍ଧତାର ସମୟ। ତେବେ ଉପବାସ ପରମ୍ପରା ଆମ ସଂସ୍କୃତିରେ ରହିଆସିଛି। ଏହାକୁ ବୁଝାଇବା ପାଇଁ ବହୁ ସମୟରେ ଯୁକ୍ତିଯୁକ୍ତ ଉତ୍ତର ଦିଆଯାଇଥାଏ। କୁହାଯାଏ, ଉପବାସ କଲେ ଏହା ଏହା ଶରୀରର ବିଷାକ୍ତ ତତ୍ତ୍ୱ ସୃଷ୍ଟିକାରୀ ପ୍ରଣାଳୀକୁ ପରିଷ୍କାରକରେ, ପାଚନ କ୍ରିୟାକୁ ବିଶ୍ରାମ ଦିଏ। ରୋଗ ବୃଦ୍ଧିକାରୀ ବର୍ଷାଋତୁରେ ଶରୀରରେ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହା ସାହାଯ୍ୟକରେ। ଧର୍ମୀୟ କ୍ରିୟା ବା ରୀତିନୀତିକୁ ଯୁକ୍ତିଯୁକ୍ତ କରିବାର ଏହି କାର୍ଯ୍ୟ ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା ଯେତେବେଳେ ସବୁ ବିଷୟକୁ ବିଜ୍ଞାନ ମାଧ୍ୟମରେ ବ୍ୟାଖ୍ୟା କରାଯାଇପାରି ନ ଥିଲା ଏବଂ ସେଗୁଡ଼ିକୁ ନିକୃଷ୍ଟ ଦୃଷ୍ଟିରେ ଦେଖାଗଲା। ଦେଖିବାକୁ ଗଲେ ଆମ ସର୍ଜନାତ୍ମକ କଳ୍ପନାକୁ ଗଢୁଥିବା ବିଚାରଧାରା ମଧ୍ୟରେ ସଂଯୋଗ ସ୍ଥାପନ କରିବା ପାଇଁ ବିଭିନ୍ନ ସଂସ୍କୃତି ଦ୍ୱାରା ରୀତିନୀତିଗୁଡ଼ିକୁ ବ୍ୟବହାର କରାଯାଇଆସିଛି ଏବଂ ଏସବୁ ଆମ ଭାବାବେଗକୁ ପ୍ରଭାବିତ କରିଆସିଛି।

ବିଭିନ୍ନ ପର୍ବପର୍ବାଣି ଓ ରୀତିନୀତିକୁ ଜଣେ ଖାଦ୍ୟ ଦୃଷ୍ଟିକୋଣରୁ ଦେଖିପାରନ୍ତି। ଆମ ସଂସ୍କୃତିରେ ମଧ୍ୟ ଏଭଳି ଅନେକ ପର୍ବପର୍ବାଣି ରହିଛି ଯାହା ଖାଦ୍ୟ ସହ ଜଡ଼ିତ। ସେଥିମଧ୍ୟରୁ ଆନ୍ନାକୋଟା ଓ ଦିୱାଲି ଅନ୍ୟତମ। ଏହି ପର୍ବଗୁଡ଼ିକରେ ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ ହୋଇଥାଏ ଏବଂ ବ୍ୟଞ୍ଜନଗୁଡ଼ିକର ସ୍ୱାଦ ଉପଭୋଗ କରିବା ଲାଗି ସାମୂହିକ ଭୋଜି ଆୟୋଜନ କରାଯାଇଥାଏ। ଏହା ବ୍ୟତୀତ ସ୍ୱତନ୍ତ୍ର ଉତ୍ସବଗୁଡ଼ିକରେ ନିର୍ଦ୍ଦିଷ୍ଟ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଖାଦ୍ୟ ରୋଷେଇ କରାଯାଏ। ଏଗୁଡ଼ିକ ବାସ୍ତବରେ ଆନନ୍ଦ ଉପଭୋଗ ବା ଭୋଗର ପର୍ବପର୍ବାଣି। ଏହାବାଦ୍ ଏମିତିକା ଆଉ କିଛି ପର୍ବପର୍ବାଣି ପାଳନ କରାଯାଏ, ଯେଉଁ ସମୟରେ ଖାଦ୍ୟ ଆଦୌ ରନ୍ଧାଯାଏ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ଘରେ ଚୁଲି ଜଳେ ନାହିଁ। ପରିବାରରେ ସମସ୍ତେ ଉପବାସ କରନ୍ତି କିମ୍ବା ସେହି ପର୍ବ ପାଇଁ ଉଦ୍ଦିଷ୍ଟ କିଛି ନିର୍ଦ୍ଦିଷ୍ଟ ଫଳ ଖାଇଥାନ୍ତି। ଏଣୁ ଏଗୁଡ଼ିକ ହେଉଛି ସଂଯମର ପର୍ବ। ହିନ୍ଦୁମାନଙ୍କ ଶ୍ରାବଣ, ଖ୍ରୀଷ୍ଟିଆନମାନଙ୍କ ଲେଣ୍ଟ ବା ବ୍ରତ ଏବଂ ମୁସଲମାନଙ୍କ ରମ୍‌ଜାନ ଏହି ବର୍ଗର ପର୍ବପର୍ବାଣି।



ସ୍ମାର୍ତ୍ତ ପରମ୍ପରା ଆସକ୍ତବାଦକୁ ଅଗ୍ରାହ୍ୟ କରେ। ଏଥିରେ ଗଣେଶ, ଶିବ, ଶକ୍ତି , ବିଷ୍ଣୁ ଓ ସୂର୍ଯ୍ୟଙ୍କୁ ଗୃହସ୍ଥ ସମାନ ଭାବେ ଉପାସନା କରିଥାଏ। ସ୍ମାର୍ତ୍ତ ପରମ୍ପରାର ବିଷ୍ଣୁ ଉପାସନା ମଧ୍ୟ ପାରମ୍ପରିକ ଭାବେ ସଂଯମର ପର୍ବପର୍ବାଣି ସହ ଜଡ଼ିତ। ଗୃହସ୍ଥ ଏହାକୁ ମଧ୍ୟ ପାଳନ କରିଥାନ୍ତି। ଏହି ପର୍ବ ଅବସରରେ ବିଭିନ୍ନ ବିଷ୍ଣୁ ମନ୍ଦିରରେ ଦେବତାଙ୍କୁ ବିପୁଳ ପରିମାଣରେ ଖାଦ୍ୟ ପ୍ରସାଦ ରୂପେ ଅର୍ପଣ କରାଯାଏ। ମହାଯୋଗୀ ଶିବ ଭୋଗ ଏବଂ ସଂଯମ ପ୍ରତି ଉଦାସୀନ। ଦେବୀଙ୍କ ପର୍ବପର୍ବାଣିରେ ବଳିର ରୀତିନୀତି ପ୍ରଚଳିତ। ଏଥିରେ ଜିଅନ୍ତା ପ୍ରାଣୀଙ୍କ ବଳିଠାରୁ ଆରମ୍ଭକରି ଜଣେ ନିଜର ଭୋଜନକୁ ସମର୍ପଣ କରିବା ଯାଏ ନିହିତ ରହିଥାଏ। ବଳିକୁ ଅସ୍ୱୀକାର କରିବା ଦ୍ୱାରା ପ୍ରକୃତି ଆମକୁ ଉପହାର ଭାବେ ଦେଇଥିବା ସମସ୍ତ ଉଦାରତା ଜଣଙ୍କ ସ୍ମରଣକୁ ଆସିଯାଏ। ଅନ୍ୟପକ୍ଷରେ ଧର୍ମୀୟ କ୍ରିୟାକୁ ଅସ୍ୱୀକାର କରିବା ଦ୍ୱାରା ଜଣେ ଜୀବନରେ ଯାହା କିଛି ପାଇଥାଏ ସେସବୁ ପ୍ରତି କୃତଜ୍ଞ ରହିଥାଏ।

ହିଂସା ସହ ଖାଦ୍ୟର ନିବିଡ଼ ସମ୍ପର୍କ ରହିଛି। ଏହା ଆମିଷ ଖାଦ୍ୟ କ୍ଷେତ୍ରରେ ପୂରା ସ୍ପଷ୍ଟ ହୋଇଥାଏ, କିନ୍ତୁ ନିରାମିଷ ଖାଦ୍ୟରେ ତାହା ପ୍ରକାଶ ପାଇ ନ ଥାଏ। ପ୍ରତ୍ୟେକଟି କ୍ଷେତ ହେଉ ବା ଫଳ ବଗିଚା କିମ୍ବା ସାଧାରଣ ବଗିଚା, ଏଗୁଡ଼ିକୁ କୌଣସି ଏକ ଜଙ୍ଗଲ ନଷ୍ଟ ପରେ କରାଯାଉଛି। ଏପରିକି ଏଥିପାଇଁ ଏକ ପରିସଂସ୍ଥାକୁ କ୍ଷତି ଘଟାଯାଉଛି। ଜୀବନକୁ ବଞ୍ଚାଇ ରଖିବା ଲାଗି ଜୀବନ ଯାଉଛି। ଗୋଟିଏ ସିଂହ ଖାଇବାକୁ ହେଲେ ଗୋଟିଏ ହରିଣକୁ ମାରିବାକୁ ପଡ଼ିବ। ଗୋଟିଏ ହରିଣର ଖାଦ୍ୟ ପାଇଁ ଘାସ ମରିବାକୁ ହେବ। ଏଣୁ ଏଥିରୁ ବୁଝାପଡ଼େ ଯେ, ଖାଦ୍ୟ ସହ ହିଂସା ଜଡ଼ିତ ରହିଛି। ଅନ୍ୟପକ୍ଷରେ ଉପବାସ ଅହିଂସା ସହ ଜଡ଼ିତ। ଜଣେ କିଛି ନ ଖାଇବା ଅର୍ଥ ପ୍ରକୃତିକୁ ପୁଣି ସୃଷ୍ଟିକରିବାକୁ ଅନୁମତି ଦେବା। ସେଥିପାଇଁ ଜୀବନର ଚତୁର୍ଥ ଅବସ୍ଥା କୁହାଯାଉଥିବା ସନ୍ନ୍ୟାସରେ ଉପବାସ ଏକ ପ୍ରମୁଖ ଭୂମିକା ନେଇଥାଏ। ଗାଈକୁ ପୂଜା କରିବା ପଛରେ ବି ଏକ ମୁଖ୍ୟ କାରଣ ହେଉଛି, ଗାଈଠାରୁ କ୍ଷୀର ପାଇବା ଲାଗି କୌଣସି ଜୀବକୁ ମାରିବାକୁ ପଡୁନାହିଁ କିମ୍ବା କୌଣସି ଜଙ୍ଗଲ ନଷ୍ଟ କରିବାକୁ ହେଉନାହିଁ। କିନ୍ତୁ ଯେତେବେଳେ କ୍ଷୀରର ବ୍ୟାପକ ଉତ୍ପାଦନ ହେଉଛି ସେତେବେଳେ ଏହି ଧାରାରେ ପରିବର୍ତ୍ତନ ହୋଇଯାଉଛି। ବାଇବେଲରେ ଆବ୍ରାହମ୍ ହୃଦୟଙ୍ଗମ କରିଛନ୍ତି ଯେ ତାଙ୍କର ଛେଳିମାନଙ୍କୁ ମରିବାକୁ ପଡିବ ଯାହାଦ୍ୱାରା ତାଙ୍କ ପିଲାମାନେ ଖାଦ୍ୟ ପାଇପାରିବେ ଏବଂ ମରୁଭୂମିରେ ବଞ୍ଚିପାରିବେ। ସେ ତାଙ୍କ ପଶୁଙ୍କ ବଳିଦାନ ଏବଂ ଭଗବାନ୍‌ଙ୍କ ଉଦାରତା ପାଇଁ କୃତଜ୍ଞ ହୋଇଛନ୍ତି।

ମହାଭାରତର ଏକ ବିଷୟକୁ ଆସିବା। ସେଥିରେ ଏକ କପୋତକୁ ବାଜପକ୍ଷୀ ଖାଇବାକୁ ଗୋଡ଼ାଉଥିବା ସମୟରେ ରାଜା ଶିବି ତାକୁ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି। ଏହା ଦେଖି ବାଜପକ୍ଷୀ କହିଛି, ମୁଁ ବର୍ତ୍ତମାନ କ’ଣ ଖାଇବି ? ଶିବି ସେହି ବାଜପକ୍ଷୀକୁ ତାଙ୍କ ଶରୀରର ମାଂସ ପ୍ରଦାନ କରିଛନ୍ତି ଏବଂ ହୃଦୟଙ୍ଗମ କରିଛନ୍ତି ଯେ ବାଜପକ୍ଷୀକୁ ଖାଇବାକୁ ଦେବାକୁ ହେଲେ କାହାକୁ ମରିବାକୁ ପଡ଼ିବ। ଏହା ପରେ ଶିବିଙ୍କୁ ସୂଚିତ କରାଯାଇଛି ଯେ କପୋତକୁ ବଞ୍ଚାଇବା ପାଇଁ କାହାକୁ ମଧ୍ୟ ମରିବାକୁ ହେବ ଏବଂ ରାଜାଙ୍କୁ ବଞ୍ଚାଇବାକୁ ହେଲେ ଅନ୍ୟକୁ ମରିବାକୁ ପଡ଼ିବ। ମଣିଷ ମଧ୍ୟ କ୍ଷେତ, ବଗିଚା ଏବଂ ଉଦ୍ୟାନ ସୃଷ୍ଟିକରି ପ୍ରକୃତିର ଚକ୍ରରେ ହସ୍ତକ୍ଷେପ କରେ। ସେଥିପାଇଁ ଉପବାସ ସମୟରେ ଜଣେ ଜଙ୍ଗଲୀ ମୂଳ ଏବଂ ଗଛରୁ ଖସିପଡ଼ିଥିବା ଫଳ ଖାଇବାକୁ ଉତ୍ସାହିତ ହୁଏ। ଅନ୍ୟ ଅର୍ଥରେ, ଜଙ୍ଗଲରେ ମିଳୁଥିବା ଖାଦ୍ୟ,ଯୋଗୀମାନେ ଖାଉଥିବା ଖାଦ୍ୟ କୌଣସି ସଂସ୍କୃତି ଦ୍ୱାରା ଉତ୍ପାଦିତ ଖାଦ୍ୟ ନୁହେଁ।

–devduttofficial@gmail.com

## ଭାରତରେ ସେମିକଣ୍ଡକ୍ଟର



ଇଂ. ମାୟାଧର ସ୍ୱାଇଁ

ଆଧୁନିକ ଇଲେକ୍ଟ୍ରୋନିକ୍ସ ଯୁଗରେ ସେମିକଣ୍ଡକ୍ଟର ବା ଅର୍ଦ୍ଧ ପରିବାହୀ ଅତି ଆବଶ୍ୟକ ପଦାର୍ଥ। ସିଲିକନ୍, ଜର୍ମାନିୟମ, ଗାଲିୟମ ଆର୍ସେନାଇଡ ହେଉଛି ସେମିକଣ୍ଡକ୍ଟର ପଦାର୍ଥ। ଏହା ଟ୍ରାଞ୍ଜିଷ୍ଟର, ଡାୟୋଡ୍ ଇଣ୍ଟିଗ୍ରେଟେଡ୍ ସର୍କିଟ୍ ବା ଚିପ୍‌ରେ ବ୍ୟବହୃତ ହୁଏ। କମ୍ପ୍ୟୁଟର, ସ୍ମାର୍ଟଫୋନ୍, ଯାନବାହନ, ଡାକ୍ତରୀ ଯନ୍ତ୍ରପାତି, ସୌର ବ୍ୟାଟେଲ, ଏଲ୍‌ଇଡି ବତି, ସେନ୍‌ସର, ଟେଲିଭିଜନ ଆଦିରେ ଚିପ୍‌ର ବ୍ୟବହାର ହେଉଛି ସର୍ବାଧିକ। ଏମ୍‌ଆର୍‌ଆଇ, ହୃଦ୍‌ଯନ୍ତ୍ର ପେସ୍‌ମେକର, ଇନ୍‌ସୁଲିନ ପମ୍ପ ଓ ଡିଜିଟାଲ ତାପମାନ ଯନ୍ତ୍ର ଆଦି ଡାକ୍ତରୀ ଯନ୍ତ୍ରପାତିରେ ଚିପ୍ ବ୍ୟବହୃତ ହେଉଛି। ବୈମାନିକ ଓ ପ୍ରତିରକ୍ଷା ସେନ୍‌ସର, ରାଡାର ଯୋଗାଯୋଗ ପଦ୍ଧତି ଆଦିରେ ଚିପ୍ ହେଉଛି ମୁଖ୍ୟ। କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ଏବଂ କୃତ୍ରିମ ବୌଦ୍ଧିକତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ଲୋକପ୍ରିୟତା ଆଜି ସେମିକଣ୍ଡକ୍ଟର ଉପରେ ନିର୍ଭର କରୁଛି। ମୋଟ ଉପରେ ଆଧୁନିକ ସଭ୍ୟତାର ପ୍ରାୟ ସମସ୍ତ କ୍ଷେତ୍ରରେ ସେମିକଣ୍ଡକ୍ଟର ଓ ଚିପ୍‌ର ବ୍ୟବହାର ଅଛି।

ସମସ୍ତ ଦେଶରେ ସେମିକଣ୍ଡକ୍ଟରର ଚାହିଦା ବୃଦ୍ଧି ପାଇଛି। ପୃଥିବୀର ଅର୍ଥନୀତିରେ ଏହାର ବଡ଼ ଅବଦାନ ଅଛି। ଲକ୍ଷ ଲକ୍ଷ କୁଶଳୀ କାରିଗର ଏଥିରେ କାର୍ଯ୍ୟ କରୁଛନ୍ତି। ଫର୍ଚୁନ ବିଜନେସ୍ ଇନ୍‌ସାଇଟ୍‌ର ଆକଳନ ଅନୁଯାୟୀ ପୃଥିବୀରେ ସେମିକଣ୍ଡକ୍ଟର ବଜାର ୨୦୨୨ରେ ୫୭୩.୪୪ ବିଲିୟନ ଡଲାରରୁ ୨୦୨୯ରେ ୧୩୮୦.୭୯ ବିଲିୟନ ଡଲାରକୁ ବୃଦ୍ଧିପାଇବ। ୧୯୬୫ରେ ଆମେରିକୀୟ ବୈଜ୍ଞାନିକ ତଥା ଇଣ୍ଟେଲ କମ୍ପାନୀର ସହପ୍ରତିଷ୍ଠାତା ଗୋର୍ଡୋନ ମୁରେ ପ୍ରକାଶ କରିଥିଲେ ଯେ ଗୋଟିଏ ମାଇକ୍ରୋପ୍ରୋସେସରରେ ଟ୍ରାଞ୍ଜିଷ୍ଟର ସଂଖ୍ୟା ପ୍ରତି ୨ ବର୍ଷରେ ୨ଗଣ ହେଉଛି। ଏହା ମୁରେଙ୍କ ନିୟମ ଭାବେ ଜଣା। କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପ୍ରଗତିରୁ ଏହି ନିୟମ ଏବେ ମଧ୍ୟ ପ୍ରଯୁଜ୍ୟ ବୋଲି ଲକ୍ଷ୍ୟ କରାଯାଇଛି।

ସେମିକଣ୍ଡକ୍ଟର ଉତ୍ପାଦନ କାରଖାନାରେ ସିଲିକନ୍ ଭଳି ମୌଳିକ ପଦାର୍ଥରେ ଅପଦ୍ରବ୍ୟ ମିଶାଇ ସେମିକଣ୍ଡକ୍ଟରରେ ପରିଣତ କରାଯାଏ। ଏଠାରେ ସିଲିକନ୍ ଇଣ୍ଟିଗ୍ରେଟେଡ୍ ସର୍କିଟ୍ ବା ଚିପ୍ ପ୍ରସ୍ତୁତ କରାଯାଏ। ଏହି କାରଖାନା ସ୍ଥାପନ ପାଇଁ ଅନେକ ପୁଞ୍ଜି ଆବଶ୍ୟକ ହୋଇଥାଏ। ଏଥିପାଇଁ ନିର୍ଭରଶୀଳ ଜଳ ଓ ବିଦ୍ୟୁତ୍ ଯୋଗାଣ ଏକାନ୍ତ ଆବଶ୍ୟକ। ସେମିକଣ୍ଡକ୍ଟର କାରଖାନା ସଂଖ୍ୟାରେ ଜାପାନ ଆଗରେ ଅଛି। ଏହାର ଏହି ଧରଣର ୧୦୭ କାରଖାନା ଥିବାବେଳେ ଏହା ପଛରେ ତାଇୱାନ ୭୭, ଯୁକ୍ତରାଷ୍ଟ୍ର ଆମେରିକା ୭୬, ଚାଇନା ୭୦ ଓ ଜର୍ମାନୀ ୨୦ ଅଛନ୍ତି। ପୃଥିବୀରେ ଅନେକ ଦେଶ ସେମିକଣ୍ଡକ୍ଟର ପାଇଁ ଚାଇନା ଉପରେ ନିର୍ଭର କରିଥାଆନ୍ତି। ୨୦୨୨ରେ ସେମିକଣ୍ଡକ୍ଟର ବଜାରରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାଧାନ୍ୟ ଥିଲା। ଏହାର ବଜାର ଅଂଶ ୪୬ ପ୍ରତିଶତ ଥିବାବେଳେ ଦକ୍ଷିଣ କୋରିଆର ୨୧ ପ୍ରତିଶତ ଏବଂ ଜାପାନ ଓ ୟୁରୋପୀୟ ସଂଘର ପ୍ରତ୍ୟେକ ୯ ପ୍ରତିଶତ ଅଂଶ ଥିଲା। ଆମେରିକାର କମ୍ପାନୀଗୁଡ଼ିକ ଚାଇନାର ଅର୍ଦ୍ଧେକ ସେମିକଣ୍ଡକ୍ଟର ବଜାରକୁ ନିୟନ୍ତ୍ରଣ କରୁଛନ୍ତି। ଭାରତ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ସଂଘ ପ୍ରକାଶ କରିଛି ଯେ, ୨୦୧୯ରେ ଭାରତରେ ୨୧ ବିଲିୟନ ଡଲାରର ସେମିକଣ୍ଡକ୍ଟର ବ୍ୟବହୃତ ହୋଇଥିଲା ଏବଂ ଏହା ବାର୍ଷିକ ୧୫ ପ୍ରତିଶତରେ ବୃଦ୍ଧି ପାଉଛି। ଭାରତରେ ସେମିକଣ୍ଡକ୍ଟର କାରଖାନା ନାହିଁ ଏବଂ ଏଥିପାଇଁ ଆମେ ଅନ୍ୟ ଦେଶ ଉପରେ ନିର୍ଭରଶୀଳ। ସେମିକଣ୍ଡକ୍ଟରର ଗୁରୁତ୍ୱ ଏବଂ ଏହାର ଆମଦାନୀରେ ଅସୁବିଧା ହେଉଥିବାରୁ ଦେଶରେ ଏହି କାରଖାନା ସ୍ଥାପନ ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଇଲେକ୍ଟ୍ରୋନିକ୍ସ ମନ୍ତ୍ରଣାଳୟ ଅଧୀନରେ ‘ଭାରତ ସେମିକଣ୍ଡକ୍ଟର ମିଶନ’ ଗଠନ କରାଯାଇଛି। ଆସନ୍ତା ୧୦ବର୍ଷ ମଧ୍ୟରେ ଭାରତକୁ ‘ସେମିକଣ୍ଡକ୍ଟର ଉତ୍ପାଦନର କେନ୍ଦ୍ରସ୍ଥଳ’ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆବଶ୍ୟକ ମାନବ ସମ୍ବଳ ପାଇଁ ଦେଶର ୧୦୬ ବିଶ୍ୱବିଦ୍ୟାଳୟରେ ଏହା ଉପରେ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ଅନେକ ବିଦେଶୀ କମ୍ପାନୀ ଭାରତରେ ଏହି କାରଖାନା ସ୍ଥାପନ ନିମିତ୍ତ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ଦେଶରେ କୁଶଳୀ କାରିଗରଙ୍କ ଅଭାବ ନାହିଁ। ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦେଲେ ସେମିକଣ୍ଡକ୍ଟର ଉତ୍ପାଦନରେ ଭାରତ ନିଶ୍ଚିତ ଭାବେ ଅଗ୍ରଣୀ ଲାଭ କରିବ ଓ ସ୍ୱାବଲମ୍ବୀ ହୋଇପାରିବ।

ମୋ– ୯୪୩୮୬୯୩୭୨୪

## ଏଇ ଭାରତରେ

ରୋଜଗାର କହିଲେ ଚା’ଦୋକାନରୁ ଯାହା ହୁଏ ସେତିକି। ସେହି ଆୟରେ ପରିବାର ଚଳାଇ ଗରିବ ପିଲାମାନଙ୍କ ଶିକ୍ଷା ଲାଗି ସେଥିରୁ ୮୦ ପ୍ରତିଶତ ଖର୍ଚ୍ଚ କରୁଛନ୍ତି କାନପୁରର ମେହବୁବ୍ ମଲିକ। ଦୀର୍ଘ ୮ ବର୍ଷ ହେଲା ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ମେହବୁବ୍ ଆର୍ଥିକ ସମସ୍ୟା ଯୋଗୁ ତାଙ୍କ ପଢ଼ାରେ ଡୋରି ବାନ୍ଧିଥିଲେ ବି ଶିକ୍ଷାର ମହତ୍ତ୍ୱ ଉପଲବ୍ଧି କରି ଗରିବ ପିଲାମାନଙ୍କୁ ସ୍କୁଲକୁ ପଠାଉଛନ୍ତି ଓ ସେମାନଙ୍କ ସବୁ ଖର୍ଚ୍ଚ ବହନ କରୁଛନ୍ତି। ୩୪ ବର୍ଷୀୟ ମେହବୁବ୍ ପିଲାଙ୍କ ଉତ୍ତମ ଭବିଷ୍ୟତ ପାଇଁ ‘ମା ତୁଝେ ସଲାମ ସୋସିଆଲ ଫାଉଣ୍ଡେଶନ’ଗଢ଼ି ତା’ ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଚା’ଦୋକାନ ଆୟରେ ପ୍ରଥମେ ସେ ୪ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଯେଉଁମାନଙ୍କ ମା’ ବାପା କାମ କରିବାକୁ ଯାଉଥିଲେ ସେମାନଙ୍କ ପିଲାମାନଙ୍କୁ ସେ ପଢ଼ାଉଥିଲେ। ତେବେ ବର୍ତ୍ତମାନ ଏହି ଫାଉଣ୍ଡେଶନ ମାଧ୍ୟମରେ ସେ ୨ ପ୍ରାଥମିକ ବିଦ୍ୟାଳୟ ଚଳାଉଛନ୍ତି ଓ ଏଥିରେ ୧୨ ଜଣ ଶିକ୍ଷକଙ୍କୁ ନିଯୁକ୍ତ କରିଛନ୍ତି। ଏବେ ସେହି ବିଦ୍ୟାଳୟରେ ମୋଟ ୧୫୦୦ ବସ୍ତି ପିଲା ପଢୁଛନ୍ତି। ପ୍ରାଥମିକ ଶିକ୍ଷା ପରେ ପିଲାମାନଙ୍କୁ ମେହବୁବ୍ ହାଇସ୍କୁଲରେ ନାମ ଲେଖାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁଲାଇ ୧୯୯୮

- ପର୍ଯ୍ୟଟନ ବ୍ୟାପାର କ୍ଷେତ୍ରରେ ସମନ୍ୱୟ ରକ୍ଷା ପାଇଁ କେନ୍ଦ୍ର ସରକାର ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ ଷ୍ଟିଅରିଂ କମିଟି ଗଠନ କରିଛନ୍ତି।
- ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଦ୍ୱୀପରାଷ୍ଟ୍ର ପାପୁଆ ନ୍ୟୁଗିନିର ଉତ୍ତର ଉପକୂଳ ମଧ୍ୟକୁ ସମୁଦ୍ର ଜୁଆର ମାଡ଼ିଆସିବା ଫଳରେ ୧୦୦୦ ଲୋକ ପ୍ରାଣ ହରାଇଛନ୍ତି।
- ପୃଥକତାବାଦୀ ଆଲବାନିଆରୁ କୋସୋଭୋକୁ ପ୍ରବେଶ ପାଇଁ ଉଦ୍ୟମ କରୁଥିବାବେଳେ ସର୍ବୀୟ ନିରାପତ୍ତାବାହିନୀ ସହ ସଂଘର୍ଷ ଘଟି ୦ ନିହତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | | |
| | | 7 | | | 2 | 5 | | |
| 4 | 6 | 3 | | | | | | |
| | 4 | | | 9 | | | | |
| | 5 | | 3 | | | 1 | | |
| 2 | | 1 | | | | | | |
| | | | 2 | | | | 7 | |
| | 8 | 5 | | 6 | | | | 3 |
| | | | | | 7 | | 4 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 6 | 1 | 2 | 8 | 5 | 3 | 7 |
| 8 | 3 | 7 | 6 | 5 | 9 | 4 | 1 | 2 |
| 2 | 1 | 5 | 7 | 3 | 4 | 9 | 6 | 8 |
| 4 | 2 | 1 | 3 | 6 | 7 | 8 | 5 | 9 |
| 5 | 8 | 9 | 4 | 1 | 2 | 3 | 7 | 6 |
| 7 | 6 | 3 | 9 | 8 | 5 | 2 | 4 | 1 |
| 1 | 5 | 2 | 8 | 4 | 6 | 7 | 9 | 3 |
| 3 | 7 | 8 | 5 | 9 | 1 | 6 | 2 | 4 |
| 6 | 9 | 4 | 2 | 7 | 3 | 1 | 8 | 5 |

ଗତକାଲିର ଉତ୍ତର

# ଦାରିଦ୍ର୍ୟ ହ୍ରାସ ପ୍ରହସନ



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ଜୁଲାଇ ୧୭ରେ ନୀତି ଆୟୋଗଙ୍କ ତରଫରୁ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ: ଏକ ପ୍ରଗତି ସମୀକ୍ଷା ୨୦୨୩ ରିପୋର୍ଟ ପ୍ରକାଶ ପାଇଛି। ପଞ୍ଚମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ–୨୦୧୯–୨୧ଉପରେ ଏହା ପର୍ଯ୍ୟବସିତ। ୨୦୨୧ ନଭେମ୍ବର ୨୬ରେ ନୀତି ଆୟୋଗଙ୍କ ତରଫରୁ ସର୍ବପ୍ରଥମ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ପ୍ରକାଶ ପାଇଥିଲା, ଯାହା ଚତୁର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ୨୦୧୫–୧୬ ଉପରେ ପର୍ଯ୍ୟବସିତ ଥିଲା। ନୀତି ଆୟୋଗଏହି ସୂଚକାଙ୍କ ନିର୍ଦ୍ଧାରଣ ପୂର୍ବରୁ ୨୦୧୦ରୁ ଅକ୍ସଫୋର୍ଡ ଦାରିଦ୍ର୍ୟ ଏବଂ ମାନବ ବିକାଶ କାର୍ଯ୍ୟକ୍ରମ ଏବଂ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ଗ୍ଲୋବାଲ ମଲ୍ଟିଡାଇମେନସିଆଲ ବା ବିଶ୍ୱ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କକୁ ଅନୁସରଣ କରିଛନ୍ତି। ବସ୍ତୁତଃ ଏହି ସୂଚକାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନ ଧାରଣାର ମାନକୁ ବିଚାରକୁ ନେଇଥାଏ।

ରିପୋର୍ଟ ଅନୁସାରେ ୨୦୧୫–୧୬ଠାରୁ ୨୦୧୯–୨୧ ମଧ୍ୟରେ ଗତ ୫ ବର୍ଷରେ ବହୁମୁଖୀ ଦାରିଦ୍ର୍ୟର ଶିକାର ହୋଇଥିବା ଲୋକଙ୍କ ସଂଖ୍ୟା ୨୪.୮୫%ରୁ ହ୍ରାସ ପାଇ ୨୦୧୯–୨୧ରେ ୧୭.୯୬% ପହଞ୍ଚିଛି। ସେହି ସମୟରେ ଗ୍ରାମାଞ୍ଚଳରେ ଗରିବଙ୍କ ସଂଖ୍ୟା ୩୨.୫୯%ହ୍ରାସ ପାଇ ୧୯.୨୮% ହୋଇଛି। ଏହି ଅବଧି ଭିତରେ ସହରାଞ୍ଚଳରେ ଗରିବଙ୍କ ସଂଖ୍ୟା ୮.୬୫%ରୁ ହ୍ରାସ ପାଇ ୫.୨୭% ରହିଛି। ନୀତି ଆୟୋଗର ଏହି ତଥ୍ୟ ଅନୁଯାୟୀ, ପୁଷ୍ଟିକର ଖାଦ୍ୟରେ ଉନ୍ନତି, ଶିକ୍ଷାବର୍ଷରେ ବୃଦ୍ଧି, ପରିଷ୍କାର ପରିଚ୍ଛନ୍ନତା ଏବଂ ରନ୍ଧନ ଗ୍ୟାସ୍‌ର ଉପଲବ୍ଧତା ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ହୋଇଛି। ପୋଷଣ ଅଭିଯାନ ଏବଂ ରକ୍ତହୀନତାମୁକ୍ତ (ଆନେମିଆ ଫ୍ରି) ପରି ଉଚ୍ଚମାନର ଯୋଜନା ହେତୁ ଆବଶ୍ୟକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଏହା ବ୍ୟତୀତ ସୌଭାଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ମୋଦି ସରକାରଙ୍କ ଅନ୍ୟାନ୍ୟ ଯୋଜନା ମଧ୍ୟ ଦେଶରେ ଦାରିଦ୍ର୍ୟ ହ୍ରାସ କରିଛି ବୋଲି ନୀତି ଆୟୋଗ ତା’ ରିପୋର୍ଟରେ କହିଛି।

କିନ୍ତୁ ସରକାରଙ୍କୁ ବାହାବା ଦେବା ପାଇଁ ଖବରକାଗଜଗୁଡ଼ିକରେ ମୋଦିଙ୍କ ୫ ବର୍ଷ ଶାସନ କାଳ ମଧ୍ୟରେ ଭାରତର ୧୩.୫ କୋଟି ଲୋକ ଗରିବ ସୀମା ରେଖାରୁ ବାହାରି ପାରିଛନ୍ତି ବୋଲି ପ୍ରକାଶ ପାଇଛି। ସତେ ଯେପରି ଆଗରୁ ଦାରିଦ୍ର୍ୟ ହ୍ରାସ ପାଉ ନ ଥିଲା। ରିପୋର୍ଟରେ ପୂର୍ବ ଉପା ସରକାର ଅମଳରେ କେତେ ଦାରିଦ୍ର୍ୟ ହ୍ରାସ ପାଇଥିଲା ତାହା କୁହାଯାଇ ନାହିଁ। କାରଣ ସେ ସମୟରେ ଅଧିକ ଦାରିଦ୍ର୍ୟ ହ୍ରାସ ପାଇଥିଲା। ଏହି ମାସରେ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ବିଶ୍ୱ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଅନୁସାରେ ୨୦୧୯–୨୧ରେ ଭାରତରେ ଦାରିଦ୍ର୍ୟ ହାର ୧୬.୪% ଏବଂ ଗତ ୧୫ ବର୍ଷରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ବାହାରକୁ ଆସିଛନ୍ତି। ସୂଚନା ଅନୁଯାୟୀ, ୨୦୦୫–୦୬ ମସିହାରେ ଦେଶରେ ପ୍ରାୟ ୬୪.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିଲେ। ଏହା ପରେ, ୨୦୧୫–୧୬ ବର୍ଷରେ ଏହି ସଂଖ୍ୟା ୩୭ କୋଟିକୁ ହ୍ରାସ ପାଇଥିଲା ଏବଂ ୨୦୧୯–୨୧ ରେ ଏହି ସଂଖ୍ୟା ୨୩ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ଗତ ୫ ବର୍ଷରେ ୧୪ କୋଟି ହ୍ରାସ ପାଇଛି। ଅର୍ଥାତ୍ ପୂର୍ବ ୧୦ ବର୍ଷରେ ( ଯେଉଁଥିରେ ଉପା ସରକାରଙ୍କ ୯ ବର୍ଷ ରହିଛି) ୨୭ ରୁ ୨୮ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ବାହାରକୁ ଆସିଛନ୍ତି।



ବିଶ୍ୱବ୍ୟାଙ୍କ ଦ୍ୱାରା (ଅକ୍ଟୋବର ୧୩, ୨୦୨୨) ‘ଦାରିଦ୍ର୍ୟ ଏବଂ ସହଭାଗୀ ସମୃଦ୍ଧତା ୨୦୨୨’ ଶୀର୍ଷକ ରିପୋର୍ଟରେ ଦର୍ଶାଯାଇଛି, କରୋନା ମହାମାରୀ ଯୋଗୁ ୨୦୨୦ ଶେଷ ସୁଦ୍ଧା ୭.୧କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟ ଗହ୍ୱରକୁ ଯାଇଛନ୍ତି ଏବଂ ସେଥିରୁ ପ୍ରାୟ ୭୯% ଲୋକ ବା ୫.୬ କୋଟି ଭାରତୀୟ। ଏହାକୁ ବିଚାରକୁ ନିଆଯାଇ ନାହିଁ ।ନେଲେ ଗତ ୫ ବର୍ଷରେ ଦାରିଦ୍ର୍ୟ ବହୁ କମ୍ ହ୍ରାସ ପାଇଛି। ପୁନଶ୍ଚ ଏପଟେ ସରକାର କିଛି ଯୋଜନା କଲାବେଳେ ସେହି ଯୋଜନା ପାଇଁ ଆବଶ୍ୟକ ସମ୍ବଳ ଧନିକ ଶ୍ରେଣୀଠାରୁ ଟିକସ ମାଧ୍ୟମରେ ନ ଆଣି ଗରିବଙ୍କଠାରୁ ପରୋକ୍ଷ କର ବାବଦରେ ଆଣୁଛନ୍ତି। ପୁନଶ୍ଚ ପେଟ୍ରୋଲିୟମ ସାମଗ୍ରୀ ଉପରେ ଅହେତୁକ ଟିକସ ଧାର୍ଯ୍ୟ ଯୋଗୁ ଦରଦାମ ବୃଦ୍ଧି ଘଟୁଛି, ଯାହାର କୁପ୍ରଭାବ ଗରିବଙ୍କ ଉପରେ ପଡୁଛି ଓ ସେମାନଙ୍କ କ୍ରୟଶକ୍ତି ହ୍ରାସ ପାଉଛି । ଅକ୍ସଫାମ ରିପୋର୍ଟ ଅନୁସାରେ ଦେଶର ମୋଟ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)ର ପ୍ରାୟ ୨ ତୃତୀୟାଂଶ ବା ୬୪% ନିମ୍ନରେ ଥିବା ୫୦% ଜନତାଙ୍କଠାରୁ ଆସିଥିବାବେଳେ ଏକ ତୃତୀୟାଂଶ ମଧ୍ୟବିତ୍ତ ୪୦%ଙ୍କ ଠାରୁ ଆସିଛି । କେବଳ ୩% ଶୀର୍ଷ ୧୦% ଧନୀଙ୍କଠାରୁ ଆସିଛି। ଦରଦାମ ବୃଦ୍ଧି ବାଧୁଛି । ପୁନଶ୍ଚ ସେବା ମୁଦ୍ରାସ୍ଫୀତି ଓ ଜୀବନଶୈଳୀ ମୁଦ୍ରାସ୍ଫୀତି ଆଜି କୋଟି କୋଟି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ଏହା ଦାରିଦ୍ର୍ୟ ଆକଳନ ବେଳେ ବିଚାରକୁ ନିଆଯାଇନାହିଁ।

ଅସଲ କଥା ହେଉଛି ଭାରତ ସମେତ ବିଶ୍ୱରେ ଅଧିକାଂଶ ଶାସକ ଶ୍ରେଣୀ ସର୍ବଦା ଜନପ୍ରିୟତା ହରାଇବା ଭୟରେ ଦାରିଦ୍ର୍ୟ ହ୍ରାସ ପାଉଛି ବୋଲି ଦେଖାଇବାକୁ ଚାହାନ୍ତି। ଯେଉଁ ମାନଦଣ୍ଡରେ ଦାରିଦ୍ର୍ୟ ଆକଳନ କରାଯାଉଛି ତାହା ବାସ୍ତବରେ ଅନାହାର ରେଖା। ସେହି ରେଖାକୁ ଯଦି ଅର୍ଥରେ ପ୍ରକାଶ କରାଯାଏ ତେବେ ତାହା ୨ ଓଳି ଖାଇବାକୁ ଉଦ୍ଦିଷ୍ଟ। ଜଣେ କ’ଣ କେବଳ ୨ ଓଳି ଖାଇବାକୁ ଜନ୍ମ ହୋଇଛି। ଜୀବନରେ ଆଉ କିଛି ନାହିଁ। ଧନୀ ମାନେ ଚାହାନ୍ତି ସେମାନେ ଆନନ୍ଦମୟ ଜୀବନ ବିତାଇବେ, ଗରିବ ଗରିବ ହୋଇ ରହୁ । ଏପରି ଦାରିଦ୍ର୍ୟ ହ୍ରାସ ତଥ୍ୟ ଦିଆଯାଇ ଲୋକଙ୍କୁ ବୁଝାଇବାକୁ ଦିଆଯାଉଛି, ସେମାନେ ଗରିବ ଥାଇ ମଧ୍ୟ ଖୁସି ହୁଅନ୍ତୁ ,ଧନୀ ଓ କ୍ଷମତାଶାଳୀଙ୍କ ଶୋଷଣ ବିରୋଧରେ ଓ ଶାସକ ଶ୍ରେଣୀଙ୍କ ତ୍ରୁଟିପୂର୍ଣ୍ଣ ନୀତି ବିରୋଧରେ ସ୍ୱର ଉତ୍ତୋଳନ ନ କରନ୍ତୁ। ନଚେତ୍ ୧% ଭାରତୀୟଙ୍କ ହାତରେ ଦେଶର ୪୦.୫% ସମ୍ପଦ ନ ଥାନ୍ତା। ଦାରିଦ୍ର୍ୟ ହ୍ରାସ କଥା ପ୍ରଚାର ପୂର୍ବରୁ ଶାସକ ଶ୍ରେଣୀ ଭାବିବା ଉଚିତ ଯେ ବିଶ୍ୱରେ କ୍ଷୁଧାର ଶିକାର ୧୨୧ ଦେଶକୁ ନେଇ ପ୍ରସ୍ତୁତ କ୍ଷୁଧା ସୂଚକାଙ୍କରେ ଭାରତ ୧୦୭ ସ୍ଥାନରେ ରହିଛି। ଏଥିରେ ପ୍ରତିବର୍ଷ କ୍ରମାଗତ ଅବନତି ଘଟୁଛି । ଅନେକ ଦେଶଠାରୁ ବି ଆମେ ଖରାପ ସ୍ଥିତିରେ ରହିଛେ। ଭାରତରେ ପୁଷ୍ଟିହୀନତାର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ୨୦୨୧ରେ ୨୨.୪୩ କୋଟି ହୋଇଥିଲାବେଳେ ୯୭.୩୩ କୋଟି ଭାରତୀୟ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ବଞ୍ଚିତ। ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଅତ୍ୟନ୍ତ ନିମ୍ନରେ ରହିଛି।

ମୋ:୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### ନୂତନ ଡ୍ରେସ୍ କୋଡ୍ ପିଲାଙ୍କୁ କେତେଦୂର ସାହାଯ୍ୟ କରିବ

ମହାଶୟ,

ଓଡ଼ିଶା ସରକାର ଚଳିତ ବର୍ଷରୁ ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ଡ୍ରେସ୍ କୋଡ୍ ପରିବର୍ତ୍ତନ କରିବା ପାଇଁ ବିଧିବଦ୍ଧ ଯୋଜନା ଆରମ୍ଭ କରିଛନ୍ତି । ଜଣା ଯାଉଛି ଏହାର କାର୍ଯ୍ୟକାରିତା ସମ୍ପର୍କରେ ଅଧିକ ପର୍ଯ୍ୟାଲୋଚନା କରାଯାଇ ଏହା ନିଶ୍ଚିତ ଭାବରେ ରାଜ୍ୟରେ ଲାଗୁହେବ । ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଶାର ସ୍ଥାନ ଶିକ୍ଷାକ୍ଷେତ୍ରରେ ଏତେ ତଳେ ଅଛି ଯେ ତାହା ବର୍ଣ୍ଣନା କରିବା ମୁସ୍କିଲ । ଗତ କେତେବର୍ଷ ହେଲା ଓଡ଼ିଶାର ପ୍ରାୟ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷାର ମାନ ଏତେ ହ୍ରାସ ପାଉଛି ତାହା ନାକ୍ ରିପୋର୍ଟରୁ ଦେଖିଲେ ସ୍ପଷ୍ଟ ହୁଏ । ସେହିପରି କୋଟି କୋଟି ଟଙ୍କା ଖର୍ଚ୍ଚକରି ଅନେକ ସରକାରୀ ସ୍କୁଲକୁ ରୂପାନ୍ତରିତ ସ୍କୁଲରେ ପରିବର୍ତ୍ତନ କରାଯାଉଛି। କିନ୍ତୁ ରୂପାନ୍ତରିତ ହେବା ପରେ ଛାତରୁ ପାଣି ଗଳୁଛି ,ପାଇଖାନାରେ ପାଣି ଆସୁନାହିଁ, ବିଦ୍ୟୁତ୍ ସଂଯୋଗ ଠିକ୍ ସେ ନାହିଁ ,ସର୍ବୋପରି ରୂପାନ୍ତରିତ ସ୍କୁଲଗୁଡ଼ିକରେ ଶିକ୍ଷାର ମାନ ଅତ୍ୟନ୍ତ ଦୁଃଖଦାୟକ। ରାଜ୍ୟ ସରକାର ସ୍କୁଲରେ ଲକ୍ଷ ଲକ୍ଷ ଟଙ୍କା କେବଳ ନିର୍ବାଚନକୁ ଆଖି ଆଗରେ ରଖି ଖର୍ଚ୍ଚ କରୁଛନ୍ତି। ଆଦିବାସୀ ସ୍କୁଲଗୁଡ଼ିକ ନାଁରେ ଅନେକ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ତା’ର ସୁଫଳ ଆଦିବାସୀମାନେ ପାଇପାରିନାହାନ୍ତି । ଦୀର୍ଘ ୫ ବର୍ଷ ହେଲା ଆଦିବାସୀ ଉନ୍ନୟନ କମିଟି ବସୁନାହିଁ । କିନ୍ତୁ ସରକାରୀ ସ୍ତରରେ ସବୁ ଠିକ୍ ଅଛି ବୋଲି ଘୋଷଣା କରାଯାଉଛି । ଏ ସବୁ ପ୍ରହସନ ବନ୍ଦ ହେବା ଉଚିତ।

**– ପ୍ରଦୀପ୍ତ କୁମାର କର,ସୂର୍ଯ୍ୟନଗର,ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ଢେଉ ଉଠେ ପଡ଼େ
ବିଶ୍ୱର ମାନବ–ପାରାବାରେ
କେତେ ଧ୍ୱନି କେତେ ଛନ୍ଦ
ମିଳାଏ ଯେ ଅସୀମର ପାରେ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମିଲେଟ୍ ସଚେତନତା କାର୍ଯ୍ୟକ୍ରମ, ଏମ୍ସ, ପୂର୍ବାହ୍ନ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜାତୀୟ ନାଟ୍ୟ ରଚନା କର୍ମଶାଳା, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ଅକ୍ଷୟ ଚନ୍ଦ୍ର ରାୟ ସ୍ମାରକୀ ତୃତୀୟ ଅକ୍ଷୟ ଉପନ୍ୟାସ ପୁରସ୍କାର ପ୍ରଦାନ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ମାସିକ ସାହିତ୍ୟ ଆସର, ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ, ଅଶୋକ ନଗର, ସନ୍ଧ୍ୟା ୬ଟା।
- କୋଲକାତା ପୂର୍ବ ଜୋନ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ 'ୱଣ୍ଡର କେଭ୍ସ', ଖଣ୍ଡଗିରି ଓ ଉଦୟଗିରି, ସକାଳ ୬ଟା ୩୦, ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୩୦।
- ଶ୍ରୀମଦ୍ ଭାଗବତ କଥାମୃତ, ଡି. ଏଲ୍ କଲୋନୀ, ମା' ଭୁବନେଶ୍ୱରୀ ମନ୍ଦିର ପରିସର, ସନ୍ଧ୍ୟା ୭ଟା ୩୦।

## ଶିକ୍ଷୟିତ୍ରୀଙ୍କୁ ଚପଲ ମାଡ଼ ଘଟଣା
## କାର୍ଯ୍ୟାନୁଷ୍ଠାନ ଦାବି କଲା ଶିକ୍ଷକ ସଂଘ

ଭୁବନେଶ୍ୱର,୧୯।୭(ଅନୁରାଧା ମହାରଣା)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଶଗଡ଼ଶୂଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତିଙ୍କୁ ଶ୍ରେଣୀ ଗୃହରେ ଅଭିଭାବକ ଚପଲରେ ମାଡ଼ ମାରିବା ଘଟଣାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ବିଭିନ୍ନ ସମୟରେ ଅଭିଭାବକ ଆକ୍ରୋଶମୂଳକ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପରେ ଆକ୍ରମଣ କରୁଛନ୍ତି। ବିଦ୍ୟାଳୟର ପାଚେରି, ଗେଟ ଓ ଚପରାଶି ନଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଅବାଧରେ ବିଦ୍ୟାଳୟକୁ ପ୍ରବେଶ କରୁଛନ୍ତି। ଏହା ଶିକ୍ଷା ଅଧିକାର ଆଇନ ଅଧିନିୟମ-୨୦୧୦ର ଉଲ୍ଲଂଘନ। ତେଣୁ ସରକାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସୁରକ୍ଷା ଦେବାକୁ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି। ଏଥିସହ ଚପଲମାଡ଼ ଘଟଣାର ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଅଭିଭାବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ କହିଛନ୍ତି।

## ପଥଚାରୀଙ୍କ ପାଇଁ ନିର୍ମାଣ ହେବ ୮୦ କିମି ସ୍ମାର୍ଟ ଫୁଟପାଥ୍
### ବ୍ୟୟ ବରାଦ ୫୦ କୋଟି

କଟକ,୧୯।୭ (କାର୍ତ୍ତିକ ସାହୁ)- କଟକ ସହରକୁ ଅଧିକ ସରସ ସୁନ୍ଦର କରିବାକୁ ଯୋଜନା ହେଉଛି। ଏଥିସହ ପଥଚାରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ସ୍ମାର୍ଟ ଫୁଟପାଥ୍ ନିର୍ମାଣର ଯୋଜନା ହୋଇଛି। ରାଜ୍ୟ ସରକାରଙ୍କ ସ୍ମାର୍ଟ ଅର୍ବାନ ରୋଡ୍ ଏକ୍ଜିକ୍ୟୁସନ ଯୋଜନାରେ ଏହି ସ୍ମାର୍ଟ ଫୁଟ୍ପାଥଗୁଡ଼ିକ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୪୧ଟି ଫୁଟ୍ପାଥ୍ ନିର୍ମାଣ ହେବ। ଏହି ଫୁଟପାଥ୍ର ଚଉଡ଼ା ସର୍ବନିମ୍ନ ୧.୨ ମିଟରରୁ ସର୍ବାଧିକ ୨ ମିଟର ଓ ଉଚ୍ଚତା ୬ ଇଞ୍ଚ ରହିବ। ପେଭର ବ୍ଲକ୍ ବ୍ୟବହାର କରି ଫୁଟପାଥଗୁଡ଼ିକ ନିର୍ମାଣ କରାଯିବ। ପ୍ରାୟ ୮୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଏହି ନିର୍ମାଣ କାର୍ଯ୍ୟ ହେବ। ଏଥିପାଇଁ ୫୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସିଏମ୍ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ କଟକ ଚୌଧୁରୀବଜାରସ୍ଥିତ ବିଜୁଭବନଠାରେ ବୁଧବାର ଆୟୋଜିତ ବୈଠକରେ ସୂଚନା ଦେଇଛନ୍ତି। ସିଏମ୍ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ସ୍ମାର୍ଟ ଅର୍ବାନ ରୋଡ୍ ଏକଜିକ୍ୟୁସନ ଟିମ୍ ସଦସ୍ୟ, ଦାୟିତ୍ୱରେ ଥିବା ସଂସ୍ଥା ଏମ୍ଏଆରଏସ୍ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଶବବାହକ ଗାଡ଼ିକୁ ଧକ୍କାଦେଲା ଗାଡ଼ି, ୫ ଆହତ

ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର): ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ ଅଭିମୁଖେ ଏକ ଶବ ନେଇ ଯାଉଥିବା ଗାଡ଼ିକୁ ଅନ୍ୟ ଏକ ଗାଡି ନିଶ୍ଚିନ୍ତକୋଇଲି ଥାନା ସୁକରପଡ଼ା ବଜାର ନିକଟରେ ବୁଧବାର ଧକ୍କା ଦେବାରୁ ୫ ଜଣ ଆହତ ହୋଇଛନ୍ତି। ଭୁବନେଶ୍ୱର ବିଜେପିନଗରରେ ରହୁଥିବା ପ୍ରଦୀପ ରାଉତଙ୍କର ମା' ସତ୍ୟଭାମାଙ୍କର ପରଲୋକ ହୋଇଥିଲା। ରାଉତ ସମ୍ପର୍କୀୟମାନଙ୍କ ସହ ତାଙ୍କର ମା'ଙ୍କ ମୃତଦେହକୁ ନେଇ ପୈତୃକ ଗ୍ରାମ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ନୂଆପଡାରେ ସଂସ୍କାର କରିବା ପାଇଁ ନେଇ ଯାଉଥିବା ବେଳେ ବିପରିତ ଦିଗରୁ ଏକ ଗାଡ଼ି ଦ୍ରୁତଗତିରେ ଆସି ଶବ ବାହକ ଗାଡ଼ିକୁ ଧକ୍କା ଦେବାରୁ ପ୍ରଦୀପ କୁମାର ରାଉତ, ସମର ପ୍ରସନ୍ନ ଜେନା, ଶରତ କୁମାର ନାୟକଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି।

# ୫-ଟି ସ୍କୁଲ କାର୍ଯ୍ୟାଳୟ ସିଲିଂରୁ ଖସିଲା ପ୍ଲାଷ୍ଟର
## ଶିକ୍ଷୟିତ୍ରୀ, ସିଆର୍ସିସିଙ୍କ ମୁଣ୍ଡ ଫାଟିଲା, ଖେଳ ଶିକ୍ଷକ ଆହତ

ଅସ୍ତରଙ୍ଗ,୧୯।୭(ମମତା ଜେନା)


କାର୍ଯ୍ୟାଳୟ ସିଲିଂରୁ ପ୍ଲାଷ୍ଟର ଖସିପଡିଛି।



ଆହତ ଶିକ୍ଷୟିତ୍ରୀ ଓ ସିଆର୍ସିସି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ନିକଟରେ ୫-ଟି ସ୍କୁଲରେ ରୂପାନ୍ତରିତ ହୋଇଥିବା ପଡ଼ିଆରୀ ନୋଡାଲ ବିଦ୍ୟାପୀଠରେ କାର୍ଯ୍ୟାଳୟ ସିଲିଂରୁ ବୁଧବାର ଏକ ପ୍ଲାଷ୍ଟର ଖସିଯାଇଛି। ଫଳରେ ଜଣେ ଶିକ୍ଷୟିତ୍ରୀ ଓ ସିଆର୍ସିସିଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ଖେଳ ଶିକ୍ଷକଙ୍କ ହାତରେ ଆଘାତ ଲାଗିଛି। ଗୁରୁତର ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେନାପତି ଓ ସିଆର୍ସିସି ତ୍ରିଲୋଚନ ବେହେରାଙ୍କୁ ଜଗତ୍ସିଂହପୁର ଜିଲାର ବାଲିକୁଦା ମେଡିକାଲ ନିଆଯାଇଥିଲା। ପରେ ଶିକ୍ଷୟିତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲାର ମୁଖ୍ୟ ଚିକିତ୍ସାଳୟ ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ସ୍କୁଲ ରୂପାନ୍ତରିତ କାର୍ଯ୍ୟ ହେବାର ୬ ମାସ ମଧ୍ୟରେ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟଣା ହେଲା ବୋଲି ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ପଡ଼ିଆରୀ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ଏକ ମିଟିଂ ହେବାର ଥିଲା। ମଧ୍ୟାହ୍ନଭୋଜନ ପରେ ସିଆର୍ସିସି ତ୍ରିଲୋଚନ ବେହେରା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡାକିଥିଲେ। ତ୍ରିଲୋଚନ ଓ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ କାର୍ଯ୍ୟାଳୟରେ ବସିଥିବା ବେଳେ ସିଲିଂରୁ ହଠାତ୍ ପ୍ଲାଷ୍ଟର ଖସିଥିଲା, ଯେଉଁଥିରେ ଉଭୟଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଖେଳ ଶିକ୍ଷକ ସେଠାକୁ ଆସୁଥିବା ବେଳେ ତାଙ୍କ ହାତରେ ମଧ୍ୟ ମାଡ଼ ହୋଇଛି। ଖବରପାଇ ଅନ୍ୟ ଶିକ୍ଷକ ଓ ସ୍ଥାନୀୟ ଲୋକେ ପହଞ୍ଚି ଆହତମାନଙ୍କୁ ବାଲିକୁଦା ହସ୍ପିଟାଲ ନେଇଥିଲେ। ଘଟଣା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଶିକ୍ଷାଧିକାରୀ ସୁଶୀଲ ବ୍ରହ୍ମ କହିଛନ୍ତି, ଶିକ୍ଷୟିତ୍ରୀ ଅଧିକ ଗୁରୁତର ହୋଇଛନ୍ତି। ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ,ଗତ ୬ ମାସ ତଳେ ଏହି ସ୍କୁଲ ୫-ଟି ସ୍କୁଲରେ ରୂପାନ୍ତରିତ ହୋଇ ଉଦ୍ଘାଟନ ହୋଇଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଆଦିବାସୀ ମଞ୍ଚ



ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ, ଚନ୍ଦକା ଆଞ୍ଚଳିକ କମିଟି ଆନୁକୂଲ୍ୟରେ ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ।

ଖୋର୍ଦ୍ଧା, ୧୯।୭(ପ୍ରଭାତ ପାଣିଗ୍ରାହୀ)

**ଜଙ୍ଗଲ ଜମି ଅଧିକାର, ଦଖଲ ଜମି ପଟ୍ଟା ଦିଆଯାଉ**

ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ, ଚନ୍ଦକା ଆଞ୍ଚଳିକ କମିଟି ଆନୁକୂଲ୍ୟରେ ଆଦିବାସୀ ପରିବାର ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ପୂର୍ବାହ୍ନରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଭୁବନେଶ୍ୱର ବ୍ଲକସ୍ଥିତ ଚନ୍ଦକା ଅଞ୍ଚଳ ଦାରୁଠେଙ୍ଗ, ଚନ୍ଦକା, ଅନ୍ଧାରୁଆ, କଣ୍ଟାବାଡ, ମେଣ୍ଢାଶାଳ ପ୍ରଭୃତ ପଞ୍ଚାୟତର ଗରିବ ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର, ଘରଡିହ ପଟ୍ଟା, ଦଖଲ ଜମିର ପଟ୍ଟା, ଭାଗ ଚାଷୀ ମାନଙ୍କୁ ଚାଷୀର ମାନ୍ୟତା ତଥା ମୌଳିକ ସମସ୍ୟା ସମାଧାନ ନେଇ ଓଡ଼ିଶା ଆଦିବାସୀ ଅଧିକାର ମଂଚ ବାରମ୍ବାର ସରକାରଙ୍କ ଦାବି କରି ଆସୁଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ। ଗତ କିଛି ଦିନ ହେବ ନନ୍ଦନକାନନ ସମ୍ପ୍ରସାରଣ ନାମରେ ଚୁଡଙ୍ଗ, କୃଷ୍ଣନଗର, ଭାଲୁଙ୍କା, ଆମ୍ବପଡିଆ ପ୍ରମୁଖ ଗ୍ରାମରେ ରହୁଥିବା ଲୋକଙ୍କୁ କୌଣସି ଆଗୁଆ ସୂଚନା ଦିଆନାଯାଇ ପାଚେରୀ ନିର୍ମାଣ ଚାଲିଛି। ଯଦ୍ୱାରା ନୀରିହ ଗ୍ରାମବାସୀ ଜୀବିକା ହରାଇବେ। ଏହା ଜଙ୍ଗଲ ଅଧିକାର ଆଇନର ଖୋଲା ଉଲ୍ଲଂଘନ କରାଯାଉଛି। ଏହାକୁ ତୁରନ୍ତ ବନ୍ଦ କରାଯାଉ। ଚୁଡ଼ଙ୍ଗ ଗ୍ରାମର ଆଦିବାସୀଙ୍କ ଦଖଲରେ ଥିବା ଜଙ୍ଗଲ କିସମ ଜମି, ଚାଷ ଜମି ଏବଂ ବସତି ଅଞ୍ଚଳରେ ପାଚେରୀ ନିର୍ମାଣ ବନ୍ଦ କରାଯାଉ। ବେଆଇନ ଉଚ୍ଛେଦ, ଗ୍ରାମସଭାର ନିଷ୍ପତ୍ତିକୁ ଚୁଡାନ୍ତ ବୋଲି ଗ୍ରହଣ କରାଯାଉ। ଆମ୍ବପଡିଆ, ଗୋଡିବାରୀ ପ୍ରଭୃତି ଗ୍ରାମର ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ପଟ୍ଟା ଦିଆଯାଉ ଅଧିକାର ପାଇଥିବା ହିତାଧିକାରୀଙ୍କ ଖତିଆନ ସଂଶୋଧନ କରାଯାଇ ଖଜଣା ଧାର୍ଯ୍ୟ କରାଯାଉ। ଦଖ ଠାରୁ ଜଙ୍ଗଲ ଜମି ପଟ୍ଟା ପାଇଥିବା ଗ୍ରାମବାସୀଙ୍କ ଆବେଦନକୁ ଗ୍ରହଣ, ପଥରଗାଡିଆ ଗ୍ରାମର ୩୭ଆଦିବାସୀ ପରିବାରକୁ ଦିଆଯାଇଥିବା କେ-ଫର୍ମ ପଟ୍ଟାକୁ ପୂର୍ଣ୍ଣାଙ୍ଗ ପଟ୍ଟା, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା, ସମସ୍ତ ପ୍ରକାର ଋଣ, ବିହନ ସାର, କୀଟନାଶକ ତଥା ପ୍ରାକୃତିକ ବିପର୍ଯ୍ୟୟର ସହାୟତା, ଦଖଲରେ ଥିବା ଜମି ପଟ୍ଟା, ବାତିଲ ପଟ୍ଟାକୁ ପୁନଃପ୍ରଚଳନ, କୁମାରଖୁଣ୍ଟି, ଝୁମାକା, ଡେରାସ ପ୍ରମୁଖ ଗ୍ରାମର ଜଳସେଚନ କେନାଲ ପୁନରୁଦ୍ଧାର, କୃଷି ଜମିର କିସମ ପରିବର୍ତ୍ତନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବାକୁ ସେମାନେ ଦାବି କରିଛନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

ଚୌଦ୍ୱାର,୧୯।୭(ଆଶୁତୋଷ ଦାସ)

ଶିକ୍ଷକ ନିଯୁକ୍ତି ଦାବିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଅଧୀନ ଭଗତପୁର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ମୁଖ୍ୟ ଫାଟକରେ ବୁଧବାର ଅଭିଭାବକମାନେ ତାଲା ପକାଇ ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକ ଓ ସ୍ଥାନୀୟ ସରପଞ୍ଚ ଭରତ ବେହେରା କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ମଧ୍ୟରେ ମୋଟ ୮୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କୁ ପଢାଇବା ପାଇଁ ଜଣେ ମାତ୍ର ଶିକ୍ଷୟିତ୍ରୀ ଅଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଥିସହ ଶିକ୍ଷୟିତ୍ରୀ ଜଣଙ୍କ ସ୍କୁଲ କାମରେ ବ୍ଲକ କାର୍ଯ୍ୟାଳୟକୁ ଗଲେ ବିଦ୍ୟାଳୟ ବନ୍ଦ ରହୁଥିବା ଅଭିଭାବକମାନେ କହିଛନ୍ତି। ଏ ସମ୍ପର୍କରେ ପରିଚାଳନା କମିଟି ସଭାପତି ଦାମୋଦର ବେହେରାଙ୍କ ସମେତ ଗ୍ରାମବାସୀ ଅନେକ ଥର ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଫଳରେ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ସିଆର୍ସିସି ଲବଙ୍ଗଲତା ନାୟକ କହିଛନ୍ତି, ବ୍ଲକ ଅଞ୍ଚଳରେ ଏଭଳି ଅନେକ ସ୍କୁଲରେ ଶିକ୍ଷକ ଅଭାବ ରହିଛି। ନୂତନ ଶିକ୍ଷକ ନିଯୁକ୍ତି ହେଲେ ଉକ୍ତ ସ୍କୁଲରେ ଶିକ୍ଷକ ଦିଆଯିବ। ଅପରପକ୍ଷରେ ବିଇଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରସନ୍ନ


@ ଅର୍ଚ୍ଚନା


@ ହାପି


@ ଜିତେନ୍ଦ୍ର


@ ଜୟନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଏନ୍ଜିଟିର ରହିତାଦେଶ ପରେ ବି ଚାଲିଛି ଗଛକଟା

ଭୁବନେଶ୍ୱର,୧୯।୭(ଅଭିଜିତ ଦାସ)


ଖବରଦାତା ସମ୍ମିଳନୀରେ ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

**ଶିଖରଚଣ୍ଡୀରେ ପାନୀୟ ଜଳ ପ୍ରକଳ୍ପ ବିବାଦ**

- ବିନା ଫଳକରେ ଚାଲିଛି ପ୍ରକଳ୍ପ
- ଯାଞ୍ଚ କମିଟିକୁ ସରକାର ଭୁଲ୍ ତଥ୍ୟ ଦେଇଥିବା ଅଭିଯୋଗ
- ଜୁଲାଇ ୨୭ରେ ପରବର୍ତ୍ତୀ ଶୁଣାଣି, ୨୨ରେ ଗଛ ଲଗାଇବ ସୁରକ୍ଷା କମିଟି

ଶିଖରଚଣ୍ଡୀ ପାହାଡ଼ରେ ଗଛକାଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ନେଇ ଉପୁଜିଥିବା ବିବାଦ ତେଜିବାରେ ଲାଗିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍ଜିଟି)ର ରହିତା ଦେଶ ସତ୍ତ୍ୱେ ଏବେ ବି ଏଠାରେ ଗଛକଟା ସହ ବିନା ଫଳକରେ ପ୍ରକଳ୍ପ କାମ ଚାଲିଛି। ଏହାକୁ ନେଇ ମା' ଶିଖରଚଣ୍ଡୀ ଆଞ୍ଚଳିକ ସମିତି ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ବୁଧବାର ସମିତି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଦାରୁଠେଙ୍ଗ ପଞ୍ଚାୟତର ସରପଞ୍ଚ ତପନ ଚକ୍ରବର୍ତ୍ତୀ କହିଛନ୍ତି, ପଟିଆ ମୌଜାରେ ଥିବା ମା' ଶିଖରଚଣ୍ଡୀଙ୍କ ୨୧୨ ଏକର ଓ ପଥରଗାଡିଆରେ ଥିବା ୩୭ ଏକର ଜମିକୁ ସରକାର କବ୍ଜା କରିଛନ୍ତି। ମାତ୍ର ଏହି ୨୧୨ ଏକର ମଧ୍ୟରୁ ଶିଖରଚଣ୍ଡୀ ପାହାଡ଼ାରେ ଥିବା ୩ଏକରକୁ ପାନୀୟ ଜଳ ପ୍ରକଳ୍ପ ଓ ୧ ଏକରକୁ ଗଛ ଲଗାଇବାକୁ ୱାଟ୍କୋକୁ ଦିଆଯାଇଛି। ମାତ୍ର ସାଢ଼େ ୭ଏକରରୁ ଗଛକାଟି ପଦା କରାଯାଇଥିବା ଏନ୍ଜିଟି ଜାଣିବା ଉକ୍ତ ପ୍ରକଳ୍ପ ଉପରେ ରହିତାଦେଶ ଜାରି କରିଥିଲା। ଗତ ସୋମବାର ୨୨ଟି ମୌଜାର ଲୋକେ ଏହାକୁ ନେଇ ହାଇକୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ମାତ୍ର ୱାଟ୍କୋଠାରୁ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ତାମିଲ କଣ୍ଟ୍ରାକ୍ଟର ବର୍ତ୍ତମାନ ପାହାଡର ୧୦ ଏକର ଜମି ନଷ୍ଟ କରିସାରିଲେଣି ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ଏନ୍ଜିଟିକୁ ଭୁଲ ତଥ୍ୟ ଦେଇଥିବାବେଳେ ଶିଖରଚଣ୍ଡୀ ପାହାଡର ଜଙ୍ଗଲ କିସମ ଥିବା ୧୨୮୭ ଓ ୧୨୮୮ ମୌଜାକୁ ରିପୋର୍ଟରେ ଉଲ୍ଲେଖ କରିନାହାନ୍ତି। ସେହିପରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତିର ସଚିନ ମହାପାତ୍ର କହିଛନ୍ତି, ଶିଖରଚଣ୍ଡୀ ପାହାଡ଼ ପାଇକଙ୍କ ସ୍ମୃତିପୀଠ। ମାତ୍ର ଉନ୍ନତି ନାମରେ ଏହାକୁ ନଷ୍ଟ କରାଯାଉଛି। ଶିଖରଚଣ୍ଡୀ ମା'ଙ୍କ ନାମରେ ଥିବା ୨୧୨ଏକର ଏବେ ଇଡ୍କୋ ନାମରେ ରହିଛି। ପ୍ରଥମେ ମା'ଙ୍କଠାରୁ ଜମି ଛଡାଇ ନିଆଯିବା ପରେ ଚକ୍ରାନ୍ତ କରି ଏହାକୁ ନଷ୍ଟ କରାଯାଉଛି। ତେଣୁ ୩ ଏକର ଜାଗାରେ ସେ ମନଇଚ୍ଛା ୱାଟ୍କୋକୁ ୪ଏକର ଜମି ପ୍ରଦାନ କରିଥିବା ସୂଚନା ମିଳିଛି। ତେବେ ସାଢେ ୭.୫ଏକର ଜଙ୍ଗଲ ଜମି ନଷ୍ଟ ହୋଇଥିବା ଏନ୍ଜିଟି କମିଟିଙ୍କ ରିପୋର୍ଟରେ ଉଲ୍ଲେଖ ରହିଥିବାବେଳେ ବାସ୍ତବରେ ଏହା ଆହୁରି ଅଧିକ ବୋଲି ସଚିନ ଅଭିଯୋଗ କରିଛନ୍ତି। ସେହିପରି ପ୍ରତ୍ନତତ୍ତ୍ୱ ବିଭାଗ ଓ ଏନ୍ଜିଟି ପକ୍ଷରୁ ରହିତାଦେଶ ଥିଲେ ମଧ୍ୟ ବେଆଇନ ଭାବେ ଗଛ କଟା ଚାଲିଛି। ପାହାଡ଼ରୁ ପ୍ରାୟ ୨ଶହ ପ୍ରକାରର ଔଷଧୀୟ ବୃକ୍ଷ ନଷ୍ଟ କରାଯାଇଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏପଟେ ବନ ବିଭାଗର ଏକ ଟିମ୍ ବୁଧବାର ପ୍ରକଳ୍ପ ସ୍ଥାନରେ ଥିବା ସତ୍ତ୍ୱେ ପ୍ରକଳ୍ପ କାମ ଚାଲିଥିବା ଦେଖିବାକୁ ମିଳିଥିଲା। ତେବେ ଗଛକଟା ନେଇ ସେଠାରେ ଥିବା ଜଣେ ଅଧିକାରୀଙ୍କୁ ଗଛକଟା ନେଇ ପଚାରିବାରୁ ସେ କିଛି ବି କହି ନ ଥିଲେ। ଏପରିକି ପରିଚୟ ନ ଦେଇ ଆଡେଇ ଯାଇଥିଲେ। ସୂଚନାଯୋଗ୍ୟ, ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦କୁ ଉଲ୍ଲଂଘନ କରି ଶିଖରଚଣ୍ଡୀ ପାହାଡ଼ରେ ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଉଥିବା ଅଭିଯୋଗ କରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଏନ୍ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଅନୁଭବ କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ପ୍ରକଳ୍ପ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜୁଲାଇ ୫ରେ ଏନ୍ଜିଟି ପକ୍ଷରୁ ଶୁଣାଣି ହୋଇଥିବାବେଳେ ପରବର୍ତ୍ତୀ ଶୁଣାଣି ଜୁଲାଇ ୨୭ରେ ହେବ।

# ସାନକୁ ହତ୍ୟା କଲା ବଡ଼ଭାଇ

ବାରଙ୍ଗ,୧୯।୭(ଲିଙ୍ଗରାଜ ରାଉତ)

ସାମାନ୍ୟ କଥାକୁ ନେଇ ପ୍ରଥମେ ବଚସା ପରେ ଉତ୍ତ୍ୟକ୍ତ ହୋଇ ପଥରରେ ଛେଚି ସାନଭାଇକୁ ହତ୍ୟା କରିଛି ବଡ଼ଭାଇ। ଏଭଳି ଘଟଣା ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳ ଫାଣ୍ଡି ଛତାବର ପଞ୍ଚାୟତର ବିନଝଗିରି ଗାଁ କନ୍ଦଳେଇ ମୁଣ୍ଡାସାହିରେ ଦେଖିବାକୁ ମିଳିଛି। ମୃତକ ହେଲେ ଉକ୍ତ ଗ୍ରାମର ରଘୁ ଚାତାର ଓରଫ ଜଗା(୩୪)। ଘଟଣା ସମ୍ପର୍କରେ ମୃତକଙ୍କ ଅନ୍ୟଜଣେ ଭାଇ ରତନା ଚାତାର ବୁଧବାର ଫାଣ୍ଡିକୁ ଆସି ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ବଡ଼ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଫାଣ୍ଡି ଅଧିକାରୀ ମାନଗୋବିନ୍ଦ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ବିନଝଗିରି ଗାଁ କନ୍ଦଳେଇ ମୁଣ୍ଡାସାହିର ବଡ଼ଭାଇ କାର୍ତ୍ତିକ ଚାତାର, ସାନଭାଇ ଜଗା ଓ ଅନ୍ୟ ଜଣେ ମିଶି ଏକ ବାଇକ ଯୋଗେ ମାର୍କେଟ ଯାଇଥିଲେ। ମାର୍କେଟ କାମ ସାରି ସେଠାରେ ନିଶାପାନ କରି ଘରକୁ ଫେରୁଥିଲେ। ଫେରିବା ସମୟରେ ପାରିବାରିକ କଥାକୁନେଇ ଦୁଇଭାଇ ମଧ୍ୟରେ ବଚସା ହୋଇଥିଲା ଏବଂ ଗାଁ ପାଖାପାଖି ଜଙ୍ଗଲ ରାସ୍ତାରେ ସେମାନଙ୍କ ଯୁକ୍ତିତର୍କ ବଢିବା ପରେ ବଡ଼ଭାଇ କାର୍ତ୍ତିକ ଉତ୍କ୍ଷିପ୍ତ ହୋଇ ଗାଡ଼ିରୁ ଓହ୍ଲାଇ ମାରଧର କରିଥିଲେ। ଏହି ସମୟରେ ସାଥିରେ ଥିବା ଅନ୍ୟ ଜଣେ ଉଭୟଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଫଳରେ ଉତ୍ତ୍ୟକ୍ତ କାର୍ତ୍ତିକ ରାସ୍ତାକଡରେ ପଡିଥିବା ଏକ ପଥର ଉଠାଇ ସାନଭାଇ ଜଗା ପେଟକୁ ଛେଚିଦେଇଥିଲେ। ଜଗା ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାବେଳେ କାର୍ତ୍ତିକ ଓ ଉକ୍ତ ସାଙ୍ଗ ଗାଡ଼ିନେଇ ପଳାଇ ଯାଇଥିଲେ। ପରିବାର ଲୋକ ଏହା ଜାଣିବାପରେ ଘଟଣାସ୍ଥଳକୁ ଯାଇ ଗୁରୁତର ଅବସ୍ଥାରେ ଜଗାକୁ ପ୍ରଥମେ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖୋର୍ଦ୍ଧା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଗା ମୃତ୍ୟୁବରଣ କରିଥିଲା। ପରେ ଜଗାଙ୍କ ସମ୍ପର୍କୀୟ ଭାଇ କାର୍ତ୍ତିକଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିବା ପରେ ସକାଳେ ପୋଲିସ ଖୋର୍ଦ୍ଧା ଡାକ୍ତରଖାନାକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଜନଔଷଧି କେନ୍ଦ୍ର କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ୩ କୋର୍ଟଚାଲାଣ

**ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ୩ ଯୁବକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ୩ ଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ସୁକରପଡାଠାରେ ଥିବା ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରେ ପ୍ରବେଶ କରି ଅସୁରେଶ୍ୱର ପଞ୍ଚାୟତ ଦିକ୍ଷିତପଡ଼ାର ଅଶୋକ ବାରିକ, ନାରାୟଣ ବାରିକ ଓ ବଳରାମ ବାରିକ ମାରଣାସ୍ତ୍ରରେ ସେଲସମ୍ୟାନ ରଶ୍ମିତା ବାରିକ ଓ ସତ୍ତ୍ୱାଧିକାରୀ ଗିରିଜା ଶଙ୍କର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଥାନାରେ ଗିରିଜା ଲିଖିତ ଅଭିଯୋଗ କରିଥିଲେ। ଥାନାରେ ନଂ.୧୩୬/୨୩ରେ ମାମଲା ହୋଇଥିଲା।

## ସଂକ୍ଷେପରେ

### ଶିକ୍ଷାନୁଷ୍ଠାନରେ ନିଶାଦ୍ରବ୍ୟ ଉପରେ ଲାଗିବ ରୋକ୍

**ଭୁବନେଶ୍ୱର,୧୯।୭(ସୂର୍ଯ୍ୟକାନ୍ତ ବେହେରା):** ରାଜଧାନୀରେ ନିଶା କାରବାର ବଢ଼ିଚାଲିଛି। ବିଶେଷ କରି ଛାତ୍ରୀଛାତ୍ର ଏଥିରେ ଅଧିକ ଜଡ଼ିତ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏହା ଉପରେ ରୋକ୍ ଲଗାଇବାକୁ ବୁଧବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଏକ ବୈଠକ ବସି ପଦକ୍ଷେପ ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୫୦ଜଣ ମୁଖ୍ୟଙ୍କ ସହ ପୋଲିସ ପକ୍ଷରୁ ଆଲୋଚନା ହୋଇଥିଲା। କ୍ୟାମ୍ପସ ଓ ହଷ୍ଟେଲରେ ନିୟମିତ ନିଶାଦ୍ରବ୍ୟ ଯାଞ୍ଚ, ଛାତ୍ରୀଛାତ୍ର ନିଶାସେବନ କରୁଥିଲେ ଅଭିଭାବକଙ୍କୁ ନୋଟିସ ଦିଆଯିବ। ନିଶା ସେବନର ସମସ୍ୟା ଓ ଏହାର ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା, ଏନେଇ ଏକ ବୋର୍ଡ ସ୍ଥାପନ, ନିଶା ସେବନ ଓ ବିଲୋପ ଉପରେ କମିଟି ଗଠନ ଆଦି କରାଯିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଅଣଛାତ୍ରଙ୍କୁ ବିନା ଯାଞ୍ଚରେ ଭିତରକୁ ଅନୁମତି ନ ଦେବା, କ୍ୟାମ୍ପସ ଭିତରକୁ ନିଶାଦ୍ରବ୍ୟ ନିଷେଧ କରିବାକୁ ମଧ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡିସିପି ପ୍ରତୀକ ସିଂ, ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ଦିଲ୍ଲୀପ କୁମାର ବଳ, ଉଚ୍ଚଶିକ୍ଷା ବିଭାଗ ଡେପୁଟି ସେକ୍ରେଟେରି ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ଛାତ୍ର ନିଖୋଜ

**କଟକ ସଦର,୧୯।୭(ସୁଶାନ୍ତ କୁମାର ଜେନା):** ୪୨ ମୌଜା ଥାନା ଅନ୍ତର୍ଗତ କଣ୍ଟୁଣିଆସ୍ଥିତ ବେଲେଶ୍ୱର ମୂକବଧିର ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଦୀପକ ନାୟକ ମଙ୍ଗଳବାରଠାରୁ ନିଖୋଜ



ହୋଇଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ଛାତ୍ରାବାସକୁ ଗାଧୋଇବା ପାଇଁ ଯାଇ ଆଉ ଫେରିନାହାନ୍ତି। ଛାତ୍ର ଜଣକ ମୂକ ଓ ବଧିର ଅଟନ୍ତି। ଯଦି କୌଣସି ବ୍ୟକ୍ତି ସମ୍ପୃକ୍ତ ଛାତ୍ରର ସନ୍ଧାନ ପାଆନ୍ତି ତା'ହେଲେ ଟେଲିଫୋନ ନମ୍ବର(୮୨୮୦୪୦୫୬୯୪)ରେ ୪୨ ମୌଜା ପୋଲିସ ସହ ଯୋଗାଯୋଗ କରିବା ଥାନାଧିକାରୀ ଗିରୀଶ ଚନ୍ଦ୍ର ମହାରଣା କହିଛନ୍ତି। ସମ୍ପୃକ୍ତ ଛାତ୍ରଙ୍କ ଘର କେନ୍ଦୁଝର ଜିଲାରେ ବୋଲି ଜଣାପଡିଛି।

### ବେଆଇନ କରତକଳରେ ଚଢ଼ାଉ: ଯନ୍ତ୍ରାଂଶ, କାଠ ଜବତ

**ଫୁଲନଖରା,୧୯।୭ (ସତ୍ୟରଞ୍ଜନ ଦାସମହାପାତ୍ର):** କଟକ ସଦର ଥାନା ଅନ୍ତର୍ଗତ ନଛିପୁର ବଢେଇ ସାହିରେ ବେଆଇନ ଭାବେ ଚାଲିଥିବା ଏକ କରତକଳ ଉପରେ ବୁଧବାର କଟକ ଭିଜିଲାନ୍ସ ଓ ଫୁଲନଖରା ବନାଞ୍ଚଳ ପକ୍ଷରୁ ଚଢ଼ାଉ କରାଯାଇଛି। ସେଠାରୁ ମୂଲ୍ୟବାନ୍ ଯନ୍ତ୍ରାଂଶ ସହ ବହୁ ପରିମାଣର କାଠ ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ଡିଏଫ୍ଓ ରଜନୀକାନ୍ତ ମହାନ୍ତି କହିଛନ୍ତି। ଚଢ଼ାଉ ସମୟରେ କରତକଳ ମାଲିକ ଫେରାର ହୋଇଯାଇଛନ୍ତି। ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ବନ ସଂରକ୍ଷକ ଅନନ୍ତ ପ୍ରଧାନ କହିଛନ୍ତି। ଏହି ଚଢାଉରେ ପୋଲିସ, ଭିଜିଲାନ୍ସ ଓ ବନ ବିଭାଗ ଅଧିକାରୀ ସାମିଲ ହୋଇଥିଲେ।

# ବସ୍ତିରେ ତିଆରି ହେଉଥିଲା ଗଞ୍ଜେଇ ସିଗାରେଟ

## ଗ୍ରାହକ ବେଶରେ ମହିଳାଙ୍କୁ ଧରିଲା ଅବକାରୀ ଟିମ୍

- 'ବାବା ସିଗାରେଟ' ନାମରେ ରାଜଧାନୀରେ ବିକ୍ରି ହେଉଛି
- ୫ ହଜାର ଗଞ୍ଜେଇ ଭର୍ତ୍ତି ସିଗାରେଟ, ୨୪ କେଜି ଗଞ୍ଜେଇ ଜବତ
- ପୂର୍ବରୁ ମହିଳାଙ୍କ ସ୍ୱାମୀ ମଧ ଜେଲ୍ ଯାଇଛନ୍ତି

ଭୁବନେଶ୍ୱର,୧୯।୭
(ସୂର୍ଯ୍ୟକାନ୍ତ ବେହେରା)

ଦେଖିବାକୁ ସିଗାରେଟ। ମାତ୍ର ଭିତରେ ଭର୍ତ୍ତି ହୋଇଛି ଗଞ୍ଜେଇ। ରାଜଧାନୀରେ ବେଆଇନ ଭାବେ ବିକ୍ରି ହେଉଥିବା ଏହି ଗଞ୍ଜେଇ ସିଗାରେଟ ସହରରେ ଥିବା ବସ୍ତିରେ ତିଆରି ହେଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ୟାକେଜିଂ ସହ ବ୍ରାଣ୍ଡିଂ ବି ହେଉଛି। ଅବକାରୀ ଅଧିକାରୀମାନେ ବୁଧବାର ସକାଳେ ଗ୍ରାହକ ବେଶରେ ଆଚାର୍ଯ୍ୟବିହାରସ୍ଥିତ ବିଶ୍ୱେଶ୍ୱର ବସ୍ତିରେ ଚଢ଼ାଉ କରି ଏହି ର୍ୟାକେଟକୁ ଠାବ କରିବା ସହ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ରଙ୍ଗବତୀ ଦାସ। ତାଙ୍କ ଘର ଓ ଦୋକାନରୁ ୫ ହଜାର ଗଞ୍ଜେଇ ଭର୍ତ୍ତି ସିଗାରେଟ ଓ ୨୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ତାଙ୍କ ସ୍ୱାମୀ ମଧ ଗତବର୍ଷ ଗିରଫ ହୋଇ ଜେଲ ଯାଇଥିଲେ। ଏବେ ଏହି ର୍ୟାକେଟ ଧରାପଡିବା ପରେ ଏଥିରେ ଆଉ କିଏ ସଂପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରି ରଖିଛି ଅବକାରୀ ଟିମ୍। ତେବେ ଉକ୍ତ ବସ୍ତିରେ ଘରେ ଘରେ ଗଞ୍ଜେଇ ସିଗାରେଟ ତିଆରି ଓ ବିକ୍ରି ହେଉଥିବା ଗିରଫ ମହିଳା ରଙ୍ଗବତୀ ଗଣମାଧ୍ୟମ ଆଗରେ କହିବା ପରେ ବଡ଼ ଧରଣର ଚଢ଼ାଉ ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡିଛି। ଅନ୍ୟପକ୍ଷରେ ଅବକାରୀ ଚଢ଼ାଉ ଖବର ପାଇବା ପରେ ସମ୍ପୃକ୍ତ ଅନ୍ୟମାନେ ମଧ ସତର୍କ ହୋଇପଡିଥିବା କୁହାଯାଉଛି। ବର୍ଷ ବର୍ଷ ଧରି ଏଠାରେ ଗଞ୍ଜେଇ ସିଗାରେଟ ତିଆରି ହେବା ସହ ବିକ୍ରି ହେଉଥିଲେ ମଧ ପୋଲିସର ନୀରବତାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଗଞ୍ଜେଇ ସିଗାରେଟ ଏବେ ସହରର ଗଳିକନ୍ଦିରେ ମିଳୁଛି। ବିଶେଷକରି କଲେଜ, ମଲ୍ ଓ ବସ୍ତି ଅଞ୍ଚଳରେ ବେଶି ବିକ୍ରି ହେଉଛି। ଏବେ କାଉଡିଆମାନେ ମଧ ଏହି ସିଗାରେଟ ବ୍ୟବହାର କରୁଥିବା ଜଣାପଡିଛି। ଗ୍ରାହକମାନେ ଏହାର କୋଡ୍ ୱାର୍ଡ 'ବାବା ସିଗାରେଟ' ନାଁରେ ଦୋକାନୀଙ୍କୁ ମାଗିଥାନ୍ତି।



ଗିରଫ ମହିଳା, ଜବତ ଗଞ୍ଜେଇ ସିଗାରେଟ୍ ସହ ଅବକାରୀ ଟିମ୍।

# ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ



ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବା ଦାବିରେ ପୁରୀର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୯।୭(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନିଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ପାଇଁ ସୁଯୋଗ ଅନୁମତି ସହ ଅନ୍ୟାନ୍ୟ ଦାବି ନେଇ ସଚେତନ ନାଗରିକ ମଞ୍ଚ ସମେତ ପୁରୀର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ବୁଧବାର ଜିଲାପାଳଙ୍କୁ ଭେଟିଛନ୍ତି। ତୁରନ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ସେମାନେ ଜିଲାପାଳଙ୍କ ସହିତ ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି।

ସୂଚନାଯୋଗ୍ୟ, ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯାଉ ନ ଥିବାରୁ ପ୍ରବଳ ଭିଡ଼ ହେଉଛି। ଭକ୍ତମାନେ ମହାପ୍ରସାଦ ପାଇଁ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ଏହି ସମସ୍ୟା ପାଇଁ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନକୁ ଭକ୍ତମାନେ ଦୋଷ ଦେଉଛନ୍ତି। ଏନେଇ ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ କୁମାର ଦାସ କହିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଭକ୍ତ

### ଜିଲାପାଳ ଦେଲେ ମୌଖିକ ପ୍ରତିଶ୍ରୁତି

ଯିବା ନେଇ ଦସ୍ତଖତ ଅଭିଯାନ ଜାରି ରହିଛି। ଆସନ୍ତା ୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବୁ। ବିଧାୟକ ସେହିପରି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲିବା ଲାଗି ଜିଲାପାଳ ମୌଖିକ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ବିଶ୍ୱାସ ନାହିଁ। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି, ତୁରନ୍ତ ୪ ଦ୍ୱାର ଖୋଲା ନ ଗଲେ ପୁରୀବାସୀ ଶ୍ରୀମନ୍ଦିର ସମ୍ମୁଖରେ ଧାରଣା ଦେବେ। ଅନ୍ୟପକ୍ଷରେ ଏନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଦାବି ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ମିଳିଛି। ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଓ ପୋଲିସ ପ୍ରଶାସନ ସହ ଆଲୋଚନା କରାଯାଇ ଯାହା ନିଷ୍ପତ୍ତି ହେବ ସେଦିଗରେ ପଦକ୍ଷେପ ନିଆଯିବ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ମୁକ୍ତ ବିଶ୍ୱବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀ



ଭୁବନେଶ୍ୱର,୧୯।୭
(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ)ରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ବିଜେବି କଲେଜ ଷ୍ଟଡି ସେଣ୍ଟର ସାମ୍ବାଦିକତା ପାଠ୍ୟକ୍ରମର ପୁରାତନ ବିଦ୍ୟାର୍ଥୀମାନେ ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ତାଙ୍କ ବାସଭବନରେ ଭେଟି ଆଲୋଚନା କରିଛନ୍ତି। ଏଥିସହ ଏ ସମ୍ପର୍କିତ ଏକ ଦାବିପତ୍ର ମଧ ପ୍ରଦାନ କରିଛନ୍ତି।

### ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ଚର୍ଚ୍ଚା

୨୦୧୫ରେ ସ୍ଥାପିତ ଓଏସ୍ଓୟୁ ଇତିମଧ୍ୟରେ ୪୦ ହଜାରରୁ ଅଧିକ ଛାତ୍ରୀଛାତ୍ର ସୃଷ୍ଟି କରିବାରେ ସଫଳ ହୋଇଥିବାବେଳେ ଏହାର ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢୁଛି। ଯେଉଁମାନେ ବିଭିନ୍ନ କାରଣରୁ ନିୟମିତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇ ପାରୁନାହାନ୍ତି ସେମାନଙ୍କ ପାଇଁ ମୁକ୍ତ ବିଶ୍ୱବିଦ୍ୟାଳୟ ସହାୟକ ହୋଇପାରିଛି। ତେଣୁ ପାଠ୍ୟକ୍ରମ ବନ୍ଦ କରିବା ପରିବର୍ତ୍ତେ ବିଶ୍ୱବିଦ୍ୟାଳୟର ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ପୁରାତନ ଛାତ୍ରୀଛାତ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପଟେ ମନ୍ତ୍ରୀ ନାୟକ ଛାତ୍ରୀଛାତ୍ରଙ୍କ ଦାବି ଉପରେ ଅନୁଧ୍ୟାନ କରି ଯଥାଶୀଘ୍ର ରାଜ୍ୟ ସରକାର ଏ ସମ୍ପର୍କରେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ମୀନା ନାୟକ, ଜ୍ଞାନ ରଞ୍ଜନ ମିଶ୍ର ଓ ରଞ୍ଜିତ ପଟ୍ଟନାୟକ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

# କୃଷ୍ଣପ୍ରସାଦକୁ ମୋ ବସ୍ ଚଳାଚଳ ଦାବି

କୃଷ୍ଣପ୍ରସାଦ,୧୯।୭
(କୈଳାସଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ତିନି ଦିଗରୁ ଘେରି ରହିଛି ବଙ୍ଗୋପସାଗର ଓ ଚିଲିକାର ଜଳରାଶି। ଜିଲା ମୁଖ୍ୟ କାର୍ଯ୍ୟାଳୟ, ରାଜଧାନୀକୁ ଯିବା ପାଇଁ ଚିଲିକାରେ ବିପଦଜନକ ଯାତ୍ରା କରିବାକୁ ପଡୁଛି। ସ୍ୱାସ୍ଥ୍ୟ ସେବା ପାଇଁ ଜନସାଧାରଣଙ୍କୁ ଗଞ୍ଜାମ ଜିଲାର ବ୍ରହ୍ମପୁର, ଛତ୍ରପୁର ଯିବାକୁ ପଡୁଛି। ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଯାତାୟାତ ପାଇଁ ଆବଶ୍ୟକୀୟ ବସ୍‌ଟିଏ ନାହିଁ। ଲକ୍ଷ୍ୟାଧିକ ଜନ ସଂଖ୍ୟା ଥିବାବେଳେ ଏହି ଅଞ୍ଚଳକୁ ଗୋଟିଏ ହେଲେ ସରକାରୀ ବସ୍ ଚଳାଚଳ କରୁନାହିଁ। ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଠାରେ ମୋ ବସ୍ ଚଳାଇବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବ୍ଲକର ପ୍ରଦ୍ୟୁମ୍ନ ବିଶ୍ୱାଳ, ପ୍ରଜ୍ଞାରେଖା ଜେନା, ପିଙ୍କି ଜେନା, ଲିଟୁ ପ୍ରଧାନ ପ୍ରମୁଖ ବୁଧବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଷଣ୍ଢ ପେଟରୁ ବାହାରିଲା ପଥର, ପଲିଥିନ

- ଅସ୍ତ୍ରୋପଚାର କଲା 'ଜଟଣୀ ଗୋସେବା ଶିବିର'

ଜଟଣୀ, ୧୯।୭(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ପୌରାଞ୍ଚଳ ଅଧୀନ ବାଲିଛକ ସାହିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜଟଣୀ ଗୋସେବା ଶିବିର' ପକ୍ଷରୁ ବୁଧବାର ଏକ ଅସୁସ୍ଥ ବୁଲାଷଣ୍ଢର ପେଟରେ ଅସ୍ତ୍ରୋପଚାର କରାଯାଇଛି। ଏହି ଷଣ୍ଢର ପେଟରୁ ୪୦ କି.ଗ୍ରାରୁ ଊର୍ଦ୍ଧ୍ୱ ପଲିଥିନ, ପଥର ଓ ଲୁହାକଣ୍ଟା ବାହାର କରାଯାଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟିର ପ୍ରଫେସର ସଦାନନ୍ଦ ନାୟକ ଉକ୍ତ ଅସ୍ତ୍ରୋପଚାର କରିଥିବାବେଳେ ଗୋସେବା ଶିବିର ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ।

ବୁଲା ଷଣ୍ଢର ପେଟରେ ଅସ୍ତ୍ରୋପଚାର କରାଯିବା ଫଳରେ ତାକୁ ନୂଆ ଜୀବନ ମିଳିଛି। ସଙ୍ଗଠନର ସଭାପତି ଚିଣ୍ଟୁ ମିଶ୍ର, ପ୍ରଦୀପ ପଟ୍ଟନାୟକ, ଦିପୁ ଜେନା, ରାଜା ଜେନା, ସୁଶାନ୍ତ ବାରିକ, କାମେଶ ରାଓ, ମାନସ ବେହେରା, ନନ୍ଦୁ, ବଟକରା ପ୍ରମୁଖ ଅସ୍ତ୍ରୋପଚାରରେ ସହାୟତା କରିଥିଲେ। ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଗତବର୍ଷ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ବୁଲା ଷଣ୍ଢଙ୍କ ଥଇଥାନ ପାଇଁ ଷଣ୍ଢପୁର ମୌଜାରେ ପୌରାଞ୍ଚଳ ପକ୍ଷରୁ ଗୋଶାଳା ପ୍ରତିଷ୍ଠା କରାଯାଇଛି। ସେଠାରେ ବୁଲାଷଣ୍ଢଙ୍କୁ ଆଣି ରଖାଯାଉଛି। ତେବେ ଗୋଶାଳାର କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ପର୍ଯ୍ୟାପ୍ତ ଖାଦ୍ୟର ଅଭାବ, ରହିବା ପାଇଁ ଉପଯୁକ୍ତ ଛାତ, ସୁରକ୍ଷା ବ୍ୟବସ୍ଥା ନ ଥିବା ସହ ଅନେକ ସମୟରେ ପଶୁଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଛି।

# ଶ୍ରଦ୍ଧାଞ୍ଜଳିଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

କଟକ,୧୯।୭ (କାର୍ତ୍ତିକ ସାହୁ)

### ଓକିଲଙ୍କ ଜରିଆରେ ହାଜର ଆବେଦନ ହାଇକୋର୍ଟରେ ଖାରଜ

ବହୁଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ହାଇକୋର୍ଟରୁ ଝଟ୍‌କା ଲାଗିଛି। ସିବିଆଇ କୋର୍ଟ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବୁଧବାର ଉକ୍ତ ମାମଲାର ଶୁଣାଣି କରି ତାଙ୍କ ଆବେଦନକୁ ଖାରଜ କରିଛନ୍ତି। ଏଥିସହ ଶ୍ରଦ୍ଧାଞ୍ଜଳି ଓକିଲଙ୍କ ମାଧ୍ୟମରେ ନୁହେଁ ବରଂ ବ୍ୟକ୍ତିଗତ ଭାବେ ସିବିଆଇ କୋର୍ଟରେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ହନିଟ୍ରାପ ମାମଲାରେ ଅର୍ଚ୍ଚନା, ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ସେଠୀ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ସେମାନଙ୍କ ପ୍ରମୁଖ ସହଯୋଗୀ ଶ୍ରଦ୍ଧାଞ୍ଜଳି ଗିରଫଦାରିରୁ ବର୍ତ୍ତିବା ପାଇଁ ପ୍ରଥମ ତଳ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ଅଦାଲତ ପକ୍ଷରୁ ତାଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ବାରମ୍ବାର ସମନ ଜାରି କରାଯାଇଥିଲେ ମଧ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଅର୍ଚ୍ଚନାଙ୍କ କଳାଧନ କାରବାର ତଦନ୍ତ ପାଇଁ ଇଡିକୁ ସହଯୋଗ କରିବା ନିମନ୍ତେ ଅଦାଲତ ଶ୍ରଦ୍ଧାଞ୍ଜଳିଙ୍କୁ ନିର୍ଦ୍ଦେଶ ଦେଇଥିଲେ ବି ସେ ତାହା କରି ନ ଥିଲେ। ବରଂ ନିଜର ଅସୁସ୍ଥତା ଦର୍ଶାଇ ସେ ଆଇନଜୀବୀଙ୍କ ମାଧ୍ୟମରେ କୋର୍ଟରେ ହାଜର ହୋଇ ଖସିବାକୁ ଉଦ୍ୟମ କରିଥିଲେ। ଫଳରେ ତଳକୋର୍ଟରେ ତାଙ୍କର ଆବେଦନ ଖାରଜ ହୋଇଥିଲା। ଏଥିସହ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା।





ଶ୍ରମିକ ପଞ୍ଜୀକରଣ ଓ ନବୀକରଣ ପାଇଁ ଅନ୍‌ଲାଇନ୍ ଆବେଦନ ଅବଧି ବୃଦ୍ଧି ସହ ବିଭିନ୍ନ ଦାବି ନେଇ ଏଆଇଟିୟୁସି ସମେତ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ଓ ନିର୍ମାଣ ଶ୍ରମିକ ସଙ୍ଗଠନ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ଦାବି ଉପସ୍ଥାପନ କରାଯାଉଛି। (ଫଟୋ- ବିକାଶ ନାୟକ)

# 'ଛାତ୍ର ସଂସଦ ନିର୍ବାଚନ ଘୋଷଣା କରାଯାଉ'

ଖୋର୍ଦ୍ଧା୧୯।୭(ପ୍ରଭାତ ପାଣିଗ୍ରାହୀ)

ବିଭିନ୍ନ ପ୍ରସଙ୍ଗ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ଦୀର୍ଘ ୪ବର୍ଷ ହେବ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ଗୋଟିଏ ପଟେ କ୍ୟାମ୍ପସରେ ଶାସକ ଦଳ ବିଜୁ ଛାତ୍ର ବାହିନୀ ଗଠନ କରୁଛନ୍ତି, ଅଥଚ ଛାତ୍ରଙ୍କ ନେତୃତ୍ୱକୁ ଅଣଦେଖା କରୁଛନ୍ତି। କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ଆଣିବା ପାଇଁ ନିର୍ବାଚନ ବନ୍ଦ ଏକ ବାହାନା। ଯେଉଁଭଳି କ୍ୟାମ୍ପସରେ ବିଜୁ ଛାତ୍ର ବାହିନୀ ହିଂସ୍ର ପାଲଟିଛନ୍ତି, ଆଗାମୀ ଦିନରେ ଛାତ୍ର ସଂସଦ ନିର୍ବାଚନ ହେଲେ ବିଜୁ ଛାତ୍ର ଜନତାର ଶୋଚନୀୟ ପରାଜୟ ହେବା ସମ୍ଭାବନା ଅଧିକ ରହିଛି। ଏଣୁ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ଡରୁଛନ୍ତି ଓ ଜାଣିଶୁଣି ଏଡ଼ାଇ ଚାଲିଛନ୍ତି। ତେବେ ଶୈକ୍ଷିକ ବାତାବରଣ ନମୁନା ଆଜି ପଦାରେ ପଡ଼ିଛି। ଉଭୟ ବ୍ରହ୍ମପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ନାକ୍ ଗ୍ରେଡ୍ ମାନ୍ୟତା ଖସିଲା ବୋଲି ବୁଧବାର ସ୍ଥାନୀୟ ଗୀତାଭବନ ପରିସରରେ ଏବିଭିପି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଂଯୋଜକ ସାଗର ପରିଡ଼ା କହିଛନ୍ତି। ସେ ଆହୁରି କହିଲେ ଯେ, କ୍ୟାମ୍ପସରେ ଅଣଛାତ୍ରଙ୍କ ପ୍ରବେଶ, ଆତଙ୍କରାଜ ବଢିଚାଲିଛି। ଗଞ୍ଜାମ ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜରେ ର୍ୟାଗିଙ୍ଗ ଘଟଣା ବିଜୁ ଛାତ୍ର ଜନତା ଦଳର ଅସଲ ଚେହେରା ପଦାରେ ପକାଇଥିଲା। ଏହି କ୍ୟାମ୍ପସ କମିଟି ସଂଯୋଜକଙ୍କ ଏଥିରେ ସଂପୃକ୍ତି ଧରାପଡ଼ିଥିଲା। ସେହିପରି ଏବିଭିପି ରାଜ୍ୟ ସହସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଲେ ଯେ, ଗତ କିଛି ମାସ ହେଲା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ସବୁଠାରୁ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ୫-ଟି ସଚିବଙ୍କ ଗସ୍ତ ପାଇଁ କଲେଜର ବିଦ୍ୟାର୍ଥୀମାନଙ୍କୁ ଅଧକ୍ଷମାନେ ଗାଡ଼ିରେ ସଭାକୁ ନେଇଛନ୍ତି। ଢେଙ୍କାନାଳ ମଠକରଗୋଲା କଲେଜ ଏବଂ ସମ୍ବଲପୁର ଏନ୍‌ଏସ୍‌ସିବି କଲେଜ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଏସବୁ ଘଟଣା ପଛରେ କିଏ ଅଛନ୍ତି? ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ବିଭିନ୍ନ କଲେଜରେ ଏକାଧିକ ଅଧାପକ ପଦବୀ ଖାଲି ରହିଛି। ବାଙ୍କୀ କଲେଜ ଗ୍ୟାଲେରୀ ଭୁଶୁଡ଼ି ପଡିଲା। ରମାଦେବୀ ବିଶ୍ୱବିଦ୍ୟାଳୟର ୫ଟି ପାଚେରୀ ଭୁଶୁଡିଲା। ଭଦ୍ରକ କଲେଜର ଜାଲ୍ ସାର୍ଟିଫିକେଟ ଘଟଣା ସାମ୍ନାକୁ ଆସିଲା। ଛାତ୍ର ସମାଜକୁ ଗଠନମୂଳକ ସମାଜ ପାଇଁ ପ୍ରସ୍ତୁତ କରିବା ପରିବର୍ତ୍ତେ ସେମାନଙ୍କୁ ନିର୍ବାଚନ ପାଇଁ ପ୍ରସ୍ତୁତ କରୁଛି ଶାସକଦଳ। ଏହା ଚିନ୍ତାଜନକ ବିଷୟ। ରାଜ୍ୟ ସରକାର ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ଘୋଷଣା କରନ୍ତୁ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଏବଂ କ୍ଷେତ୍ରବାସୀ ଡିଏଭି ଓ ନିରାକାରପୁର କଲେଜକୁ ସ୍ୱୟଂଶାସିତ ଘୋଷଣା କରାଯାଉ। ଗୋଦାବରୀଶ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା, ସମସ୍ତ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ବିଶ୍ରାମାଗାର ଗଠନ, ପିଏନ୍ କଲେଜ ପରିସରରେ ଫାଣ୍ଡି ପ୍ରତିଷ୍ଠା ସହ ସମସ୍ତ ମହାବିଦ୍ୟାଳୟରେ ପାଇକ ସ୍ମାରକୀ ଉପରେ ସ୍ୱତନ୍ତ୍ର ଗବେଷଣା କରାଯିବାକୁ ଏବିଭିପି ଦାବି କରିଛି। ନଚେତ ସମସ୍ତ କ୍ୟାମ୍ପସ, ବିଶ୍ୱବିଦ୍ୟାଳୟ ଆଗରେ ଏବିଭିପି ଆନ୍ଦୋଳନ କରିବ ବୋଲି କଡ଼ା ଚେତାବନୀ ଦେଇଛି।

ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭମ ଶୁଭାଶିଷ ଓ ଜିଲା ସହ ସଂଯୋଜିକା ଲିପ୍ସା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏବିଭିପିର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

### ପି.ଏନ୍ କଲେଜକୁ ବିଶ୍ୱବିଦ୍ୟାଳୟ, କ୍ଷେତ୍ରବାସୀ ଡିଏଭି କଲେଜକୁ ସ୍ୱୟଂଶାସିତ ମାନ୍ୟତା ମିଳୁ: ଏବିଭିପି

# ଡକାୟତି ଯୋଜନାବେଳେ ୫ ଧରାପଡ଼ିଲେ

ଜଟଣୀ,୧୯।୭(ରବୀନ୍ଦ୍ରନାଥ ମହାକୁଡ଼)

### ସ୍କୁଟି, ବାଇକ୍ ସହ ୩ ଛୁରି, ୨ ଲୁହାରଡ୍ ଜବତ

ଡକାୟତି ଯୋଜନା କରୁଥିବାବେଳେ ଜଟଣୀ ପୋଲିସ ଚଢ଼ାଉ କରି ୫ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅଧୀନ ପଦନପୁର ଗ୍ରାମ ଉପରସାହିର ରାଜୁ ଓରଫ ରାଜେନ୍ଦ୍ର ମହାପାତ୍ର, ଗଜପତିନଗର ଅଞ୍ଚଳର ଅବଦୁଲ ରହେମନ, ପଦନପୁର ତଳସାହିର ଗାଦୁ ଗଦାଧର ନାୟକ, ବଡ଼ନୂଆ ଗାଁ ମହାନ୍ତି ସାହିର ପ୍ରତାପ ବାରିକ ଏବଂ ପଦନପୁର ତଳସାହିର ରାଜା ରଘୁନାଥ ଦାସ। ସେମାନଙ୍କ ନିକଟରୁ ପୋଲିସ ଭୁବନେଶ୍ୱର ତମଣ୍ଡୋ ଅଞ୍ଚଳରୁ ଚୋରି ହୋଇଥିବା ଏକ ସ୍କୁଟି ଓ ମଟରସାଇକେଲ,୩ ଛୁରି, ୨ ଲୁହାରଡ଼ ଏବଂ ଲଙ୍କା ଗୁଣ୍ଡ ପ୍ୟାକେଟକୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୬୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କେତେଜଣ ଯୁବକ ସ୍ଥାନୀୟ କିଷ୍ଟ କଲେଜ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଡକାୟତି ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ଜଟଣୀ ପୋଲିସର ଏକ ପାଟ୍ରୋଲିଂ ଟିମ୍ ଜଟଣୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ୫ଜଣ ଯୁବକ ଦୌଡ଼ିବାକୁ ଚେଷ୍ଟା କରିଥିଲେ, କିନ୍ତୁ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ସେମାନଙ୍କଠାରୁ ବିଭିନ୍ନ ଡକାୟତିରେ ବ୍ୟବହାର କରୁଥିବା ସାମଗ୍ରୀ ଜବତ କରାଯାଇଥିଲା। ସୂଚନାଥାଉକି, ଅଭିଯୁକ୍ତ ରାଜୁଙ୍କ ନାମରେ ବିଭିନ୍ନ ଥାନାରେ ୬ଟି ମାମଲା ରହିଥିଲା ବେଳେ ପ୍ରତାପ ବାରିକ ନାମରେ ୮ଟି, ରଘୁନାଥ ଦାସ ନାମରେ ୮ଟି, ଗଦାଧର ନାୟକ ନାମରେ ୫ଟି ଓ ଅବଦୁଲ ରେହମାନ ନାମରେ ୩ଟି ମାମଲା ରହିଛି।

## ସଂକ୍ଷେପରେ

### ସିଙ୍ଗାପୁରରୁ ଫେରିଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୯।୭(ଅନୁରାଧା ମହାରଣା): ସିଙ୍ଗାପୁରର ବିଭିନ୍ନ କମ୍ପାନୀରେ ସଫଳତାର ସହ ୬ ମାସିଆ 'ପେଡ୍ ଇଣ୍ଟର୍ନଶିପ' ଶେଷକରି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ଜଣ ଛାତ୍ରୀଛାତ୍ର ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସ୍ୱାଗତ କରାଯାଇଥିଲା। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଲକା ମିଶ୍ର ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସିଙ୍ଗାପୁର ଇଣ୍ଟର୍ନଶିପ୍ ସମୟର ଅନୁଭୂତି ଓ ସେଠିକାର ପରିବେଶ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧକ୍ଷ ସଙ୍ଗରଣ ଗୋପାଲ, ଉପାଧକ୍ଷ ଡ.ଶୁଭଙ୍ଗ କିଶୋର ଦାସ, ନିର୍ଦ୍ଦେଶକ (ପ୍ରଶାସନ) କେରୱିନ ହିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ନେଭା ଆପ୍ଲିକେଶନ ପ୍ରୟୋଗର ପ୍ରଶିକ୍ଷଣ ନେଲେ ଆମେନିଟିଜ୍ କମିଟି ସଦସ୍ୟ

ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର): ଓଡ଼ିଶା ବିଧାନସଭାରେ ବୁଧବାର ଆମେନିଟିଜ୍ କମିଟିର ସଦସ୍ୟ ଥିବା ବିଧାୟକମାନେ ନେଭା ଆପ୍ଲିକେଶନର ପ୍ରୟୋଗ ସମ୍ପର୍କିତ ପ୍ରଶିକ୍ଷଣ ନେଇଛନ୍ତି। ଏହା ହେଉଛି କେନ୍ଦ୍ର ସରକାରଙ୍କ ଏକ ମିଶନ ମୋଡ୍ ପ୍ରକଳ୍ପ । ଖୁବ୍‌ଶୀଘ୍ର ଏହା ପାର୍ଲାମେଣ୍ଟ ସମେତ ସମସ୍ତ ବିଧାନସଭାକୁ ପେପରଲେସ୍ ପ୍ରକ୍ରିୟାରେ ପରିଚାଳନା କରାଯିବ । ଦ୍ୱିତୀୟ ଦିନର ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂଙ୍କ ଉପସ୍ଥିତିରେ ନେଭା କାର୍ଯ୍ୟକ୍ରମ କିଭଳି ବିଧାନସଭାରେ ସଫଳ ଭାବେ କାର୍ଯ୍ୟକାରୀ ହେବ ସେନେଇ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବିଶଦ ଆଲୋଚନା କରାଯାଇଛି । ପ୍ରଶିକ୍ଷଣ ଗ୍ରହଣ କରୁଥିବା ବିଧାୟକଙ୍କୁ ରଜନୀକାନ୍ତ ସିଂ କହିଛନ୍ତି, ଏହି ଆପ୍ଲିକେଶନର ସଫଳ ପ୍ରୟୋଗରେ ସାଧାରଣ ଜନତାଙ୍କ ପାଖରେ ସରକାରଙ୍କ ଆଭିମୁଖ୍ୟ ପହଞ୍ଚିପାରିବ ଏବଂ ଏହି ଆପ୍ଲିକେଶନ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀକୁ ଆହୁରି ସରଳ କରିବ । ବିଧାନସଭା ପକ୍ଷରୁ ନେଭାର ସଫଳ କାର୍ଯ୍ୟକାରିତା ପାଇଁ ୩ଟି କମିଟି ଗଠନ କରାଯାଇଛି। ଅଳ୍ପଦିନ ମଧ୍ୟରେ ଯେଭଳି ଓଡ଼ିଶା ବିଧାନସଭାର ସମସ୍ତ ବିଧାୟକ ନେଭା ଆପ୍ ସହ ଅଭ୍ୟସ୍ତ ହୋଇପାରିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ନେଭା କର୍ମକର୍ତ୍ତା ଏବଂ ବିଧାନସଭା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏନ୍‌ଆଇସି ପକ୍ଷରୁ ଇ-ବିଧାନ ଆପ୍ଲିକେଶନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

# ବନ୍ଧା ହେଲେ ପୁରୁଷ ବନ୍ଧୁ ନୟନ

## ମହିଳା ପୋଷ୍ଟ ମାଷ୍ଟର ହତ୍ୟା ଘଟଣା

ସୁନ୍ଦରଗଡ଼,୧୯।୭(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ତେଲେନଡିହି ସବ୍ ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ସ୍ନିଗ୍ଧା ପ୍ରଧାନ(୨୪)ଙ୍କ ହତ୍ୟା ଘଟଣାରେ ପୋଲିସ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସାତଯୋରିଆ ଗ୍ରାମର ନୟନ ସେଠ(୨୬)। ସ୍ନିଗ୍ଧାଙ୍କୁ ଛୁରୀ ଭୂଷି ହତ୍ୟା କରିବା ପରେ ତାଙ୍କ ମୋବାଇଲ ଫୋନରୁ ଅଭିଯୁକ୍ତ ମୃତାଙ୍କ ମା'ଙ୍କୁ ଫୋନରେ ହତ୍ୟାକାଣ୍ଡ ସ୍ଥାନର ଲୋକେଶନ ପଠାଇଥିଲେ। ଏପରିକି ସ୍ନିଗ୍ଧାଙ୍କୁ କେହି ହତ୍ୟା କରିଥିବା ମେସେଜ ପଠାଇ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୁକ୍ତ ନୟନ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କ ବିରୋଧରେ ହତ୍ୟା ( ଦଫା ୩୦୨) ଓ ପ୍ରମାଣ ନଷ୍ଟ (ଦଫା ୨୦୧) ଅଭିଯୋଗରେ ଏକ ମାମଲା (ନଂ.୧୩୬/୨୦୨୩) ରୁଜୁ କରିଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ସହିତ ମୋବାଇଲ ଫୋନ ଓ ଏକ ସ୍କୁଟିକୁ ଜବତ କରିଥିବା ନେଇ ସୁନ୍ଦରଗଡ ସଦର ଏସ୍‌ଡିପିଓ ହିମାଂଶୁ ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସ୍ନିଗ୍ଧା ବର୍ଷେ ହେବ ତେଲେନଡିହି ସବ୍ ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟରଭାବେ ଚାକରି କରୁଥିଲେ। ଏହାମଧ୍ୟରେ ନୟନଙ୍କ ସହ ତାଙ୍କର ବନ୍ଧୁତା ହୋଇ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ନୟନ ଭିନ୍ନ ଜାତି ହୋଇଥିବାରୁ ତାଙ୍କ ସହ ବିବାହ ପାଇଁ ସ୍ନିଗ୍ଧାଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ଫଳରେ ଗତ ଦେଢ ମାସ ପୂର୍ବରୁ ଉଭୟ କିଛିଦିନ ଅନ୍ୟତ୍ର ଚାଲି ଯାଇଥିଲେ। ହେଲେ ବାପାଙ୍କ ଅସୁସ୍ଥତାଥିବା ଦର୍ଶାଇ ସ୍ନିଗ୍ଧାଙ୍କ ମା' ଝିଅକୁ ଘରକୁ ଫେରିଆସିବାକୁ କହିବାପରେ ସେମାନେ ଫେରିଆସିଥିଲେ। ପରେ ସେମାନେ କେବଳ ହ୍ୱାଟସ୍‌ଆପରେ କଥା ହେଉଥିଲେ। ଅପରପକ୍ଷରେ ସ୍ନିଗଧା ଲେଫ୍ରିପଡା ଅଞ୍ଚଳର ଅନ୍ୟ ୨ଜଣ ଯୁବକଙ୍କଠାରୁ କିଛି ଟଙ୍କା ଉଧାର ଆଣିଥିଲେ। ସେମାନଙ୍କ ସହ ମଧ ହ୍ୱାଟସଆପ୍‌ରେ କଥା ହେଉଥିବା ନୟନ ଜାଣିବା ପରେ ତାଙ୍କ ସହ କଥା ନ ହେବାକୁ ଚାହୁଁଥିଲେ। ଇତିମଧ୍ୟରେ ସ୍ନିଗଧାଙ୍କ ସହିତ ନୟନଙ୍କର ବିବାହ ଯେମିତି ନ ହେବ ସେ ନେଇ ସ୍ନିଗଧାଙ୍କ ପରିବାର ଲୋକେ ପୂଜପାଠ କରୁଥିଲେ। ଏହା ନୟନ ଜାଣି ପାରି ସ୍ନିଗଧାଙ୍କୁ ହତ୍ୟା କରିବାର ଯୋଜନା କରିଥିଲେ। ରବିବାର ଛୁଟି ଥିବାରୁ ସ୍ନିଗ୍ଧା ହେମଗିର ଟିଙ୍କିଲିପଡାରେ ରହୁଥିବା ତାଙ୍କ ଘରକୁ ଯାଇ ସୋମବାର



ସ୍ନିଗ୍ଧା ପ୍ରଧାନ।

ସକାଳେ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ସହିତ ଲେଫ୍ରିପଡା ଆସିଥିଲେ। ସ୍ନିଗ୍ଧା ତେଲନଡିହି ଭଡାଘରକୁ ନ ଯାଇ ଲେଫ୍ରିପଡା ବସଷ୍ଟାଣ୍ଡରେ କାମ ଅଛି କହି ଓହ୍ଲାଇ ଥିଲେ। ଏହା ପରେ ତାଙ୍କ ପୁରୁଷ ବନ୍ଧୁ ନୟନ ଏକ ସ୍କୁଟିରେ ଆସିଥିଲେ। ସେଠାରୁ ସେମାନେ ସୁରୁଗୁଡା ମନ୍ଦିର ପଟକୁ ଯାଇଥିଲେ। ହେଲେ ସେଠାରେ ଲୋକ ଗହଳି ଥିବାରୁ ସେମାନେ ସେଠାରୁ ଚାଲି ଆସି ଲେଫ୍ରିପଡା-କୁରୁମକେଲ ରାସ୍ତାର ବେଲସରିଆପଡା ଜଙ୍ଗଲ ନିକଟସ୍ଥ ଏକ ବୁଦାମୂଳେ ଅଟକି କଥା ହୋଇଥିଲେ। ଏହି ସମୟରେ ସ୍ନିଗ୍ଧା ନୟନଙ୍କୁ ଜଣେ ଯୁବକଙ୍କ ଠାରୁ ଉଧାରୀ ଆଣିଥିବା ୨୦ହଜାର ଟଙ୍କା ଫେରାଇବା ପାଇଁ ଦେଇଥିଲେ। ହେଲେ ନୟନ ସେହି ଯୁବକଙ୍କୁ ଟଙ୍କା ଫେରାଇବାକୁ ମନା କରିବା ସହ ମୁଁ ସେ କଥା ବୁଝିବି ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ପରେ ନୟନ ପୂର୍ବ ପ୍ରସ୍ତୁତି ହୋଇ ଘରୁ ସାଙ୍ଗରେ ଧରିଆସିଥିବା ଛୁରିରେ ସ୍ନିଗ୍ଧାଙ୍କ ପେଟ, ପିଠି ଓ ଛାତିକୁ ଭୁସି ହତ୍ୟା କରିଥିଲେ। ମଙ୍ଗଳବାର ସକାଳେ ବେଲସରିଆପଡା ଜଙ୍ଗଲ ନିକଟରେ ଜଣେ ଯୁବତୀଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ପରିବାର ଲୋକଙ୍କୁ ଧରି ଘଟଣା ସ୍ଥଳରେ ପହଞ୍ଚି ଏହା ସ୍ନିଗଧାଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ଏହାପରେ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭହୋଇଥିଲା। ପୁରୁଷବନ୍ଧୁ ନୟନଙ୍କ ମୋବାଇଲ ଫୋନ ସୁଇଚ ଅଫ୍ ଥିବାରୁ ତାଙ୍କୁ ମଧ ହତ୍ୟା କରାଯାଇଥାଇପାରେ ବୋଲି ପ୍ରଥମେ ପୋଲିସ ସନ୍ଦେହ କରୁଥିଲା। ହେଲେ ପରେ ନୟନଙ୍କ ଫୋନ ଅନ୍ ହେବାପରେ ପୋଲିସ ସେହି ନମ୍ବରର ଲୋକେଶନ ଟ୍ରାକିଙ୍ଗ କରି ତାଙ୍କୁ ସୁନ୍ଦରଗଡ-ଝାରସୁଗୁଡା ମଧ୍ୟରେ ଥିବା ଭକ୍ଷାଠାରେ କାବୁ କରି ଥାନାକୁ ଆଣିଜେରା କରିଥିଲା।

# ପୂର୍ବତନ ଆଇଆଇସିଙ୍କୁ ୪ ବର୍ଷ ଜେଲ

**ମାମଲାରୁ ୩୦୭ ଦଫା କାଟିବାକୁ ଲାଞ୍ଚ ନେଇ ଧରାପଡ଼ିଥିଲେ**

■ ବ୍ୟକ୍ତିଗତ ଡ୍ରାଇଭର, ସହଯୋଗୀ ମଧ ଦଣ୍ଡିତ

ଢେଙ୍କାନାଳ, ୧୯।୭(ରତନ ନାୟାର)

ଏକ ମରଣାନ୍ତକ ଆକ୍ରମଣ ମାମଲାରୁ ୩୦୭ ଦଫା (ହତ୍ୟା ଉଦ୍ୟମ) ହଟାଇବା ଲାଗି ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନାର ପୂର୍ବତନ ଅଧିକାରୀ ଚିତ୍ତରଞ୍ଜନ ବେହେରା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଢେଙ୍କାନାଳ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ବିକ୍ରମ ପଟ୍ଟନାୟକ ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ୍ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟରେ ସହଯୋଗ କରିଥିବା ଚିତ୍ତରଞ୍ଜନଙ୍କ ବ୍ୟକ୍ତିଗତ ଡ୍ରାଇଭର ପ୍ରକାଶ ମହାଳିକ, ସହଯୋଗୀ ଲକ୍ଷ୍ମଣ ସେଠୀଙ୍କୁ ମଧ କୋର୍ଟ ୪ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଏଥିରେ ଖିଲାଫ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ଭିଜିଲାନ୍ସ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ହେମନ୍ତ କୁମାର ଖଟୁଆ ମାମଲା ପରିଚାଳନା କରିଥିଲେ।

# ଅନୁଗୋଳରେ ଶିଶୁ କନ୍ୟା ବିକ୍ରି ଚର୍ଚ୍ଚା

ଅନୁଗୋଳ, ୧୯।୭
(ଅମିତ କୁମାର ସାମଲ)

ଅନୁଗୋଳ ସହରର ଶେଷ ମୁଣ୍ଡରେ ରହୁଥିବା ଏକ ଦମ୍ପତି ଜଣେ ନାବାଳିକା ଓ ୨ କନ୍ୟା ସନ୍ତାନଙ୍କୁ ବିକ୍ରି କରିଦେଇଥିବା ଚର୍ଚ୍ଚା ହେଉଛି। ଏପରି କି ଘଟଣା ସମ୍ପର୍କରେ ଆଲୋଚନା ଜୋର୍ ଧରିବା ପରେ ଭଡ଼ାଘରେ ତାଲା ପକାଇ ସମ୍ପୃକ୍ତ ଦମ୍ପତି କେଉଁଆଡ଼େ ପଳାଇ ଯାଇଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମହିଳାଙ୍କ ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ବହୁବର୍ଷ ପୂର୍ବରୁ ହୋଇଯାଇଛି। ପରେ ସେ ସହରର ଜଣେ ଯୁବକଙ୍କ ସହ ରହି ଆସୁଛନ୍ତି। ପ୍ରଥମ ସ୍ୱାମୀଙ୍କ ୧୫ ବର୍ଷର ଝିଅ ମଧ ସେମାନଙ୍କ ସହିତ ରହୁଥିଲେ। ଅଢ଼େଇବର୍ଷ ପୂର୍ବରୁ ସମ୍ପୃକ୍ତ ଦମ୍ପତିଙ୍କ ଏକ କନ୍ୟାସନ୍ତାନ ଥିବାବେଳେ ଗତ ୩ ମାସ ତଳେ ଆଉ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସାହିର ମହିଳା ଓ ସମ୍ପୃକ୍ତ ଦମ୍ପତିଙ୍କୁ ଋଣ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ୩ ଝିଅଙ୍କୁ ଦମ୍ପତିଙ୍କ ସହ ଦେଖି ଆସୁଥିଲେ। ହେଲେ ଏବେ ଦମ୍ପତିଙ୍କ ନିକଟରେ ୩ କନ୍ୟା ସନ୍ତାନ ନ ଥିବା ମହିଳାମାନେ ଦେଖିବା ପରେ ପିଲା ବିକ୍ରି ଚର୍ଚ୍ଚା ସମ୍ମୁଖକୁ ଆସିଛି। ଏହି ଘଟଣା ଜଣାପଡ଼ିବା ପରେ ଦମ୍ପତି ଭଡ଼ା ଘରେ ତାଲା ଠୁଙ୍କି ସପ୍ତାହେ ହେବ କେଉଁଆଡ଼େ ପଳାଇ ଯାଇଛନ୍ତି। ଘଟଣା ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି କହିଛନ୍ତି, ଶିଶୁ ବିକ୍ରି ନିଶ୍ଚିତ ସମ୍ବେଦନଶୀଳ ଘଟଣା। ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବୁ। ଆବଶ୍ୟକ ପଡ଼ିଲେ ଦମ୍ପତିଙ୍କ ନାମରେ ମାମଲା କରାଯିବ।

# ଖଡ଼ଙ୍ଗ ନଦୀ ଜଳଭଣ୍ଡାର ପ୍ରକଳ୍ପ ମଞ୍ଜୁର

## ୧୨୬ କୋଟି ଟଙ୍କା ବ୍ୟୟ ଅଟକଳ

ଯାଜପୁର,୧୯।୭ (ହର୍ଷବର୍ଦ୍ଧନ ବେହେରା)

ବୌଦ୍ଧ ଓ ବଲାଙ୍ଗୀର ଜିଲାର ସୀମାନ୍ତ ତଥା କନ୍ଧମାଳ ଜିଲା ଲଣ୍ଡାଗାଁ ନିକଟ ଖଡ଼ଙ୍ଗ ନଦୀରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଟର ତଥା ପ୍ରବାହିତ ନଦୀଜଳ ଭଣ୍ଡାର ନିର୍ମାଣ ହେବ। ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ସୁଧାଂଶୁ ମୋହନ ସାମଲ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ମଞ୍ଜୁର କରିଥିବା ନେଇ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ପତ୍ର ଲେଖିଛନ୍ତି। ଏଥିପାଇଁ ପ୍ରାୟ ୧୨୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ହେବ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଖଡ଼ଙ୍ଗ ନଦୀ ଉପରେ ଏକ ଡ୍ୟାମ ନିର୍ମାଣ କରିବାକୁ ଦାବି କରି ଆସୁଥିଲେ। ଏହି ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ଶୁଖା ଜମି ରହିଛି। ଚାଷୀମାନେ କେବଳ ବର୍ଷା



ଉପରେ ନିର୍ଭର କରିଥାଆନ୍ତି। ତେଣୁ ଉକ୍ତ ପ୍ରକଳ୍ପ ଯଦି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେବ ତେବେ ବୌଦ୍ଧ, କନ୍ଧମାଳ ଓ ବଲାଙ୍ଗୀର ଜିଲାର ଶତାଧିକ ଚାଷୀ ଉପକୃତ ହେବେ। ଖଡ଼ଙ୍ଗ ନଦୀ କନ୍ଧମାଳ ଜିଲା ଦେଇ ପ୍ରବାହିତ ହୋଇ ବୌଦ୍ଧ ଜିଲାର ସୀମାନ୍ତ ହୋଇ ବଲାଙ୍ଗୀର ଜିଲା ଦୁଞ୍ଚୁରା ନିକଟ ଫାସାଡ ତେଲ ନଦୀରେ ମିଶିଛି। ତେଲ୍ ନଦୀ ସୋନପୁର ନିକଟ ମହାନଦୀରେ ମିଶିଛି।

# ବନ୍ଧୁକ ଦେଖାଇ ସ୍ତ୍ରୀ, ଶିଶୁକନ୍ୟାକୁ ଅପହରଣ

ରୂପସା, ୧୯।୭(ବାଞ୍ଛାନିଧି ଦେ)

ଶ୍ୱଶୁର ଘରେ ବନ୍ଧୁକ ଦେଖାଇ ସ୍ୱାଇଁ ନିଜ ସ୍ତ୍ରୀ ଏବଂ ୮ ମାସର ଶିଶୁକନ୍ୟାକୁ ଅପହରଣ କରିନେବା ଘଟଣା ବାଲେଶ୍ୱର ଜିଲା ସିଂଲା ଥାନା ଆଲୁମେଦା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଝିଅ ଏବଂ ନାତୁଣୀଙ୍କୁ ଉଦ୍ଧାର ପାଇଁ ମହିଳାଙ୍କ ବାପଘର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ଆଲୁମେଦା ଗ୍ରାମର ବ୍ରଜମୋହନ ମହାନ୍ତିଙ୍କ ଝିଅ ସୌମ୍ୟା ସୂଚୟତାଙ୍କ ସହ ରାଇପୁର ଗ୍ରାମର ଦେବେନ୍ଦ୍ର ସାହୁଙ୍କର ୮ ବର୍ଷ ପୂର୍ବରୁ ବିବାହ ହୋଇଥିଲା। ଦେବେନ୍ଦ୍ର ବିବାହ ପରଠାରୁ ସ୍ତ୍ରୀ ସୌମ୍ୟାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତବର୍ଷ ଦେବେନ୍ଦ୍ର ନିଶାଗ୍ରସ୍ତ ଅବସ୍ଥାରେ ସ୍ତ୍ରୀ ସୌମ୍ୟାଙ୍କୁ ମାରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ସୌମ୍ୟାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଭୟରେ ଶିଶୁକନ୍ୟାକୁ ନେଇ ବାପଘରେ ଆଶ୍ରୟ ନେଇଥିଲେ। ଗତ୧୭ ତାରିଖ ବିଳମ୍ବିତ ରାତିରେ ସ୍ୱାମୀ ଦେବେନ୍ଦ୍ର ୧୫ରୁ ଉର୍ଦ୍ଧ୍ୱ ସହଯୋଗୀଙ୍କୁ ନେଇ ଶ୍ୱଶୁର ଘରେ ପହଞ୍ଚିଥିଲେ। ବନ୍ଧୁକ ଦେଖାଇ ଭୁଜାଲି, ଖଣ୍ଡା, ଛୁରୀ ଆଦି ମାରଣାସ୍ତ୍ରରେ ଶ୍ୱଶୁର, ଶାଶୁ ଏବଂ ଶଳାଙ୍କୁ ମାରଣାନ୍ତକ ଆକ୍ରମଣ କରି ଭୟଭୀତ କରାଇଥିଲେ। ଏହାପରେ କବାଟ ଭାଙ୍ଗି ଜେବରଦସ୍ତ ସ୍ତ୍ରୀ ସୌମ୍ୟା ଏବଂ ୮ ମାସର ଶିଶୁକନ୍ୟାକୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ସଙ୍ଗେ ସଙ୍ଗେ ସିଂଲା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଏଯାବତ୍ ଅପହୃତା କି ଅଭିଯୁକ୍ତମାନଙ୍କର କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।

# ତବଲାରେ ଜାତୀୟ ମେଧାବୃତ୍ତି ପାଇବେ ଶ୍ୟାମସୁନ୍ଦର

ଜଟଣୀ,୧୯।୭(ରବୀନ୍ଦ୍ରନାଥ ମହାକୁଡ଼)

ସେଣ୍ଟର ଫର୍ କଲଚରାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ଚଳିତ ୨୦୨୧/୨୨ ଏବଂ ୨୨/୨୩ ବର୍ଷ ପାଇଁ ତବଲା ବାଦନରେ ଜାତୀୟ ମେଧାବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେଡଙ୍ଗ କଲୋନୀର ଶ୍ୟାମସୁନ୍ଦର ତ୍ରିପାଠୀ। ଶାସ୍ତ୍ରୀୟ କଳା ତବଲା ବାଦନ ପ୍ରତି ପିଲାଟି ବେଳୁ ଆଗ୍ରହ ଆଜି ତାଙ୍କୁ ଏହି ସଫଳତା ପ୍ରଦାନ କରିଛି। ଶ୍ୟାମସୁନ୍ଦର ବର୍ତ୍ତମାନ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ତବଲା ବିଭାଗ ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳଙ୍କ ନିକଟରୁ ତବଲା ବାଦନ ଶିକ୍ଷା କରୁଛନ୍ତି। ମାତା ସନ୍ଧ୍ୟାରାଣୀ ଏବଂ ପିତା ଗଗନ ବିହାରୀ



ତ୍ରିପାଠୀଙ୍କ ପ୍ରୋତ୍ସାହନ ଶ୍ୟାମସୁନ୍ଦରଙ୍କୁ ତବଲା ବାଦନ ଏବଂ ପାଠପଢା କ୍ଷେତ୍ରରେ ସଫଳତା ଦେଇଆସିଛି। ମା ଜଣେ ଗୃହିଣୀ ହୋଇଥିଲା ବେଳେ ପିତା ଗଗନ ବିହାରୀ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ମଣ୍ଡଳ ଚିକିତ୍ସାଳୟରେ ଫାର୍ମାସିଷ୍ଟ ଅଛନ୍ତି। ଶ୍ୟାମସୁନ୍ଦର ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ଏଥିସହିତ ସେ ଅଲ୍ ଇଣ୍ଡିଆ ରେଡିଓର କିଶୋରଚକ୍ର ବିଭାଗର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଭାବେ ପ୍ରତିଷ୍ଠିତ ଓ ସୁନାମ ଅର୍ଜନ କରିଛନ୍ତି। ଚଳିତବର୍ଷ ଜାତୀୟ ମେଧାବୃତ୍ତିପାଇବା ପାଇଁ ମନୋନୀତ ହେବା ଖବର ତାଙ୍କ ପୈତୃକ ଗ୍ରାମ କେନ୍ଦ୍ରାପଡା ଜିଲା ଦିହୁଡିପୁର ଅଞ୍ଚଳବାସୀ, ବନ୍ଧୁବର୍ଗ, ପରିବାର ସଦସ୍ୟ, ଶିକ୍ଷା ଗୁରୁ ଏବଂ ପ୍ରଥମ ପ୍ରୋତ୍ସାହକ ଡ. ଆଶୁତୋଷ ମହାପାତ୍ରଙ୍କୁ ସଫଳତା ପାଇଁ କୃତଜ୍ଞତା ଜଣାଇଛନ୍ତି।

# ୫ ବନ୍ଧୁକ ଜବତ, ୨ ଗିରଫ



ଜବତ ବନ୍ଧୁକ ଓ ଗିରଫ ଅଭିଯୁକ୍ତ।

**ଶିମିଳିପାଳରେ ସର୍ଚ୍ଚ ଅପରେଶନ**

ବାରିପଦା,୧୯।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେଶନରେ ମୟୂରଭଞ୍ଜ ପୋଲିସକୁ ଗୋଟିଏ ପରେ ଗୋଟିଏ ସଫଳତା ମିଳିଚାଲିଛି। ବୁଧବାର ୫ଟି ଦେଶୀ ବନ୍ଧୁକ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଏ ନେଇ ବୁଧବାର ବାରିପଦାସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ବି.ଗଙ୍ଗାଧର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ଜଏଣ୍ଟ ଟାସ୍କ ଫୋର୍ସ ମାଧ୍ୟମରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ୩ ପ୍ଲାଟୁନ ଫୋର୍ସ ମୃତୟନ କରାଯାଇ କୋମ୍ବିଂ ଅପରେସନ ଜାରି ରହିଥିବା ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଗ୍ରାମ ଗୁଡ଼ିକରେ ଶିକାରୀମାନେ ରଖିଥିବା ବନ୍ଧୁକକୁ ଜବତ କରିବା ନିମନ୍ତେ ଜିଲା ପୋଲିସ ପକ୍ଷରୁ ବ୍ୟାପକ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଖୁଣ୍ଟା ଥାନା ଅଧୀନ କୁଆମରା, ସାଇଁକୁଲା ଓ ହାଟନୂଆଗାଁଠାରେ ୧୮ତାରିଖରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସାଇଁକୁଲା ଗ୍ରାମର ୨ ଶିକାରୀ ଶାନ୍ତନୁ ସାହୁ(୫୨) ଓ ଅଶ୍ୱିନୀ କୁମାର ଦେ(୫୦)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ୩ଟି ଏୟାର ଗନ୍, ୨ଲକ୍ଷ ୯୫ହଜାର ଟଙ୍କା ଓ ୨ଟି ମୋବାଇଲ ଜବତ ହୋଇଛି। ଏ ସଂକ୍ରାନ୍ତରେ ଖୁଣ୍ଟା ଥାନାରେ ଏକ ମାମଲା (ନଂ.୧୯୫/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଖବରଦାତା ସମ୍ମିଳନୀରେ ଉଦଳା ଏସ୍‌ଡିପିଓ ସାର୍ଥକ ରାୟ ଓ ଖୁଣ୍ଟା ଥାନାଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବୋଧ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧୯।୭
(ଶର୍ମିଷ୍ଠା ପାଣିଗ୍ରାହୀ)

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ ରାଉତଙ୍କ ମଙ୍ଗଳବାର ପରଲୋକ ଘଟିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ସଚିବ ଅତସୀ ଦାସ, ଅମୂଲ୍ୟ ନାୟକ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅର୍ଥ ପରାମର୍ଶଦାତା ପଦ୍ମଜ୍ୟୋତି ସାହୁ, ଉପସଚିବ ସମରେନ୍ଦ୍ର ନାୟକ, ମାଥିଆସ୍ ତିର୍କୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ, ଓଡ଼ିଶା ଲଳିତକଳା ଏକାଡେମୀ ସଚିବ ପଞ୍ଚାନନ ସାମଲ, ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ ଥିଲେ। ଜଣେ ଯୁବ ପ୍ରଶାସନିକ ଅଧିକାରୀ ଭାବେ ଓକାକ୍ ସହିତ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ରୂପେ ତାଙ୍କ କାର୍ଯ୍ୟଧାରା ପ୍ରଗତିଶୀଳ ଥିଲା। ତାଙ୍କ ଅକାଳ ମୃତ୍ୟୁରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ଅପୂରଣୀୟ ବୋଲି ଅତିଥିମାନେ କହିଥିଲେ।

# ଗଞ୍ଜାମରେ ଥାଇଲାଣ୍ଡ ଅର୍କିଡ ଚାରା

■ ଫୁଲଚାଷ କରିବେ ମିଶନ ଶକ୍ତି ମହିଳା

■ ୩ ବ୍ଲକରେ ୧୦୦ ପ୍ରକଳ୍ପ ଲକ୍ଷ୍ୟ

ବ୍ରହ୍ମପୁର,୧୯।୭
(ସ୍ମୃତି ରଞ୍ଜନ ମହାଳିକ)

ପର୍ବପର୍ବାଣି ହେଉ କିମ୍ବା କୌଣସି ଶୁଭକାର୍ଯ୍ୟ ସବୁଥିରେ ବର୍ତ୍ତମାନ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସାଜସଜ୍ଜାରେ ବିଭିନ୍ନ ଦାମୀ ଫୁଲ ବ୍ୟବହାର କରାଯାଉଛି। ଏସବୁ ଫୁଲ ପାଇଁ ବିଶେଷକରି ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମଧ ଫୁଲ ଆମଦାନୀ କରିଥାନ୍ତି। ଫୁଲ ମଧ୍ୟରେ ଅର୍କିଡ ହେଉଛି ସବୁଠାରୁ ଦାମୀ। ଏହି ଫୁଲ ସୁଦୂର ବେଙ୍ଗାଲୁରୁରୁ ଆମଦାନୀ ହୋଇଥାଏ। ଅର୍କିଡ ଫୁଟିବା ପାଇଁ ବାୟୁମଣ୍ଡଳର ଆର୍ଦ୍ରତା ଉପରେ ନିର୍ଭର କରିଥାଏ। ଗଞ୍ଜାମ ଜିଲାର ଗଞ୍ଜାମ ବ୍ଲକର ବାୟୁମଣ୍ଡଳ ଅର୍କିଡ ପାଇଁ ବେଶ୍ ଉପଯୁକ୍ତ। ତେଣୁ ଜିଲା ପ୍ରଶାସନର ସହଯୋଗକ୍ରମେ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ଅର୍କିଡ ଚାଷକୁ ଗୁରୁତ୍ୱ ଦିଆଯାଉଛି।

ଉଦ୍ୟାନ ବିଭାଗ ପକ୍ଷରୁ ମିଶନ ଶକ୍ତିର ମହିଳାମାନଙ୍କ ଦ୍ୱାରା ଗଞ୍ଜାମ ବ୍ଲକ ରାମଗଡ ପଞ୍ଚାୟତରେ ଅର୍କିଡ ଫୁଲ ଚାଷ ପାଇଁ ଯୋଜନା ହୋଇଛି। ପଲିଥିନ ଆବଦ୍ଧ ଗୃହ ମଧ୍ୟରେ ଏହି ଚାଷ କରାଯିବ। ୧୯୨୦ ବର୍ଗମିଟର ସ୍ଥାନରେ ଏହି ଫୁଲ ଚାଷ କରାଯିବ। ମିଶନ ଶକ୍ତି ମହିଳାଙ୍କୁ ରାଜ୍ୟ ଫୁଲ ମିଶନ ମାଧ୍ୟମରେ ୫୦% ସବସିଡି ପ୍ରଦାନ କରାଯିବ। ଏ ନେଇ ଜିଲା ପ୍ରଶାସନ ଓ ବେଙ୍ଗାଲୁରୁ ଫ୍ଲୋରେନ୍ସ ଫ୍ଲୋର ମାର୍କେଟିଂ ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ସଂସ୍ଥା ଥାଇଲାଣ୍ଡରୁ ଅର୍କିଡ ଚାରା ଯୋଗାଇଛି। ଟେକ୍ନିକାଲ କ୍ଷେତ୍ରରେ ମଧ ସଂସ୍ଥା ସମସ୍ତ ସହଯୋଗ କରିବ ବୋଲି ସୂଚନା ମିଳିଛି। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଅର୍କିଡ ଚାଷ କରାଯିବ। ଉଦ୍ୟାନ ବିଭାଗର ଅଧିକାରୀମାନେ ଚାଷ ବାବଦରେ ବେଙ୍ଗାଲୁରୁଠାରେ ପ୍ରଶିକ୍ଷଣ ଲାଭ କରିଛନ୍ତି। ଗଞ୍ଜାମ ବ୍ଲକରେ ଏହି ପ୍ରକଳ୍ପ ସଫଳ ହେଲେ ଆଗାମୀ ଦିନରେ ଗଞ୍ଜାମ ସମେତ ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକରେ



ଗଞ୍ଜାମ ବ୍ଲକ ରାମଗଡ ପଞ୍ଚାୟତ ପଲ୍ଲୀ ହାଉସରେ ଥିବା ଥାଇଲାଣ୍ଡର ଅର୍କିଡ ଚାରା।

ଏଭଳି ଭାବେ ମୋଟ ୧୦୦ଟି ପ୍ରକଳ୍ପ କରାଯିବାକୁ ଲକ୍ଷ୍ୟ ରହିଥିବା ଜିଲା ଉଦ୍ୟାନ ବିଭାଗର ସହାୟକ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି। ଏଥିସହ ଆମ୍ବପୁଆଠାରେ ଥିବା ଫୁଲ ଶୀତଳଭଣ୍ଡାରକୁ ମଧ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଏଠାରେ ଅର୍କିଡ, ଗେଣ୍ଡୁ, ଗୋଲାପ, ରଜନୀଗନ୍ଧା ଆଦି ଫୁଲ ଗଚ୍ଛିତ ରଖାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଏପରିକି ରାଜ୍ୟ ବାହାରକୁ ପଠାଯିବା ନିମନ୍ତେ ଯୋଜନା ରହିଥିବା ପଣ୍ଡା କହିଛନ୍ତି। ଗଞ୍ଜାମ ଜିଲାରେ ସାଧାରଣତଃ ଧଳା ଓ ବାଇଗଣୀ ରଙ୍ଗର ଅର୍କିଡ ଫୁଲ ଚାଷ ହୋଇଥାଏ। ନଡିଆକତା ମଧ୍ୟରେ ଏହି ଚାଷ ହୋଇଥାଏ। ଗଛ ବୃଦ୍ଧି ପାଇଁ ହାଇଡ୍ରୋଜେନ, ଫସଫରସ, ପଟାସ ସାର ଦିଆଯାଏ। ଗଛ ବଢ଼ିଲେ ୩ରୁ ୪ ମାସ ପରେ ଫୁଲ ଫୁଟିବା ଆରମ୍ଭ କରିଥାଏ। ବଜାରରେ ଗୋଟିଏ ଅର୍କିଡ ଫୁଲ ପିଛା ଦର ୨୫ ଟଙ୍କା। ଯଦି ପ୍ରକଳ୍ପ ସଫଳ ହୁଏ ତେବେ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ମଧ ଗଞ୍ଜାମ ଅର୍କିଡର ଚାହିଦା ବୃଦ୍ଧି ପାଇବ ବୋଲି ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି। ଅର୍କିଡ ଫୁଲ ବିକ୍ରି ବୃଦ୍ଧି ନିମନ୍ତେ ମିଶନ ଶକ୍ତି ମହିଳାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। ଗଞ୍ଜାମର ଅର୍କିଡ ଅନ୍ତର୍ଜାତୀୟ ବଜାରରେ କିଭଳି ପରିଚିତ ହେବ ସେ ନେଇ ମଧ ପଦକ୍ଷେପ ନିଆଯାଉଥିବା ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି।


ମୌସୁମୀ ବର୍ଷାରେ ଗୁଜରାଟ ଭେରାଭାଲ ଅଞ୍ଚଳ ଜଳମଗ୍ନ ହୋଇଯାଇଛି।

# ମହିଳା ପାଇଲଟ, ସ୍ୱାମୀଙ୍କୁ ମାଡ଼

## ନାବାଳିକା ଗୃହ ସହାୟିକାଙ୍କୁ ନିର୍ଯାତନା

ନୂଆଦିଲ୍ଲୀ,୧୯।୭

ଦିଲ୍ଲୀର ଦ୍ୱାରକାରେ ୧୦ ବର୍ଷୀୟା ଗୃହ ସହାୟିକାଙ୍କୁ ନିର୍ଯ୍ୟାତନା ଦେବା ଘଟଣାରେ ମହିଳା ପାଇଲଟ ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଛନ୍ତି ସ୍ଥାନୀୟ ଲୋକେ। ଦୁଇମାସ ପୂର୍ବେ ମହିଳା ପାଇଲଟ ନାବାଳିକାଙ୍କୁ ଗୃହ କାମରେ ସାହାଯ୍ୟ ପାଇଁ ଘରେ ରଖିଥିଲେ। ନାବାଳିକାଙ୍କୁ ଘର କାମ କରାଇବା ସହ ଉକ୍ତ ଦମ୍ପତି ତାଙ୍କୁ ମାଡ଼ ମାରୁଥିଲେ। ସୂଚନା ପାଇ ନାବାଳିକାଙ୍କ ଜଣେ ସମ୍ପର୍କୀୟ ମହିଳା କିଛି ଲୋକଙ୍କ ସହ ବୁଧବାର ଦମ୍ପତିଙ୍କ ଘରେ ପହଞ୍ଚିଥିଲେ। ଦମ୍ପତିଙ୍କ ସହ ସେମାନଙ୍କର ଝଗଡ଼ା ହେବା ପରେ ସେମାନେ ମହିଳା ପାଇଲଟ ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା ପାଇଁ ହସ୍ପିଟାଲ ପଠାଇଥିବାବେଳେ ଦମ୍ପତିଙ୍କୁ ଅଟକ ରଖି ପଚରା ଉଚରା କରିଛି।



# ଟୀସ୍ତାଙ୍କୁ ସୁପ୍ରିମକୋର୍ଟ ଜାମିନ

ନୂଆଦିଲ୍ଲୀ,୧୯।୭



୨୦୦୨ ଗୋଧ୍ରା ପରବର୍ତ୍ତୀ ଦଙ୍ଗା ମାମଲାରେ ନିରୀହ ଲୋକଙ୍କୁ ଛନ୍ଦିବା ପାଇଁ ଜାଲ୍ ପ୍ରମାଣ ପ୍ରସ୍ତୁତି ଅଭିଯୋଗରେ ଗିରଫ ହୋଇଥିବା ସାମାଜିକ କର୍ମୀ ଟୀସ୍ତା ସିତଲୱାଡ୍‌ଙ୍କୁ ବୁଧବାର ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି। ଜଷ୍ଟିସ୍ ବି.ଆର୍. ଗଭାଇ, ଏ.ଏସ୍. ବୋପାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁଜରାଟ ହାଇକୋର୍ଟ ପ୍ରତ୍ୟାଖ୍ୟାନ କରିଥିବା ନିୟମିତ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ମାମଲାରେ ଟୀସ୍ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇସାରିଥିବାରୁ ତାଙ୍କୁ ହାଜତରେ ରଖି ଜେରା କରାଯିବା ଆବଶ୍ୟକ ନୁହେଁ। ତାଙ୍କ ପାସ୍‌ପୋର୍ଟ ସେସନ୍ କୋର୍ଟରେ ଦାଖଲ କରାଯାଇଛି। ସେ କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ନିୟମିତ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଅହମଦାବାଦ ପୋଲିସ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରିବା ପରେ ଗତବର୍ଷ ଜୁନ୍ ୨୫ରେ ଟୀସ୍ତାଙ୍କ ସହ ଗୁଜରାଟର ପୂର୍ବତନ ପୋଲିସ ଡିଜି ଆର୍.ବି. ଶ୍ରୀକୁମାରଙ୍କୁ ଗିରଫ କରାଯାଇଥିଲା।

## ପ୍ୟାରିସ୍ ଦଙ୍ଗା: ୭୦୦ ଜଣଙ୍କୁ ଜେଲ

**ପ୍ୟାରିସ୍,୧୯।୭:** ଗତ ମାସରେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ପୋଲିସ ଗୁଳିରେ ନାବାଳକ ନାହେଲ ଏମ୍.ଙ୍କ ମୃତ୍ୟୁ ନେଇ ହୋଇଥିବା ଦଙ୍ଗାରେ ବୁଧବାର ୭୦୦ ଜଣଙ୍କୁ ଜେଲ ଦଣ୍ଡାଦେଶ ମିଳିଥିବା ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ଦଙ୍ଗା ଭିଆଇବା ନେଇ ୧,୨୭୮ ଜଣଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୫ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ଘଟଣା ନେଇ ୬୦୦ ଲୋକଙ୍କୁ ଜେଲ ଦଣ୍ଡାଦେଶ ମିଳିସାରିଛି। ଜୁନ୍ ୨୭ରେ ଟ୍ରାଫିକ୍ ଷ୍ଟପ୍ ସିଗ୍‌ନାଲ ଦେଇଥିବାବେଳେ ଡ୍ରାଇଭର ନହେଲ ଗାଡ଼ି ତାଙ୍କ ଗାଡ଼ି ପାର କରିବାକୁ ନେଇ ପୋଲିସ ତାଙ୍କ ଉପରକୁ ଗୁଳି ଫୁଟାଇଥିଲା। ଘଟଣାରେ ନହେଲଙ୍କ ମୃତ୍ୟୁ ପରେ ରାଜଧାନୀ ପ୍ୟାରିସ୍‌ରେ ପ୍ରତିବାଦ ଆରମ୍ଭ ହୋଇଥିଲା। ୪ ଦିନ ଧରି ପୋଲିସ ବିରୋଧରେ ଚାଲିଥିବା ପ୍ରତିବାଦରେ ବହୁ ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଥିଲା। ସୁରକ୍ଷା ପାଇଁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ଏମର୍ଜେନ୍ସି ଲ୍ୟାଣ୍ଡିଂ କରି ନ ଥିଲା ସୋନିଆଙ୍କ ବିମାନ



**ନୂଆଦିଲ୍ଲୀ,୧୯।୭:** କଂଗ୍ରେସ ସମେତ ୨୬ ବିରୋଧୀ ଦଳ ସହ ବୈଠକ ସାରି ମଙ୍ଗଳବାର ବେଙ୍ଗାଲୁରୁରୁ ଦିଲ୍ଲୀ ଫେରିବା ବେଳେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସ୍ୱତନ୍ତ୍ର ବିମାନ ଭୋପାଳ ବିମାନବନ୍ଦରରେ ଜରୁରୀ ଅବତରଣ କରି ନ ଥିବା ବିମାନବନ୍ଦର ନିର୍ଦ୍ଦେଶକ ରାମଜୀ ଅୱସ୍ତି କହିଛନ୍ତି। ବିମାନଟି ସାଧାରଣ ଭାବେ ଅବତରଣ କରିଥିଲା। ଯାନ୍ତ୍ରିକ ତ୍ରୁଟି ପାଇଁ ବିମାନଟି ଜରୁରୀ ଅବତରଣ କରିଥିବା କଂଗ୍ରେସର ବରିଷ୍ଠ ନେତ୍ରୀ ଶୋଭା ଓଜା କହିଥିଲେ। ଏହାପରେ ବହୁ ବରିଷ୍ଠ ନେତା ସୋନିଆ ଓ ରାହୁଲଙ୍କୁ ବିମାନବନ୍ଦର ଲନ୍‌ରେ ଭେଟିଥିଲେ। ରାତି ୯ଟା ୩୦ ମିନିଟ୍‌ରେ ଇଣ୍ଡିଗୋ ବିମାନ ଦିଲ୍ଲୀ ପାଇଁ ଟେକ୍‌ଅଫ୍ କରିଥିଲା। ମା' ସୋନିଆ ବିମାନରେ ଅକ୍ସିଜେନ ମାସ୍କ ପିନ୍ଧି ବସିଥିବାର ଏକ ଫଟୋ ବୁଧବାର ରାହୁଲ ସାମାଜିକ ଗଣମାଧ୍ୟମରେ ଶେୟାର କରି କହିଛନ୍ତି ଯେ, ମା' ଅନୁଗ୍ରହର ଉଦାହରଣ ଚାପରେ।

# ବେଙ୍ଗାଲୁରୁରୁ ୫ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

**ବେଙ୍ଗାଲୁରୁ,୧୯।୭:** କର୍ନାଟକରେ ରାଜଧାନୀ ବେଙ୍ଗାଲୁରୁରୁ ବୁଧବାର କେନ୍ଦ୍ରୀୟ ଆପରାଧିକ ଶାଖା (ସିସିବି) ୫ ସନ୍ଦିଗ୍ଧ ଆତଙ୍କାବଦୀଙ୍କୁ ଗିରଫ କରିଛି। ସେମାନେ ହେଲେ, ସୁହେଲ, ଓମାନ, ଜାହିଦ, ମୁଦସିର ଏବଂ ଫେଜଲ। ଗିରଫ ଯୁବକ ବେଙ୍ଗାଲୁରୁରେ ଆତଙ୍କବାଦୀ ଆକ୍ରମଣ କରିବା ଯୋଜନାରେ ଥିଲେ। ଆତଙ୍କବାଦୀ ଆକ୍ରମଣ ଘଟଣାରେ ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରେ ଥିବା ଟି. ଜନିରଙ୍କ ସହ ଯୋଗାଯୋଗରେ ଥିବା ସେ ସ୍ୱୀକାର କରିଛନ୍ତି। ସେମାନଙ୍କଠାରୁ



ବିସ୍ଫୋରକ ସାମଗ୍ରୀ ପୋଲିସ ଜବତ କରିଛି। ସୂଚନା ମୁତାବକ ପୋଲିସ ଉକ୍ତ ଯୁବକମାନଙ୍କୁ ଏକ ହତ୍ୟା ମାମଲାରେ ୨୦୧୭ରେ ଗିରଫ କରିଥିଲା। ୧୮ ମାସ ଜେଲରେ ରହିବା ପରେ ୨୦୧୯ରେ ଉକ୍ତ ଯୁବକ ଜେଲରୁ ମୁକୁଳିଥିଲେ। ସନ୍ଦିଗ୍ଧଙ୍କ ସହ ସମ୍ପୃକ୍ତି ନେଇ ବେଙ୍ଗାଲୁରୁର ଆର୍‌ଟି ନଗର ଅଞ୍ଚଳର ଜୁନେଦଙ୍କୁ ପୋଲିସ ଖୋଜୁଛି।

## ଆଉ ଏକ ମହାମାରୀ ଆସିବ: ଅଜୟ ବାଙ୍ଗା

**ନୂଆଦିଲ୍ଲୀ,୧୯।୭:** ଆଗକୁ କୋଭିଡ୍-୧୯ ମହାମାରୀ ଭଳି ଆଉ ଏକ ମାହାମାରୀ ଆସିବ। କିନ୍ତୁ ଏହା ଆସିବାକୁ ଆଉ କେତେ ସମୟ ବାକି ଅଛି, ତାହା ସ୍ପଷ୍ଟ ହୋଇ ନାହିଁ। ବୁଧବାର ଦିଲ୍ଲୀ ଦ୍ୱାରକାରେ ଆୟୋଜିତ ସ୍କିଲ୍ ଇଣ୍ଡିଆ ମିଶନ ସେଣ୍ଟର କାର୍ଯ୍ୟକ୍ରମରେ ଯୋଗ ଦେଇ ବିଶ୍ୱ ବ୍ୟାଙ୍କ ମୁଖ୍ୟ ଅଜୟ ବାଙ୍ଗା ଏପରି କହିଛନ୍ତି। କରୋନା ମହାମାରୀ ସମୟରେ



ବର୍ତ୍ତମାନର ପିଢ଼ି ଅନେକ କିଛି ଶିକ୍ଷା ଗ୍ରହଣ କରିଛନ୍ତି। ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ଏହା ଏକ ଚ୍ୟାଲେଞ୍ଜ ପାଲଟିଥିଲା। ଆଗାମୀ ଦିନରେ ଆସିବାକୁ ଥିବା ମହାମାରୀଠାରୁ କିଛି ଶିଖିବା ଆବଶ୍ୟକ। କାରଣ ମହାକାରୀ ଆସିବା ସୁନିଶ୍ଚିତ କିନ୍ତୁ ଏହା କେବେ ଆସିବ ତାହା ଅଜଣା ସେ କହିଛନ୍ତି। ଅନ୍ୟପକ୍ଷେ ଭାରତରେ ଏବେର ଅଭିବୃଦ୍ଧି ହାର ଯେଉଁଭଳି ଭାବେ ରହିଛି, ତାହା ଯଦି ଆଗକୁ ସମାନ ସ୍ଥିତିରେ ରୁହେ ତେବେ ଦାରିଦ୍ର୍ୟ ଦୂରିକରଣ ପାଇଁ ଏହା ସାହାଯ୍ୟ କରିବ ବୋଲି ଅଜୟ କହିଛନ୍ତି। ପ୍ରଥମ ଭାରତୀୟ ବଂଶୋଦ୍ଭବ ଅଜୟ ବିଶ୍ୱ ବ୍ୟାଙ୍କ ମୁଖ୍ୟ ଭାବେ ଗତ ମାସରେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ODISHA STATE HEALTH & FAMILY WELFARE SOCIETY, GOVT. OF ODISHA,
DEPTT. OF HEALTH & FAMILY WELFARE, GOVT. OF ODISHA
Annex Building of SIH&FW, Nayapalli, Unit - 8, Bhubaneswar - 751012,
District - Khordha (Odisha), Phone/Fax: 0674-2392480/79

No. 15/2023 Date: 20.07.2023
Ref.: Advt. No. 14/23 Dtd.14.07.2023 **CORRIGENDUM**

No. E-270: Candidates may refer to the Advertisement No. 14/23 Dtd.14.07.2023 of O.S.H. & F.W. Society for the recruitment of the position of Epidemiologist, published in "The Samaja" (all Odisha Editions), "The Dharitri" (all Odisha Editions) and "The New Indian Express" (Odisha Edition only). Amendment is hereby made in the said advertisement as given below in place of the previously advertised information

| Sl. No. | Name of the Position | No. of Vacancies | Remuneration (in Rs.), Performance Incentive & Other Allowances as Admissible |
|---|---|---|---|
| 01 | Sr. Epidemiologist/ Epidemiologist | 09 | Sr. Epidemiologist - Rs.69,711/- + PI<br>Epidemiologist - Rs.48,169/- + PI |

Other details pertaining to the above mentioned post shall remain same as reflected in the said advertisement. Accordingly, necessary amendment in the advertisement has been made in the website. Candidates are advised to visit the official website (**www.nhmodisha.gov.in**) of NHM, Odisha for the details of amended advertisement.
OIPR-10084/11/0009/2324 Sd./- Mission Director, National Health Mission, Odisha

GOVERNMENT OF ODISHA e-mail:serwsbd2003@yahoo.com
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
e-Procurement Notice for Road Work

**No.O-416:**01.Name of the Work: Periodical Maintenance of 5 Years Completed PMGSY Roads. (16 Nos.). 02. Class of Contractor: "B" & "A" Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.110.59 Lakhs to Rs.511.59 Lakhs (Approximately). 4. Details projects as per Annexure attached:

| Procurement Officer | Bid Identification No. | Availability of tender online for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-12/ 2023-24 | 01.08.2023 at 11.00 A.M. | 28.08.2023 upto 5.30 P.M. | 25.08.2023 upto 2.00 P.M. | 29.08.2023 at 11.00 A.M. | To be intimated separately |

5.The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer, Rural Works Circle, Sunabeda
OIPR-25182/11/0013/2324

GOVERNMENT OF ODISHA No. O-419
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
e Procurement Notice

| | | | |
|---|---|---|---|
| 1. | Name of work | : | **Periodical Maintenance of 5 years completed PMGSY work such as providing SDBC for the year 2023-24 (Annexure-B)** |
| 2. | No. of work | : | 9 (Nine) road works. |
| 3. | Time for completion varies from | : | 3 (Three) calendar months |
| 4. | Approximate estimated cost varies from | : | Rs.134.66 lakhs to Rs.316.78 lakhs |
| 5. | Mode of submission of tender | : | Tender should be submitted online in **www.tendersodisha.gov.in** |
| 6. | ***Other details are as follow*** | | |

| Procurement Oficer | Bid Idenfication No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | **BLGR-Online-13/2023-24** | 27.07.2023 at 11.00 A.M. | 11.08.2023 upto 5.00 P.M. | 10.08.2023 upto 5.00 P.M. | 14.08.2023 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

OIPR-25118/11/0018/2324 Sd./- Chief Construction Engineer, R.W. Circle, Bolangir

Govt.of Odisha
Government of Odisha "e"Procurement Notice
Bid Identification No.ITDAK-01/2023-24
No.970 Dt.18.07.2023
No.CAD-1342 e-mail:keonjharitda@gmail.com

1. No. of the Work : 39 Nos. Building Work
2. Estimated Cost : From Rs.19.18 Lakh to Rs.210.27 Lakh
3. Period of Completion : 6 (Six) to 9 (Nine) Calendar Months
4. Date and Time of Availability of Bid document in the Portal : From 10.00 Hrs. of 25.07.2023 to 17.00 Hrs. of 11.08.2023.
5. Last date/Time for receipt of Bids in the Portal : 17.00 Hrs. of 11.08.2023
6. Date of Opening of Bid from Portal : 11.30 Hrs. of 16.08.2023
7. Name and Address of the Officer Inviting Bid : Project Administrator, ITDA, Keonjhar

Further details can be seen from the e-procurement portal **"http://tendersodisha.gov.in".**
Sd./- Project Administrator
ITDA, Keonjhar
OIPR-26075/11/0001/2324

MARKFED- ODISHA
(Orissa State Co-operative Marketing Federation Ltd.)
Old Station Road, Bhubaneswar-751006
Tel. No.-(0674) 2310626, e.mail id: odishamarkfed@gmail.com
NOTICE INVITING RFP (Request For Proposal)
Notice No.2887 Dated 19.07.2023

**No.CAD-1351:Request For Proposals** are invited from the eligible interested parties / firms for OPERATION, MAINTENANCE AND MANAGEMENT OF BHUBANESWAR COLD STORAGE OF CAPACITY 5000 MT on long term lease basis. **For details please visit Government of Odisha Tender website** (www.odisha.gov.in) or **Cooperation Department website** (https://coop.odisha.gov.in). Any revision, clarification, addendum, corrigendum, time extension etc. to the above mentioned in the notice will be hoisted on **Cooperation Department** web-site only. No separate notification shall be issued in press.

Sd./-Managing Director
OIPR-39017/11/0011/2324

ଓଡ଼ିଶା ସରକାର
GOVERNMENT OF ODISHA
OFFICE OF THE SUPERINTENDING ENGINEER
JHARSUGUDA (R&B) DIVISION, JHARSUGUDA
E-mail Id:eepwdjsg2014@gmail.com
Telephone:06645-271242, Kalimandir Road, Jharsuguda,768202
No.B-506: "e" Procurement Notice
Bid Identification No.SE-R&B-JSG-04 of 2023-24

| | | | |
|---|---|---|---|
| 1 | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single Cover System on ONLINE mode from eligible contractors for construction of Building (Civil+EI+PH)/Electrical Works as detailed in DTCN. | | |
| 2. | Nature of Work | :- | Building (Civil+EI+PH)/Electrical Works |
| 3. | Estimated Cost | :- | Rs.4.87 Lakhs to Rs.98.00 Lakhs |
| 4. | No. of Work | :- | 10 (Ten) Nos. |
| 5. | Tender Cost | :- | Rs.2000/-, Rs.4000/-, Rs.6000/- & Rs.10000/- (as per DTCN) |
| 6. | Class of Contractor | :- | "D", "C" & "B" & Electrical "HT" |
| 7. | Availability of bid document in the website | :- | 10.00 A.M. of 21.07.2023 to 5.00 P.M. of 03.08.2023 |
| 8. | Date of Opening of Technical Bid (Cover-I) | :- | 11.30 AM on Dt.04.08.2023 |
| 9. | The bidders have to participate in ON-LINE bidding only. Further details can be seen from the website https://tendersodisha.gov.in. Any Addendum/Corrigendum/ Cancellation of tender can also be seen in the said website. | | |

Sd./-Superintending Engineer
Jharsuguda (R&B) Division
OIPR-34094/11/0006/2324

OFFICE OF THE SUPERINTENDING ENGINEER
MINOR IRRIGATION DIVISION, BOUDH
GOVERNMENT OF ODISHA e-Procurement Notice
Bid Identification No. 06/BMID/2023-2024
No.A-354: E-mail ID: bmidbdh@gmail.com
Letter No. 1185/Date. 17.07.2023

1. Name of Work : Repair, Renovation & Restoration of M.I.Ps in different Block of Boudh District under "(R,R&R)" Scheme for 2023-24
2. Numbers of Work : 04 (Four)
3. Tender Amount : Varies from Rs. 61.56 Lakhs to Rs. 75.35 Lakhs.
4. Class of Contractor : "B"
5. Tender Paper Cost (Online) : Rs. 10,000/-
6. Period of Completion : 06 (Six) Calendar Months
7. Availability of Bid Document : From 26.07.2023 at 10.00 AM to 08.08.2023 at 05.00 PM in website (www.tendersorissa.gov.in)
8. Last Date & Time of receipt of Bid : 08.08.2023 at 05.00 PM through online
9. Date of Opening of Technical Bid : 09.08.2023 at 11.00 A.M in the Office of the SE, M.I. Division, Boudh
10. Date of Opening of Financial Bid : 18.08.2023 at 11.00 A.M in the Office of the SE, M.I. Division, Boudh
11. Date of Lottery if Required : 25.08.2023.
12. Digital Signature Certificate of Bidder : The bidder must process compatible Digital Signature Certificate (DSC)
13. Name and Address of the OIT : Superintending Engineer, M.I. Division, Boudh, At/P.O:- Malisahi, District:- Boudh, PIN-762014

Further details can be seen from the Government of Odisha website www.tendersorissa.gov.in.
Superintending Engineer, M.I.Division, Boudh
OIPR-32279/11/0002/2324

See Career Appointment on every Wednesday & Saturday

OFFICE OF THE SUPERINTENDING ENGINEER
RWSS DIVISION, BHUBANESWAR
Plot No. 1214(P), At: Tapovan, P.O.: Khandagiri, Bhubaneswar - 30
Tel.: (0674) 2384108, Fax: (0674) 2384108, E-Mail: eebbsrrwss@gmail.com
QUOTATION CALL NOTICE No. 04 of 2023-24

No. O-414: The Executive Engineer, RWS&S Division, Bhubaneswar, Plot - 1214 (Part), At: Tapovan, P.O.: Khandagiri, Bhubaneswar - 30 on behalf of Governor of Odisha invites item rate price bids in offline mode from Authorised Dealer/Distribution/Supplier.

| | | |
|---|---|---|
| 1 | Nature of Work | Supplying & installation of different size & model of Steel Rack shelves, Office Iron Tables, Wooden Chairs and Moveable Chair for O/o. the EIC, RWS&S (O), Bhubaneswar |
| 2 | No. of Works | 01 (One) |
| 3 | Time for Completion | 15 (Fifteen) Days |
| 4 | Cost of Bidding Document | Rs.2000.00 |
| 5 | The quotation document will be available in the O/o. Executive Engineer, RWS&S Division, Bhubaneswar | Dt.20.07.2023 (10.00A.M.) to 31.07.2023 (1.00 P.M.) |
| 6 | Last date and time for submission of Quotation papers in the Quotation Box kept in the Office of the Executive Engineer, RWS&S Division, Bhubaneswar | 01.08.2023 upto 1.00 P.M. |
| 7 | Date & Time of Opening of Bids | Dt.01.08.2023 at 4.00 P.M. in the Office of the Executive Engineer, RWS&S Division, Bhubaneswar |

Subsequent corrigendum if any shall appear in the office notice board of the undersigned.
Sd./- Executive Engineer, RWS&S Division, Bhubaneswar
OIPR-25011/11/0009/2324

Directorate of Ports & Inland Water Transport,
Paribahan Bhawan (2nd Floor), A.G. Square,
Unit-II, Ashok Nagar, Bhubaneswar-9
Phone-0674-2390355, Fax-2396885 Email:-portsniwt.od@nic.in
No.JJ-17: e-PROCUREMENT NOTICE

| Sl No. | Name of Work | Approximate Value of Work (In Rs.) |
|---|---|---|
| 1 | 2 | 3 |
| 01. | Renovation & Modernization of Fish landing Center at Talachua in Kendrapada District, Odisha (Bid Identification No.08/2023-24) | 2,20,37,098.00 |
| 02. | Renovation & Modernization of Fish landing Center at Talasari in Balasore District, Odisha (Bid Identification No.09/2023-24) | 1,99,13,132.00 |

03. Period of completion : 11 (Eleven) Months
04. Date & Time of availability of Bid Document in the portal : 21.07.2023 to 10.08.2023 up to 17.00 Hours
05. Date & Time of submission of Bid Document in the portal : 21.07.2023 to 10.08.2023 up to 17.00 Hours
06. Last Date/Time for receipt of Bids in the portal : 10.08.2023 up to 17.00 Hours
07. Date & Time for opening of Technical Bid (Cover-I) : 11.08.2023 at 11.00 Hours
08. Name and Address of the Officer Inviting Tender (O.I.T) : Director, Ports & Inland Water Transport, Paribahan Bhawan (2nd Floor), A.G. Square, Unit-II, Ashok Nagar, Bhubaneswar, Odisha, Pin-751009 Phone-0674-2390355, Fax-2396885. e-Mail:- portsniwt.od@nic.in

Further details can be seen from the e-procurement portal **"https://tendersodisha.gov.in".**
OIPR-38035/11/0014/2324 Sd./-Director, Ports & IWT, Odisha

**୮୩ ଗ୍ରାମ ବ୍ରାଉନସୁଗାର ଜବତ**

ଜଗତ୍‌ସିଂହପୁର, (ପ୍ରମୋଦ କୁମାର ନାୟକ):ବୁଧବାର ଅବକାରୀ ବିଭାଗ ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ପୃଥକ ସ୍ଥାନରେ ଚଢାଉ ହୋଇଥିଲା। ଏଥିରେ ୮୩ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଏହା ଉପରେ ମାମଲା ସଂଖ୍ୟା ୨୯/୨୦୨୩-୨୪ ଓ ୩୦/୨୦୨୩-୨୪ ରୁଜୁ ହେବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପାରାଦୀପ ଲକପଡ଼ାର ଚନ୍ଦ୍ରକାନ୍ତ ମାହାଲି ଓ ରାକେଶ ସ୍ୱାଇଁ।

## ସଂକ୍ଷେପରେ

### ସରପଞ୍ଚଙ୍କ ଉନ୍ମତ୍ତକାଣ୍ଡ, ମା'ପୁଅଙ୍କୁ ମରଣାନ୍ତକ ଆକ୍ରମଣ

**ମାଡ଼ ମାରିବା ଘଟଣାର ଭିଡିଓ ଭାଇରାଲ**

ଓଡ଼ଗାଁ,୧୯।୭(ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ରୋହିବାଙ୍କ ବଜାରରେ ଏକ ଅଭାବନୀୟ ଘଟଣା ଘଟିଛି। ସରପଞ୍ଚ ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ବିଚ୍ ବଜାରରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ମହିଳା ଜଣକ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ପୁଅ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଆହତ ମହିଳା ଶୈଳବାଳା ଭଞ୍ଜ(୩୫) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ପୁଅ ଗଙ୍ଗା(୧୮) ମଙ୍ଗଳବାର ସନ୍ଧ୍ୟା ୭ ଟାରେ ଦୋକାନରେ ବସିଥିବା ବେଳେ ତାଙ୍କ ଗ୍ରାମର ସରପଞ୍ଚ ମହନ୍ତ ବେହେରା ହାତରେ ଗୋଟିଏ ପ୍ଲାଷ୍ଟିକ ଧରି ସେହି ଗ୍ରାମର ଦମୟନ୍ତୀ ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କ ସହିତ ହଠାତ୍ ତାଙ୍କ ଦୋକାନ ଆଗରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୋକାନ ଭାଙ୍ଗି ଚାଲିଯିବାକୁ ଧମକ ଦେଇଥିଲେ। ଏହାପରେ ମୋତେ ଓ ପୁଅଙ୍କୁ ଦୋକାନ ଭିତରୁ ଭିଡ଼ି ଆଣି ଉଭୟଙ୍କୁ ତଳେ ପକାଇ ନାତ ଗୋଇଠା ମାରିବା ସହିତ ତାଙ୍କ ପୁଅଙ୍କୁ ପ୍ଲାଷ୍ଟିକ ପାଇପରେ ଆଖିବୁଜା ପିଟି ଚାଲିଥିଲେ। ସରପଞ୍ଚ ମୋତେ ଓ ପୁଅକୁ ପିଟୁଥିବା ବେଳେ ଦମୟନ୍ତୀ ଦୋକାନରେ ପଶି ତାଙ୍କର ଲକ୍ଷାଧିକ ଟଙ୍କାର ଜିନିଷପତ୍ର ବାହାରକୁ ଫୋପାଡ଼ି ନଷ୍ଟ କରିଦେଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରିହୋଇ ତଦନ୍ତ ଚାଲିଛି ବୋଲି ଆଇଆଇସି ରଶ୍ମିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାର ଭିଡ଼ିଓ ଭାଇରାଲ ହେବାରେ ଲାଗିଛି।

### ଟ୍ରାକ୍ଟର, ଚୋରି ସାମଗ୍ରୀ ଜବତ: ଜଣେ ଗିରଫ

**ଅସ୍ଥାୟୀ ପୋସ୍କୋ ଶିବିରରୁ ଚୋରି ଘଟଣା**

କୁଜଙ୍ଗ,୧୯।୭ (ମନୋଜ ପ୍ରଧାନ) କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଗବପୁରଠାରେ ନିର୍ମାଣ ହୋଇଥିବା ପୋସ୍କୋ ଅସ୍ଥାୟୀ କଲୋନୀ ଭାଙ୍ଗି ଇଟା ରଡ ଚୋରି କରିବା ଅଭିଯୋଗରେ ଜଣେ ଗିରଫ ହୋଇଥିବା ବେଳେ ୨ଜଣ ଫେରାର ହୋଇଯାଇଛନ୍ତି। ଅସ୍ଥାୟୀ ପୋସ୍କୋ କଲୋନୀ ଖାଲି ପଡ଼ିଥିବା ବେଳେ ୨ବର୍ଷ ହେବ ଉକ୍ତ ଘରକୁ ଭାଙ୍ଗି ଇଟା ରଡ ନିୟମିତ ଚୋରି ହୋଇ ଚାଲିଥିଲା। ୩ଜଣ ଦୁର୍ବୃତ୍ତ ରାଜୀବ ନାୟକ, ସମୀର ମଲ୍ଲିକ ଓ ତୋଫାନ ରାଉଳ ମିଶି ଘର ଭାଙ୍ଗି ଇଟା ରଡ ଏକ ଟ୍ରାକ୍ଟରରେ ବୋଝେଇ କରି ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ କୌଣସି ସୂତ୍ରରୁ ଖବରପାଇ ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ଚଢାଉ କରିଥିଲେ। ରାଜୀବ ଓ ସମୀର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ତୋଫାନ ଧରା ପଡ଼ିଥିଲେ। ସେଠାରୁ ପୋଲିସ ଇଟା ଓ ରଡ ବୋଝେଇ ଟ୍ରାକ୍ଟର, ବାଇକ୍ ସହ ମାରଣାଅସ୍ତ୍ର ଜବତ କରି ଥାନାକୁ ଆଣିଛି। ପୋଲିସ ନଂ.୩୫୩/୨୩ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତୋଫାନଙ୍କୁ ବୁଧବାର କୋର୍ଟ ଚାଲଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତୋଫାନଙ୍କ ଘର ଥାନା ଅନ୍ତର୍ଗତ ପୋଖରିଆପଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି।

# ଅଙ୍ଗନୱାଡି ପିଲାଙ୍କୁ ପୋକ ସାଲୁବାଲୁ ଛତୁଆ

କେନ୍ଦ୍ରାପଡ଼ା,୧୯।୭(ଜଗନ୍ନାଥ ଧଳ)



ଶିଶୁଙ୍କୁ ଯୋଗାଇ ଦିଆଯାଉଥିବା ପୋକ ମିଶା ଛତୁଆ।

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସରକାରଙ୍କ ତରଫରୁ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଗଠନରେ ସହାୟକ ହେବା ନିମନ୍ତେ ପୁଷ୍ଟିକର ଛତୁଆ, ସୁଜି ହାଲୁଆ ଓ ବାଦାମଲଡୁ ଯୋଗାଇ ଦିଆଯାଉଛି। ଏହାର ପ୍ରସ୍ତୁତି ନିମନ୍ତେ ମିଶନଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟନ କରାଯାଉଥିବା ଛତୁଆ ଓ ସୁଜିରୁ ପୋକ ବାହାରୁଛି । ଖାଇଲା ବେଳକୁ ଗମରା ଲାଗୁଛି । ଏଭଳି ଅଭିଯୋଗ ଆସିଛି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ୭ନଂ. ୱାର୍ଡ ତଳବାଲିପଡ଼ା ଅଙ୍ଗନୱାଡି କେନ୍ଦ୍ରରୁ। ଗତ କିଛିଦିନ ଧରି କେନ୍ଦ୍ରରେ ଦିଆଯାଇଥିବା ସୁଜିରେ ପୋକ ସାଲୁବାଲୁ ହେଉଛି । କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ତଳବାଲିପଡ଼ା ଗ୍ରାମର ପାରେଶ୍ୱର ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ସୋଭାଗ୍ୟ ବିଶ୍ୱାଳ, ନରେଶ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ଗୁଟୁ ବିଶ୍ୱାଳ ପ୍ରମୁଖ କହିଛନ୍ତି, ୭ ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ରରେ ଥିବା ୧୫ ଜଣ ଶିଶୁଙ୍କ ପରିବାରକୁ ଗତ ୨ ମାସ ହେବ ନିମ୍ନମାନର ଛତୁଆ ଓ ସୁଜି ହାଲୁଆ ବଣ୍ଟନ କରାଯାଉଛି। ଯେଉଁଥିରେ ପୋକ ସାଲୁବାଲୁ ହେଉଛନ୍ତି। ସବୁଠୁ ବିଡ଼ମ୍ବନାର ବିଷୟ ପ୍ୟାକେଟରେ ସ୍ପଷ୍ଟ ଭାବେ ଲେଖାଯାଇଛି ତିଆରି ହେବାର ମାସେ ଭିତରେ ଖାଦ୍ୟ ବ୍ୟବହାର କରିବା କଥା। ମାତ୍ର ପ୍ରସ୍ତୁତି କେବେ ହୋଇଛି ତାହାର କିଛି ସୂଚନା ନାହିଁ। ପ୍ୟାକେଟରେ ତାରିଖ ଓ ମାସ ସ୍ଥାନରେ କିଛି ଉଲ୍ଲେଖ ନ ଥିବା ବେଳେ ପେନ୍‌ରେ ପ୍ରସ୍ତୁତି ତାରିଖ ଲେଖା ରହିଛି। ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ବୁଢୀ ଜାଗୁଲାଇ ସ୍ୱୟଂ ସହାୟିକା ଗୋଷ୍ଠୀ (ଖ) ସାତକୁଡିଆ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ୟାକେଟରେ ସ୍ପଷ୍ଟ ଭାବେ ଏହା ଉଲ୍ଲେଖ ରହିଛି। ପ୍ରତିମାସରେ ଛତୁଆ ଓ ହାଲୁଆ ପ୍ରସ୍ତୁତ କରିବାର ନିୟମ ଥିଲେ ସୁଦ୍ଧା ଏହା ନ କରି ପୁରୁଣା ଷ୍ଟକକୁ ସ୍ୱୟଂ ସହାୟକ ଗୋଷ୍ଠୀ ଶିଶୁମାନଙ୍କୁ ଯୋଗାଇ ଦେଉଛନ୍ତି। ଶିଶୁମାନଙ୍କୁ ମିଳୁଥିବା ହାଲୁଆ ଯଦି ଏତେ ନିମ୍ନମାନର ତେବେ ପ୍ରସୂତି ମହିଳାଙ୍କୁ ମିଳୁଥିବା ଛତୁଆ, ଲଡୁ କେତେ ସ୍ୱାସ୍ଥ୍ୟ ଉପଯୋଗୀ ତାହା ସହଜେ ଅନୁମେୟ। ସରକାର ଏପରି ନିମ୍ନମାନର ଜିନିଷ ମାଗଣାରେ ଦେବା କିଛି ମୂଲ୍ୟ ନାହିଁ ବୋଲି ସେମାନେ କହିଛନ୍ତି । ଏ ନେଇ ତଳବାଲିପଡା ଅଙ୍ଗନୱାଡି ସହାୟିକାଙ୍କୁ ପଚାରିବାରୁ ସେ କୁହନ୍ତି, ଛତୁଆ ଯୋଗାଣକାରୀ ସଂସ୍ଥା ପକ୍ଷରୁ ସେଣ୍ଟରକୁ ଯାହା ଯୋଗାଇ ଦିଆଯାଉଛି ସେ ଲୋକଙ୍କୁ ତାହା ଦେଉଛନ୍ତି। ଏ ବିଷୟରେ ସେ ଅବଗତ ନାହାନ୍ତି । ଲୋକଙ୍କଠାରୁ ଅଭିଯୋଗ ପାଇବା ପରେ ସେ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି । ଏବାବଦରେ ସିଡିପିଓ ମନୋରମା ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଅଳ୍ପଦିନ ହେବ କାର୍ଯ୍ୟରେ ଯୋଗ ଦେଇଛି। ଯେଉଁ ଅଭିଯୋଗ ଆସିଛି ସେ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ । ତଦନ୍ତ କରାଯିବ । ଯଦି ଭୁଲ ଥାଏ ତେବେ ନିହାତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଭାବକ ନରେଶ ବିଶ୍ୱାଳ କୁହନ୍ତି, ଗତ ୧୫ ଦିନ ହେବ ସୁପରଭାଇଜର, ନୂଆ ସିଡିପିଓ ଓ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଗୁରୁବାର ୧୫ ଜଣ ଅଭିଭାବକ ମିଳିତ ଭାବେ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଏ ସଂକ୍ରାନ୍ତରେ ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଛି ।

# ଜେଲ ଗଲେ ୪ ଗଞ୍ଜେଇ ବ୍ୟବସାୟୀ



ଜବତ ଗଞ୍ଜେଇ ସହ ଗିରଫ ୪ ଅଭିଯୁକ୍ତ।

ନୟାଗଡ଼,୧୯।୭(ଲୋକନାଥ ମିଶ୍ର):

- ୨ କାର ସହ ୬୧ କେଜି ଗଞ୍ଜେଇ ଜବତ
- କନ୍ଧମାଳରୁ ଭୁବନେଶ୍ୱର ଯାଉଥିଲା ଗଞ୍ଜେଇ
- ବିଏମ୍‌ସି ଲେଖାଥିବା କାରରେ ହେଉଥିଲା ଚାଲାଣ

ନୟାଗଡ଼ ସଦର ଅବକାରୀ ଥାନା ପକ୍ଷରୁ ନୂଆଗାଁ ଓ ବାଣିଗୋଛା ଅଞ୍ଚଳର ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରୁ ୨ଟି କାର ସହ ୬୧ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ୪ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ବଦଲା ଗାଁର ସୁଶାନ୍ତ ବେହେରା(୩୫), କନ୍ଧମାଳ ଜିଲା ଟିକାବାଲି ଥାନା ପାଣ୍ଡୁଗୁଡା ଗାଁର ଦୀପକ କୁମାର ସାହୁ(୩୯), ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡାଝୋଲା ଭାଟସାହିର ରୁଦ୍ର ନାରାୟଣ ନାୟକ(୨୧), ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଡୁମୁଡୁମାର କବିର ସାହୁ(୨୧)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୁଶାନ୍ତ ଓ ରୁଦ୍ର ନାରାୟଣ କାର ଚାଳକ ହୋଇଥିଲେ ହେଁ ଏମାନଙ୍କ ଗଞ୍ଜେଇ ବ୍ୟବସାୟୀଙ୍କ ସହ ସମ୍ପୃକ୍ତ ଅଛନ୍ତି । କନ୍ଧମାଳରୁ ଗଞ୍ଜେଇ ଭୁବନେଶ୍ୱର ଯାଉଥିଲା ବୋଲି ନୟାଗଡ଼ ଅବକାରୀ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି। ନୂଆଗାଁ ଦମକଳ କେନ୍ଦ୍ର ସମ୍ମୁଖରୁ ଓଡି୦୨ ସିଇ ୨୦୦୬ କାରରୁ ୩୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ଡ୍ରାଇଭର ସୁଶାନ୍ତ ବେହେରା ଓ ଦୀପକ ସାହୁ ଗିରଫ ହୋଇଥିଲେ । ବାଣିଗୋଛା ଥାନା ଦଶପଲ୍ଲା ବ୍ଲକର ବାଣିବିରି ଗାଁ ନିକଟସ୍ଥ ରୁଦ୍ରରାଜ ହୋଟେଲ ନିକଟରୁ ଓଡି୦୨ବିଜେଡ୍ ୧୮୨୩ ନଂ କାରରୁ ୩୧ କେଜି ଗଞ୍ଜେଇ ଅନୁରୂପ ଭାବେ ଜବତ ହୋଇଛି । ଏହି ଘଟଣାରେ ରୁଦ୍ର ନାରାୟଣ ଓ କବିର ଗିରଫ ହୋଇଛନ୍ତି । ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନ ଲେଖାଥାଇ ଗଞ୍ଜେଇ ଆସୁଥିବା କାରଟି ସମ୍ପର୍କରେ ତଦନ୍ତ ଚାଲିଛି ।

# ଧରାପଡ଼ିଲା ମଣିଷଖିଆ କୁମ୍ଭୀର

- ୭ଘଣ୍ଟାର ଅପରେଶନ ସଫଳ
- ଧରାପଡିଥିବା କୁମ୍ଭୀର ଲମ୍ବ ୧୩ ଫୁଟ୍ ୩ ଇଞ୍ଚ

ରାଜନଗର,୧୯।୭(ଭାସ୍କର ରାଉତରାୟ)



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ହାତିଆଗଡ଼ି ଗ୍ରାମରେ ୨୮ଦିନ ତଳେ ସୀତାରାଣୀ ଦାସ(୪୫) ନାମ୍ନୀ ଜଣେ ମହିଳା ବାସନ ମାଜୁଥିବା ସମୟରେ କୁମ୍ଭୀର ଝାମ୍ପି ନେଇଥିଲା। ଏହି ଘଟଣା ଗ୍ରାମବାସୀଙ୍କ ଆଖିରୁ ନିଦ ହଜାଇ ଦେଇଥିଲା । ସେଇ ନରହନ୍ତା କୁମ୍ଭୀର ବୁଧବାର ବନବିଭାଗ ହାତରେ ଧରାପଡିଛି। ସେହି କୁମ୍ଭୀରର ଲମ୍ବ ୧୩ଫୁଟ୍୩ଇଞ୍ଚ ବୋଲି ବନ ବିଭାଗ କହିଛି।

କୁମ୍ଭୀରକୁ ଧରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗରେ ବନବିଭାଗ ଗତ ୨୧ ତାରିଖରୁ କସରତ କରୁଥିଲା। ଯେଉଁ ପୋଖରୀରୁ ସୀତାରାଣୀଙ୍କୁ କୁମ୍ଭୀର ଝାମ୍ପି ନେଇଥିଲା ତାହା ଦଳରେ ପୂର୍ଣ୍ଣଥିଲା। ପୋଖରୀ ସହିତ ସଂଯୋଗ କରୁଥିବା ନାଳ ବି ଦଳରେ ପରିପୂର୍ଣ୍ଣ ଥିଲା। ଫଳରେ ବନବିଭାଗ ମଣିଷଖିଆ କୁମ୍ଭୀରକୁ ଧରିବାରେ ବିଫଳ ହୋଇଥିଲା। ଗତ ୫ଦିନ ତଳେ ନାଳରେ କୁମ୍ଭୀର ଭାସିବା ଖବର ପାଇ ବନବିଭାଗ କର୍ମଚାରୀମାନେ ଜାଲ ବସାଇ ଧରିବା ପାଇଁ ପ୍ରୟାସ କରିଥିଲେ । ମଙ୍ଗଳବାର ସେହି ପୋଖରୀରେ ଏକ ବିରାଟକାୟ କୁମ୍ଭୀର ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଥିଲେ। ହେଲେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ କୁମ୍ଭୀରଟି ମହୁଲିଆ କେନାଲରେ ଭାସୁଥିବା ଲୋକ ଦେଖିଥିଲେ। ଏହାପରେ ଲୋକମାନେ ବନବିଭାଗକୁ ଖବର ଦେଇଥିଲେ। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ନେତୃତ୍ୱରେ ବନବିଭାଗର ୪୦ଜଣିଆ ଟିମ୍ କେନାଲରୁ ଦଳ ସଫା କରିବା ପରେ କୁମ୍ଭୀରକୁ ଧରିବା ପାଇଁ ଜାଲ ବିଛାଇଥିଲେ। ଦୀର୍ଘ ୭ ଘଣ୍ଟାର ଅପରେଶନ ପରେ ମଣିଷଖିଆ କୁମ୍ଭୀରକୁ ବନବିଭାଗ କାବୁ କରିଥିଲା। ପରେ କୁମ୍ଭୀରଟିକୁ ବାଉଁଶଗଡି ନଦୀରେ ଛାଡି ଦିଆଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

## ଯୁକ୍ତ ୩ରେ ନାମ ଲେଖାଇଲେ ୪୨୯ ଛାତ୍ରୀଛାତ୍ର

ଧର୍ମଶାଳା,୧୯।୭(ବଟକୃଷ୍ଣ ପରିଡ଼ା):

ଉଚ୍ଚ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୩ ଡିଗ୍ରୀ କଲେଜଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ନାମଲେଖା ବୁଧବାର ଶେଷ ହୋଇଛି। ଧର୍ମଶାଳା ବ୍ଲକରେ ଥିବା ୫ ଡିଗ୍ରୀ କଲେଜର କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୨୧୬ ସିଟ୍‌ଥିବା ବେଳେ ପ୍ରଥମ ଦଫାରେ ୮୦୪ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ୧୫ରୁ ୧୯ ତାରିଖ ପ୍ରଥମ ଦଫାରେ ୪୨୯ ଛାତ୍ରୀଛାତ୍ର ନାମ ଲେଖାଇଥିବା ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ଧର୍ମଶାଳା ଡିଗ୍ରୀ କଲେଜରେ କଳାରେ ୧୭୪ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବାବେଳେ ଶେଷ ଦିନରେ ୧୦୮ଜଣ ନାମ ଲେଖାଇଛନ୍ତି। ଏହି କଲେଜରେ ବିଜ୍ଞାନରେ ୧୦୨ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ କଳାରେ ୪୫ ଓ ବାଣିଜ୍ୟରେ ୨୫ଜଣଙ୍କୁ ସୂଚନା ଦିଆଯାଇଥିଲାବେଳେ ୧୨ଜଣ ନାମ ଲେଖାଇଛନ୍ତି। ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ କଳାରେ ୮୩ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୫୦ଜଣ ନାମଜଣ ନାମ ଲେଖାଇଛନ୍ତି। ଜେନାପୁର ଡିଗ୍ରୀ କଲେଜରେ କଳାରେ ୧୨୮ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୬୭ ଜଣ ନାମ ଜଣ ନାମ ଲେଖାଇଛନ୍ତି। ଚଢ଼େଇଧରାସ୍ଥିତ ଜଗନ୍ନାଥଜୀଉ ଡିଗ୍ରୀ କଲେଜରେ କଳାରେ ୫୮ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୪୭ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୮୩ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୫୦ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୧୫୪ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୭୦ଜଣ ଓ ବିଜ୍ଞାନରେ ୮୦ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୩୦ଜଣ ନାମ ଲେଖାଇଛନ୍ତି।

# ଜଗତ୍‌ସିଂହପୁର ଜିଲାକୁ ଭୂମି ସମ୍ମାନ



ରାଷ୍ଟ୍ରପତିଙ୍କଠାରୁ ପ୍ରଶାସନିକ ଅଧିକାରୀ ଭୂମି ସମ୍ମାନ ଗ୍ରହଣ କରୁଛନ୍ତି।

ଜଗତ୍‌ସିଂହପୁର, ୧୯।୭ (ପ୍ରମୋଦ କୁମାର ନାୟକ):

ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଭୂମି ସଂସ୍କାର କ୍ଷେତ୍ରରେ ଭଲ କାମ କରୁଥିବା ଜିଲାଗୁଡ଼ିକକୁ ସମ୍ମାନିତ କରାଯାଉଛି। ଜିଲାଗୁଡ଼ିକରେ ଜମି ପଞ୍ଜୀକରଣ କାର୍ଯ୍ୟକ୍ରମର ସରଳିକରଣ, ସ୍ୱଚ୍ଛତା ଅନୁପାଳନ, ଆଧୁନିକ ରେକର୍ଡରୁମ ପରିଚାଳନା, ପଟ୍ଟା ସହିତ ଜମିଜମା କାଗଜପତ୍ରର କମ୍ପ୍ୟୁଟରୀକରଣ, ସ୍କାନିଂ, ତହସିଲ ଓ ରେଜିଷ୍ଟ୍ରେଶନ୍ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ଆଦିକୁ ବିଚାରକୁ ନେଇ କେନ୍ଦ୍ର ସରକାର ଭଲ କାମ କରୁଥିବା ଜିଲାଗୁଡ଼ିକୁ ଭୂମି ସମ୍ମାନରେ ସମ୍ମାନିତ କରିଛନ୍ତି। ଚଳିତବର୍ଷ ଦେଶର ୬୮ଟି ଜିଲାକୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେଥିମଧ୍ୟରୁ ଜଗତ୍‌ସିଂହପୁର ଅନ୍ୟତମ। ଜମିଜମା କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ୮ଟି ତହସିଲ ଆଶାନୁରୂପ ପ୍ରଦର୍ଶନ କରିଥିବାରୁ ଏହି ସମ୍ମାନ ମିଳିଛି। ଏ ନେଇ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନ ପରିସରରେ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କ ସହ ରଘୁନାଥପୁର ତହସିଲଦାର ରୂପାଲିକା ଦାଶ ଓ ଜଗତ୍‌ସିଂହପୁର ତହସିଲଦାର ତାରିଣୀ ରଞ୍ଜନ ରାୟ ଉପସ୍ଥିତ ଥିଲେ।

# ୫-ଟି ସଚିବଙ୍କ ଗସ୍ତ ନେଇ ପ୍ରଶାସନିକ ତତ୍ପରତା

ଖଣ୍ଡପଡ଼ା,୧୯।୭ (ଅଜୟ କୁମାର ମହାରଣା):

୫-ଟି ସଚିବ ଭି.କେ.ପାଣ୍ଡିଆନ ୨ଦିନିଆ ନୟାଗଡ଼ ଜିଲା ଗସ୍ତରେ ଆସୁଛନ୍ତି । ଆସନ୍ତା ଗୁରୁବାର ଓ ଶୁକ୍ରବାର ସେ ଖଣ୍ଡପଡ଼ା, ଭାପୁର ଓ କଣ୍ଟିଲୋ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଖଣ୍ଡପଡ଼ା ମଧୁବନ ମିନିଷ୍ଟାଡିୟମ, କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡିୟମ ଓ ଭାପୁର ହାଇସ୍କୁଲ ମହୋତ୍ସବ ଖେଳପଡ଼ିଆରେ ହେଲି ପ୍ୟାଡ ନିର୍ମାଣ କରାଯାଇଛି। ତେବେ ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ପ୍ରଶାସନିକ ଅଧିକାରୀମାନଙ୍କଠାରୁ ମିଳିନାହିଁ । ଗୁରବାର ଅପରାହ୍ନରେ ୫-ଟି ସଚିବ ଖଣ୍ଡପଡ଼ା ଗସ୍ତରେ ଆସୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ଷ୍ଟାଡିୟମ ପରିସରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ପଠାଣି ସାମନ୍ତଙ୍କ ଜନ୍ମଭୂମି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶ ପାଇଁ ୫-ଟି ସଚିବ କ'ଣ ଘୋଷଣା କରିବେ ତାହା ଜାଣିବା ପାଇଁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି । କଣ୍ଟିଲୋ ଶ୍ରୀନୀଳମାଧବ ପୀଠକୁ ସେ ଶୁକ୍ରବାର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

# କୁରୁଜଙ୍ଗାରେ କଂଗ୍ରେସର କର୍ମୀ ସମାବେଶ

ଡେରାବିଶ, ୧୯।୭ (ବେବର୍ତ୍ତା ଅଜୟ ଦାସ)



ସମାବେଶରେ କଂଗ୍ରେସ ନେତାମାନେ।

ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର ଗ୍ରାମର ଜଟିଆ ମହାପୁରୁଷଙ୍କ ପୀଠରେ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଏକ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଦୀନାଳ ଘେରା ଅବହେଳିତ ପାଟକୁରା ନିର୍ବାଚନ ମଣ୍ଡଳୀ ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଛି। ବିଜେଡି ଶାସନାଧୀନ ସରକାରଙ୍କର କେବଳ ଧୂଆଁବାଣ ଏହି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଆହୁରି ଅବହେଳିତ କରିଛି। ତେବେ କଂଗ୍ରେସ ଶାସନକୁ ଆସିଲେ ପାଟକୁରାର ବିକାଶ ସମ୍ଭବ ହେବ ବୋଲି କାନୁନ୍‌ଗୋ କହିଥିଲେ। କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ବିରୋଧରେ ନିଜର ବକ୍ତବ୍ୟ ରଖି କାନୁନ୍‌ଗୋ କଂଗ୍ରେସର ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସମାବେଶରେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ପରିଡା, ରଘୁନାଥ ଶତପଥୀ, ଅନନ୍ତ ଚରଣ ପାତ୍ର, ରାଜୀବ ଲୋଚନ ମିଶ୍ର, ରଶ୍ମିରଞ୍ଜନ ପଣ୍ଡା, ଗୋଲଖ ସ୍ୱାଇଁ, ରଞ୍ଜନ ମଲିକ ଯୋଗଦେଇଥିଲେ। ସେମାନେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଡେରାବିଶ ଓ ବ୍ଲକ ସମେତ ମାର୍ଶାଘାଇ ବ୍ଲକର ୭ଟି ପଞ୍ଚାୟତର ଜନସାଧାରଣଙ୍କୁ ନେଇ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ସମ୍ମୁଖରେ ଗଣଧାରଣା ଦିଆଯିବା ଉପରେ ଆଲୋକପାତ କରିଥିଲେ। ଏହିଅବସରରେ ଏହି ପଞ୍ଚାୟତର ଅଶୋକ ମଲିକ, ଗୋପାଳ ମଲିକ, ମାନସ ଦାସ ଓ ନରସିଂହପୁରର ୱାର୍ଡସଭ୍ୟ ନଗେନ୍ଦ୍ର କୁମାର ଜେନା ବିଜେଡି ଓ ଭାଜପା ଛାଡି କଂଗ୍ରେସ ନେତା ରତିକାନ୍ତଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ। ଏହି ଅବସରରେ କୁରୁଜଙ୍ଗା ପଞ୍ଚାୟତର ଯୁବନେତା ତଥା ସଂଗଠକ କୃଷ୍ଣଚନ୍ଦ୍ର ଦାସଙ୍କୁ ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା।

# ବ୍ରିଟିଶ ନିର୍ମିତ ବଙ୍ଗଳା ପରିସରରେ ନିର୍ମାଣ ହେବ ପର୍ଯ୍ୟଟନ କ୍ଷେତ୍ର

**ଧରିତ୍ରୀ ପ୍ରଭାବ**

- ଅତ୍ୟାଧୁନିକ ଶୈଳୀରେ ହେବ ପାର୍କ
- କ୍ଷେତ୍ର ପରିଦର୍ଶନ କଲେ ମନ୍ତ୍ରୀ

ମହାକାଳପଡ଼ା,୧୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜମ୍ବୁ ଲକ୍ଠାରେ ବ୍ରିଟିଶ୍ ନିର୍ମିତ ବଙ୍ଗଳା ପରିସରରେ ମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳ ଜମ୍ବୁ ଲକ୍ଠାରେ ୧୮୮୫ରେ ବ୍ରିଟିଶ୍ ଶାସନ ସମୟରେ ଏକ ଷ୍ଟର୍ମ ୱେଭ୍ ବା ବାତ୍ୟା ଆଶ୍ରୟସ୍ଥଳ ବା ବଙ୍ଗଳା ନିର୍ମାଣ କରାଯାଇଥିଲା। ସ୍ୱାଧୀନତା ପରେ ରାଜ୍ୟ ସରକାରଙ୍କ ଜଳ ସେଚନ ବିଭାଗ ଅଧୀନରେ ପରିଚାଳିତ ହେଉଛି। ରକ୍ଷଣା ବେକ୍ଷଣ ଅଭାବରୁ ଉକ୍ତ ଗୃହଟି ଭାଙ୍ଗି ରୁଜି ଗଲାଣି। ଏ ନେଇ ବୁଧବାର 'ଧରିତ୍ରୀ' ରେ 'ବ୍ରିଟିଶ ନିର୍ମିତ ବଙ୍ଗଳା ଏବେ ଭୂତକୋଠି' ଶୀର୍ଷକ ଖବର ପ୍ରକାଶ ପାଇଛି। ଏହାପରେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବୁଧବାର ପୂର୍ବାହ୍ନରେ ଏହି ବଙ୍ଗଳା ପରିଦର୍ଶନ କରିବା ସହିତ ପରିସର ମଧ୍ୟରେ ପର୍ଯ୍ୟଟକମାନଙ୍କ ଚିତ୍ତ ବିନୋଦନ ପାଇଁ ଏକ ଅତ୍ୟାଧୁନିକ ପାର୍କ ଓ ନୂତନ ଗୃହ ଅତ୍ୟାଧୁନିକ ଶୈଳିରେ ନିର୍ମିତ ହେବ ବୋଲି ସୂଚନା ମିଳିଛି। ପର୍ଯଟନ କ୍ଷେତ୍ର ହୁକିଟୋଲା ଓ ଫଲ୍ସ ପଏଣ୍ଟ ବତିଘରକୁ ଦୂର ଦୁରନ୍ତରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସୀମିତ ରହଣି ପାଇଁ ଏହା ସହାୟକ ହେବ ବୋଲି କୁହାଯାଇଛି। ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏ ନେଇ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ଉକ୍ତ ସ୍ଥାନରେ ଚିତ୍ତ ବିନୋଦନ ପାଇଁ ଏକ ପାର୍କ ଓ ଗୃହ ନିର୍ମାଣ ହେବା ପାଇଁ ସରକାରୀ ସ୍ତରରେ ପ୍ରକୃଷ୍ଟ ଜମି ରହିଛି ବୋଲି ସୂଚନା ଦେଇଛନ୍ତି।

## ସମୁଦ୍ରରେ ଭାସିଯିବାବେଳେ ୩ ପର୍ଯ୍ୟଟକ ଉଦ୍ଧାର

ପୁରୀ: ପୁରୀ ସମୁଦ୍ରରେ ଗାଧୋଇବାବେଳେ ଭାସିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲାର ସୁରଜିତ, ନଦିଆ ଜିଲାର ସୁମନ୍ତ ମଣ୍ଡଳ ଓ ବିଶ୍ୱଜିତ ମଣ୍ଡଳ। ବୁଧବାର ଅପରାହ୍ନରେ ସୁରଜିତ ସେକ୍ଟର-୬ ଅଧୀନ ହୋଟେଲ ଗୋଲ୍ଡେନ୍ ଟ୍ରି ସମ୍ମୁଖ ସମୁଦ୍ରରେ ଗାଧୋଉଥିବା ବେଳେ ଲହଡ଼ିରେ ଭାସିଯାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡ ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ସେହିପରି ସୁମନ୍ତ ଓ ବିଶ୍ୱଜିତ ଦୁହେଁ ସେକ୍ଟର-୧୩ ଅଧୀନ ହୋଟେଲ କ୍ୟାମେଲିଆ ସମ୍ମୁଖ ସମୁଦ୍ର ଗାଧୋଉଥିବାବେଳେ ଭାସିଯାଇଥିଲେ। ଲାଇଫଗାର୍ଡମାନେ ସେମାନଙ୍କୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ବିଜେଡି ନେତା ପ୍ରଭାକର ସମର୍ଥାଙ୍କ ଉପରୁ ନିଲମ୍ବନ ଉଠିଲା

ପୁରୀ, ୧୯।୭(ଅଜିତ ମହାନ୍ତି): ବିଜୁ ଜନତା ଦଳରୁ ନିଲମ୍ବନ ହୋଇଥିବା ପୁରୀ ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଭାକର ସମର୍ଥାଙ୍କ ଉପରୁ ବୁଧବାର ଦଳ ନିଲମ୍ବନ ପ୍ରତ୍ୟାହାର କରିଛି। ଫଳରେ ସମର୍ଥାଙ୍କ ସମର୍ଥକଙ୍କ ମଧରେ ଖୁସି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରଭାକରଙ୍କୁ ବିଜେଡି ପକ୍ଷରୁ ନିଲମ୍ବନ କରାଯାଇଥିଲା। ତେବେ କିଛି ମାସ ପରେ ଦଳ ତାଙ୍କ ଉପରୁ ନିଲମ୍ବନ ଆଦେଶକୁ ଉଠାଇ ଦେଇଛି। ଏନେଇ ବିଜେଡି ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ଏକ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏପରି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଖୁସି ପ୍ରକାଶ କରିଛନ୍ତି। ସାମର୍ଥାଙ୍କ ଉପରୁ ନିଲମ୍ବନ ହଟିବା ଫଳରେ ପୁରୀ ବିଜେଡି ଆହୁରି ଶକ୍ତିଶାଳି ହେବ ଏବଂ ଆଗାମୀ ସାଧାରଣ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଖୁଣ୍ଟିଆ କହିଛନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାଲୁଗାଁ,୧୯।୭(ସଂଗ୍ରାମ ପାଇକରାୟ): ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ନୀଳାଦ୍ରି ବିହାର ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ରୋଜି ରାଣୀ। ତେବେ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ ସଫେଇ ଦିଆଯାଇଥିବା ବେଳେ ଅପରପକ୍ଷେ ଅଧିକ ଯୌତୁକ ଅର୍ଥ ଦାବି କରି ଝିଅକୁ ହତ୍ୟା କରାଯାଇଥିବା ନେଇ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୫୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ ଗଞ୍ଜାମ ଜିଲା ବେଗୁନିଆପଡା ଗ୍ରାମର ଖଲି ଜେନାଙ୍କ ଝିଅ ରୋଜି ରାଣୀ ୧୦ ବର୍ଷ ପୂର୍ବେ ନାଭାଲ ନିକଟ ନୀଳାଦ୍ରି ବିହାର ଅଞ୍ଚଳରେ ରହୁଥିବା କୈଳାସ ମାଝିଙ୍କ ପୁଅ ରୋହିତଙ୍କୁ ବିବାହ କରିଥିଲେ। ତେବେ ବିବାହର କିଛି ବର୍ଷ ପରେ ଅଧିକ ଯୌତୁକ ଅର୍ଥ ଦାବି କରି ରୋଜିଙ୍କୁ ଶାଶୁଘର ଲୋକ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଝିଅଠାରୁ ଏହି କଥାଶୁଣି ବାପଘର ପକ୍ଷରୁ ବହୁବାର ବୁଝାଶୁଝା କରି ମଧ ଶାଶୁଘର ଲୋକେ ରୋଜିଙ୍କୁ ନିର୍ଯାତନା ଜାରି ରଖିଥିଲେ। ଏଭଳି ପରିସ୍ଥିତିରେ ମଙ୍ଗଳବାର ବିଳମ୍ବିତ ରାତ୍ରରେ ରୋଜି ନିଜ ରୁମରେ ପଙ୍ଖାରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଶାଶୁ ଘର ଲୋକଙ୍କଠାରୁ ଖବରପାଇ ରୋଜିଙ୍କ ବାପା ନିଜର ସମ୍ପର୍କୀୟଙ୍କୁ ଧରି ଝିଅର ଶାଶୁଘରେ ପହଞ୍ଚିଥିଲେ। ହେଲେ ଝିଅର ଏପରି ମୃତ୍ୟୁକୁ କନ୍ୟା ପିତା ସହଜରେ ଗ୍ରହଣ କରିପାରି ନଥିଲେ। ଯୌତୁକ ପାଇଁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ନେଇ କନ୍ୟା ପିତା ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ବଟି ଆଦାୟ କରି ଗେଡ଼ା ଗିରଫ

ପୁରୀ, ୧୯।୭(ଅଜିତ ମହାନ୍ତି): ବଟି ଆଦାୟ ଅଭିଯୋଗରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କୁମ୍ଭାରପଡା ଥାନା ଦେବୀଘାଟର ଗେଡ଼ା ଓରଫ ରଞ୍ଜନ ପ୍ରଧାନ। ତାଙ୍କଠାରୁ ଏକ ଲୁହାଛଡ଼ ଜବତ କରାଯାଇଛି। ଏନେଇ ଟାଉନ ଥାନା ପୋଲିସ ଏକ ମାମଲା (ନଂ. ୨୬୫/୨୩) ରୁଜୁ କରିଛି।

# ନୂତନ ଦଧିନଉତି ବସିବ, ଲାଗିବ ଆର୍ଥିଂ

ପୁରୁଣା ଭୁବନେଶ୍ୱର,୧୯।୭
(ସୁବାସ ଚନ୍ଦ୍ର ପ୍ରଧାନ)

ଗତ ଶନିବାର ବଜ୍ରପାତରେ ମାଉସୀମା ଛକସ୍ଥିତ ରାମେଶ୍ୱର ମନ୍ଦିରର ଦଧିନଉତି ଖସିପଡ଼ିଥିଲା। ଦଧି ନଉତିଟି ସମ୍ପୂର୍ଣ୍ଣ ଭାଙ୍ଗି ମନ୍ଦିରର ଚତୁଃପାର୍ଶ୍ୱରେ ଏଣେତେଣେ ପଡ଼ିଥିଲା। ଏଏସ୍ଆଇ କର୍ମଚାରୀମାନେ ଏହାର ଭଗ୍ନାବଶେଷଗୁଡ଼ିକୁ ସଂଗ୍ରହ କରି ଷ୍ଟୋର ରୁମରେ ରଖିଛନ୍ତି। ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହେବା ନେଇ ବିଭାଗ ପକ୍ଷରୁ ଅସ୍ଥାୟୀଭାବେ ମନ୍ଦିର ଚୂଡ଼ାରେ ବାଲିବସ୍ତାରେ ପତାକା ଲଗାଯାଇଛି। ସ୍ଥାୟୀ ଦଧି ନଉତିଟି କୁଣ୍ଡା ପଥରେ ନିର୍ମିତ ହେବ। ଏ ନେଇ ଏଏସ୍ଆଇର ସ୍ୱତନ୍ତ୍ର କାରିଗର ଲାଗିପଡ଼ିଛନ୍ତି। ଅନ୍ୟପଟେ ମନ୍ଦିରର ଆର୍ଥିଂ ନଥିବାରୁ ଦଧି ନଉତିଟି ଭାଙ୍ଗିଯିବା ନେଇ ଏଏସ୍ଆଇ ଜଣେ ଅଧିକାରୀ ସ୍ପଷ୍ଟୀକରଣ ଦେଇଛି।

ସୂଚନା ଥାଉକି ,୨୦୧୮ ମସିହାରୁ ସମାନ ଘଟଣାରେ ଅର୍ଥାଥ ବଜ୍ରପାତରେ ଜମ୍ବେଶ୍ୱର ମନ୍ଦିର, ବାବା ଅନନ୍ତବାସୁଦେବ ମନ୍ଦିର, ୧୫.ଜୁଲାଇ ୨୩ରେ ରାମେଶ୍ୱର

ଶ୍ରୀରାମେଶ୍ୱର ମନ୍ଦିର



ମନ୍ଦିର ଚୂଡ଼ାରେ ଥିବା ଦଧି ନଉତିଟି ଭାଙ୍ଗିଯାଇଥିଲା। ଘଟଣା ନେଇ ଏଏସ୍ଆଇ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏବେ ରାମେଶ୍ୱର ମନ୍ଦିର ଚୂଡ଼ାରେ ନୂତନ ଦଧି ନଉତି ବସାଯିବା ସହ ଆର୍ଥିଂ ଲଗାଯିବ। ଏ ନେଇ ଆର୍ଥିଂ ଲଗାଇବାକୁ ସ୍ୱତନ୍ତ୍ର କମ୍ପାନୀ ସହ ଯୋଗାଯୋଗ ସରିଛି। ଗୁରୁବାର କିମ୍ବା ଶୁକ୍ରବାର ଏଏସ୍ଆଇର ସୁପରିଣ୍ଟେଣ୍ଡେଣ୍ଟ ନିଜେ ବୈଷୟିକ ଟିମ୍ ସହ ମନ୍ଦିର ଚୂଡ଼ାର ସ୍ଥିତି ଅନୁସନ୍ଧାନ କରିବାପରେ ଉଭୟ କାର୍ଯ୍ୟ ଆରମ୍ଭ ହେବ। ରାମେଶ୍ୱର ମନ୍ଦିର ଚୂଡ଼ାକୁ ସ୍ୱତନ୍ତ୍ର ଭାଡ଼ା ବନ୍ଧାଯିବ, କାରଣ ମନ୍ଦିର ଚୂଡ଼ାକୁ କୁଶଳି କାରିଗର ଯିବାପାଇଁ ଲଗାଯଇଥିବା ଭଡ଼ାରେ ଅଧିକାରୀ କିମ୍ବା ସାଧାରଣ ବ୍ଯକ୍ତିଟିଏ ଚଢିକରି ଯିବା ସହଜ ହୋଇନଥାଏ।

### ୫ ମନ୍ଦିରରୁ ଆର୍ଥିଂ କେବୁଲ ଚୋରି

ଜମ୍ବେଶ୍ୱର ମନ୍ଦିର, ମକରେଶ୍ୱର ମନ୍ଦିର, ମୈତ୍ରେୟେଶ୍ୱର ମନ୍ଦିର, ଶାରି ଦେଉଳ ଏବଂ ବକ୍ରେଶ୍ୱର ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ରହିଥିଲା। ଦୁର୍ବୃତ୍ତମାନେ ମନ୍ଦିର ପାଦଦେଶରୁ ଯଥାସମ୍ଭବ ଉଚ୍ଚାକୁ ଚଢ଼ି ଆର୍ଥିଂ କେବୁଲ ତଥା ତାର ଚୋରି କରିନେଇଛନ୍ତି। ବର୍ଷା ଦିନେ ପୁନଃ ମନ୍ଦିରଗୁଡ଼ିକର ବିପଦକୁ ଆଶଙ୍କା କରି .ଏସଆଇ ପକ୍ଷରୁ ତୁରନ୍ତ ଏଗୁଡ଼ିକ ମରାମତି କରାଯିବା ଆବଶ୍ୟକ। ଅନ୍ୟ ତିନି ମନ୍ଦିର ଯଥା: ଶ୍ରୀ ଲିଙ୍ଗରାଜ ମନ୍ଦିର, ଅନନ୍ତବାସୁଦେବ ମନ୍ଦିର, ମୁକ୍ତେଶ୍ୱର ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ଠିକ୍ ଅଛି। ଏ ନେଇ ଏ.ଏସ.ଆଇ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କର କୁହନ୍ତି ନିଜେ ମନ୍ଦିରକୁଯାଇ ସ୍ଥିତିଅନୁସନ୍ଧାନ କରିବାପରେ କାର୍ଯ୍ୟ ଆରମ୍ଭ ହେବ। ଏପରିକି ଚୋରି ଯାଇଥିବା ଅନ୍ୟମନ୍ଦିରଗୁଡ଼ିକ ଖୁବ୍‌ଶୀଘ୍ର ମରାମତି ହେବ ବୋଲି ସେ କହିଛନ୍ତି।

### ଏକାମ୍ର କ୍ଷେତ୍ରରେ ୧୮ କୀର୍ତ୍ତିରାଜି

ଏଏସ୍ଆଇ ଅଧୀନରେ ଓଡ଼ିଶାରେ ମୋଟ ୮୦ଟି କୀର୍ତ୍ତିରାଜି ରହିଥିଲା। ନିକଟରେ ଏଏସ୍ଆଇର ପୁରୀ ସର୍କଲ ଗଠିତ ହେବାରୁ ଏଗୁଡ଼ିକ ଉଭୟ ସର୍କଲରେ ବଣ୍ଟନ କରାଯାଇଛି। ଏଏସ୍ଆଇର ଭୁବନେଶ୍ୱର ସର୍କଲରେ ଥିବା ୪୬ଟି କୀର୍ତ୍ତିରାଜି ମଧ୍ୟରୁ ସହର ଏବଂ ଆଖପାଖ ଅଞ୍ଚଳ ଯଥା: ଶିଶୁପାଳଗଡ଼, ହିରାପୁର ୬୪ ଯୋଗିନୀ ମନ୍ଦିର ଏବଂ ଧଉଳି ଆଦିକୁ ମିଶାଇ ୨୮ଟି କୀର୍ତ୍ତିରାଜି ରହିଥିବାବେଳେ ଏକାମ୍ର କ୍ଷେତ୍ର ଅଧିନରେ ୧୮କୀର୍ତ୍ତିରାଜି ରହିଥିବା ଜଣାଯାଇଛି।

# ଶ୍ରୀମନ୍ଦିର ଜନସୂଚନା ଅଧିକାରୀଙ୍କ ସତ୍ୟପାଠ ଯାଞ୍ଚ ନିର୍ଦ୍ଦେଶ

ପୁରୀ, ୧୯।୭(ଅଜିତ ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ରତ୍ନଭଣ୍ଡାର ସଂକ୍ରାନ୍ତ ୪ଟି ମାମଲା ରୁଜୁ କରିଥିଲେ। ପୂର୍ବ ଶୁଣାଣିରେ ରାଜ୍ୟ ସରକାର କୋର୍ଟରେ ସତ୍ୟପାଠ ଦାଖଲ କରି ନ ଥିଲେ। ବୁଧବାର ରାଜ୍ୟ ସୂଚନା ଆୟୋଗ ଏସ୍.କେ.ସ୍ୱାଇଁଙ୍କ ଦ୍ୱାରା ଚତୁର୍ଥ ଶୁଣାଣି ହୋଇଛି। ଶ୍ରୀମନ୍ଦିର ଜନସୂଚନା ଅଧିକାରୀ ସତ୍ୟପାଠ ଦାଖଲ କରିଥିବାବେଳେ ଏହାର ସତ୍ୟତା ଯାଞ୍ଚ ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଉଚ୍ଚପଦସ୍ଥ ଅଧିକାରୀ ଆସନ୍ତା ସେପ୍ଟେମ୍ବର ୧୧ ପୂର୍ବରୁ ସତ୍ୟପାଠ ଯାଞ୍ଚ କରି ରିପୋର୍ଟ ଦେବେ। ଏହାପରେ ସେପ୍ଟେମ୍ବର ୧୧ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଆୟୋଗ କହିଛନ୍ତି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କୁ ଯେଉଁସବୁ କାଗଜପତ୍ର ଦିଆଯାଇଥିଲା ସେ ନେଇ ବରାଳ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ଦିଆଯାଇ ନ ଥିଲା। ଫଳରେ ବରାଳ ତଥ୍ୟ ପାଇବା ପାଇଁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ତଥା ପ୍ରଥମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବେ ଜଣାଇଥିଲେ ସରକାର ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିନାହାନ୍ତି। ତେଣୁ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ବରାଳ ଏ ସଂକ୍ରାନ୍ତରେ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ।

### ସୂଚନା ଆୟୋଗଙ୍କ ନିକଟରେ ରତ୍ନଭଣ୍ଡାର ମାମଲା

# ଖଣ୍ଡଗିରି, ଉଦୟଗିରିରେ ଆରମ୍ଭ ହେଲା 'ୱଣ୍ଡର କେଭ୍ସ'



ଭୁବନେଶ୍ୱର,୧୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଖଣ୍ଡଗିରି ପାଦଦେଶରେ ଆରମ୍ଭ ହୋଇଛି ଫୋର୍ଟ ଆଣ୍ଡ୍ କେଭ୍ସ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ 'ୱଣ୍ଡର କେଭ୍ସ'। ଅତିଥିଭାବେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର (ଇଜେଡ୍‌ସି) କୋଲକାତାର ନିର୍ଦ୍ଦେଶକ ଆଶିଷ ଗିରି, ଏଏସ୍ଆଇର ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷକ ସୁଶାନ୍ତ କର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗଦେଇଥିଲେ। ଇଜେଡ୍‌ସି ନିର୍ଦ୍ଦେଶକ ଗିରି କହିଲେ, ଜି-୨୦ ଓ ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ଇଜେଡ୍‌ସି ଏବଂ ଏଏସଆଇ ସହାୟତାରେ ପୂର୍ବାଞ୍ଚଳ ଜୋନ୍‌ର ୪ଟି ସ୍ଥାନ ସମେତ ସାରା ଦେଶରେ ଏହି ଉତ୍ସବ ଆୟୋଜିତ ହେଉଛି। ବିହାରରେ ୨ଟି କାର୍ଯ୍ୟକ୍ରମ ସରିଥିବାବେଳେ ଏଏସ୍ଆଇ ସହାୟତାରେ ଏହି ଉତ୍ସବ ଖଣ୍ଡଗିରି-ଉଦୟଗିରିରେ ଅନୁଷ୍ଠିତ ହେବା ଗର୍ବର ବିଷୟ। ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାରପ୍ରସାର କରିବା ଉତ୍ସବର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଅଣନାତି ପ୍ରଫୁଲ୍ଲ ବାହୁବଳେନ୍ଦ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସଙ୍ଗୀତା ପଣ୍ଡା ଓ ଗ୍ରୁପ୍ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ, ପଶ୍ଚିମବଙ୍ଗର ବିନାୟକ ଛଉ ଏବଂ ନଟୁଆ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପୁରୁଲିଆ ଛଉ, ଖୋର୍ଦ୍ଧା ପାଇକଙ୍କ ଦ୍ୱାରା ପାଇକ ଆଖଡା, ବାଲେଶ୍ୱରର ଦୟାଲ ସଙ୍ଗୀତ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ଗ୍ରୁପ୍ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଉପସ୍ଥାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳ ସାଢ଼େ ୬ଟାରୁ ଖଣ୍ଡଗିରି ଛକରୁ ଖଣ୍ଡଗିରି ପାହାଡ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୫ଶହ ଛାତ୍ରୀଛାତ୍ରଙ୍କ 'ୱାକାଥନ' ଓ ପରେ ଯୋଗାଭ୍ୟାସ କରିଥିଲେ। ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜୈନ ଧର୍ମ ଓ ଖଣ୍ଡଗିରିର ଐତିହ୍ୟ ସମ୍ପର୍କିତ ଆଲୋଚନା ପରେ କ୍ଷୁଦ୍ର ଚଳଚ୍ଚିତ୍ର, ଐତିହ୍ୟ ଚିତ୍ର ପ୍ରଦର୍ଶନୀ ଓ ବି.କେ. ଆର୍ଟ କଲେଜ ତତ୍ତ୍ୱାବଧାନରେ କଳା ଶିବିର ଆୟୋଜିତ ହୋଇଥିଲା।

# ଟାଏକୋଣ୍ଡୋ ମାଷ୍ଟର ମନମୋହନଙ୍କୁ ସମ୍ବର୍ଦ୍ଧନା

ପୁରୀ, ୧୯।୭(ଅଜିତ ମହାନ୍ତି): ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ପୁରୀ ଜିଲାର ଏକମାତ୍ର କ୍ରୀଡ଼ାବିତ ଭାବେ ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟରୁ ମାଷ୍ଟର କୋର୍ସ ଶେଷ କରିଛନ୍ତି। ଗତ ୬ରୁ ୧୪ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର କୋର୍ସ ଏବଂ ଅନ୍ତର୍ଜାତୀୟ ପୁମ୍ ଓ ଡାନ୍ ବ୍ଲାକ୍‌ବେଲ୍ଟ ପରୀକ୍ଷକ କୋର୍ସରେ ଭାଗ ନେଇ ମନମୋହନ ସଫଳତା ପାଇଛନ୍ତି। ତାଙ୍କୁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ତାଙ୍କ କାର୍ଯ୍ୟାଳୟରେ ମନମୋହନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଆହୁରି ସଫଳତା ପାଇ ଗୌରବ ଆଣନ୍ତୁ ବୋଲି କହିଥିଲେ। ଏହି ଅବସରରେ କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ରହି ମନମୋହନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

ପୁରୀ, ୧୯।୭(ଅଜିତ ମହାନ୍ତି)

ମାଟିଆପଡ଼ାର ଏକ ଗେଷ୍ଟ ହାଉସ୍‌ରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ଯୁବତୀ ଜଣକ ଆତ୍ମହତ୍ୟା କରିନାହାନ୍ତି ବରଂ ତାଙ୍କୁ ଗେଷ୍ଟ ହାଉସରେ ବଳାତ୍କାର କରାଯିବା ପରେ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ତାଳବଣିଆ ଥାନା ପୋଲିସ ଠିକ ଭାବେ ତଦନ୍ତ ନ କରି ମାମଲାକୁ ଚପାଇ ଦେଉଛି ବୋଲି ଯୁବତୀଙ୍କ ସମ୍ପର୍କୀୟ ଭାଇ ବୁଧବାର ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସାକ୍ଷୀଗୋପାଳରେ ନର୍ସ ଭାବେ କାର୍ଯ୍ୟ କରୁଥିବା ଚନ୍ଦନପୁରର ୨୩ ବର୍ଷୀୟା ପ୍ରିୟଙ୍କା ବେହେରା ମାମୁଁଘରକୁ ଯାଉଛି କହି ଗତ ୧୪ ତାରିଖରୁ କେଉଁଆଡ଼େ ଚାଲିଯାଇଥିଲେ। ପରଦିନ ପ୍ରିୟଙ୍କାଙ୍କ ମୃତଦେହ ମାଟିଆପଡ଼ାର ଏକ ଗେଷ୍ଟହାଉସରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତେବେ ମାଜିଷ୍ଟ୍ରେଟ ଓ ପୋଲିସ ଆସିବା ପୂର୍ବରୁ କବାଟ ଭାଙ୍ଗି ମୃତଦେହକୁ କାଢିଦିଆଯାଇଥିଲା, ଯାହାକୁ ନେଇ ମୃତକଙ୍କ ପରିବାର ସନ୍ଦେହ ପ୍ରକଟ କରିଛନ୍ତି। ଅପରପକ୍ଷରେ ପୋଲିସ ଉକ୍ତ ଘଟଣାରେ ଅଭିଯୁକ୍ତ ସାଗର ପାତ୍ରଙ୍କୁ ଗିରଫ କରି ଏକ କେସ୍ (ନଂ. ୧୨୦/୨୩) ରୁଜୁ କରି କୋର୍ଟ ଚାଲାଣ କରିଛି। ତେବେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥିବାରୁ ଏ ନେଇ ନ୍ୟାୟ ପାଇଁ ସେମାନେ ପୁରୀ ଏସ୍‌ପି, ମାନବ ଅଧିକାର କମିଶନ ଏବଂ ଜାତୀୟ ଦଳିତ କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ପରିବାରଲୋକେ କହିଛନ୍ତି। ମୃତ ପ୍ରିୟଙ୍କାଙ୍କ ମାମୁଁ ଭରତ କୁମାର ବେହେରା କହିଛନ୍ତି, ଏହି ଘଟଣାରେ ଗିରଫ ହୋଇଥିବା ଯୁବକ ଏକମାତ୍ର ଅଭିଯୁକ୍ତ ନୁହଁନ୍ତି, ତାଙ୍କର ସହଯୋଗୀମାନେ ମଧ ସମ୍ପୃକ୍ତ ଅଛନ୍ତି। ଏପରିକି ଗେଷ୍ଟ ହାଉସ୍ କର୍ତ୍ତୃପକ୍ଷ ସାମିଲ ଥିବା ଜଣାପଡୁଛି, କାରଣ ସେ ଅନେକ ସତ୍ୟକୁ ଲୁଚାଉଛନ୍ତି। ତେଣୁ ହୋଟେଲ କର୍ତ୍ତୃପକ୍ଷଙ୍କୁ ଗିରଫ କରଯିବା ଆବଶ୍ୟକ, ଫଳରେ ସାମ୍ନାକୁ ସତ ଆସିପାରିବ।

### ଗେଷ୍ଟ ହାଉସ୍‌ରୁ ମୃତଦେହ ଜବତ ଘଟଣା

# ପ୍ରକାଶ ପାଇଲା ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା

ଭୁବନେଶ୍ୱର,୧୯।୭(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ନାମ ଲେଖାଇବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ବୁଧବାର ପ୍ରକାଶ ପାଇଛି। ମୋଟ ୭୦ ହଜାର ୧୦୫ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ ଆସନ୍ତା ୨୨ ମଧ୍ୟରେ ନାମଲେଖାଇବେ। ବଳକା ସିଟ୍ ପାଇଁ ୨୭ ତାରିଖରେ ସ୍ପଟ୍ ସିଲେକ୍ସନ ଲାଗି ମେଧା ତାଲିକା ପ୍ରକାଶ ପାଇବ। ଜୁଲାଇ ୨୯ରୁ୩୧ ପର୍ଯ୍ୟନ୍ତ ସ୍ପଟ୍ ନାମଲେଖା ଚାଲିବ। ସୂଚନା ଥାଉକି, ଚଳିତବର୍ଷ ୪ ଲକ୍ଷ ୭୨ ହଜାର ୨୭୯ ସିଟ୍ ମଧ୍ୟରୁ ୪ ଲକ୍ଷ ୧୨ହଜାର ୩୬୮ ପିଲାଙ୍କୁ ପ୍ରଥମ ପର୍ଯ୍ୟାୟରେ ସିଟ୍ ଆବଣ୍ଟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଲକ୍ଷ ୪୩ ହଜାର ୭୬୯ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି।



**'ଶ୍ରୀସତ୍ୟସାଇ ପ୍ରେମ ତରୁ କାର୍ଯ୍ୟକ୍ରମ' ଉଦ୍‌ଘାଟିତ**

ଭୁବନେଶ୍ୱର,୧୯।୭(ଶର୍ମିଷ୍ଠା ପାଣିଗ୍ରାହୀ): ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ 'ଶ୍ରୀ ସତ୍ୟସାଇ ପ୍ରେମ ତରୁ କାର୍ଯ୍ୟକ୍ରମ'କୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ କଳିଙ୍ଗଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ଏହି ଅଭିଯାନରେ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ୨୩ ନଭେମ୍ବର ୨୦୨୫ ସୁଦ୍ଧା ସାରା ଦେଶରେ କୋଟିଏ ଏବଂ ଓଡ଼ିଶାରେ ୧୦ଲକ୍ଷ ଚାରାରୋପଣ କରାଯିବ। ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ଅଧ୍ୟକ୍ଷ କ୍ରିଷ୍ଣା ଯଷ୍ଟି, ଶ୍ରୀସତ୍ୟସାଇ ସେବା ସଙ୍ଗଠନର ପୂର୍ବ ମଣ୍ଡଳ ଅଧ୍ୟକ୍ଷ ନାରାୟଣ ପ୍ରସାଦ ସର, ରାଜ୍ୟ ସଭାପତି ଡ. ସତ୍ୟସ୍ୱରୂପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। (ଫଟୋ: ବିକାଶ ନାୟକ)

# ଡିଭାଇଡର ଭାଙ୍ଗି କାର୍‌କୁ ଧକ୍କା ଦେଲା ଟ୍ରକ୍

ବାରଙ୍ଗ,୧୯।୭(ଲିଙ୍ଗରାଜ ରାଉତ)

### ମହିଳା ମୃତ, ୫ ଆହତ

ବୁଧବାର ଚନ୍ଦକା-ପିତାପଲି ରାସ୍ତାର ବଟାନିକାଲ ଗାର୍ଡେନ ପଛପଟ ଫାଟକ ପାଖ ମୁଖ୍ୟରାସ୍ତାରେ ଗୋଟିଏ ଟ୍ରକର ଡିଭାଇଡର ଭାଙ୍ଗି ଏକ କାର୍ ସହ ମୁହାଁମୁହିଁ ଧକ୍କା ହେବାରେ କାରରେ ଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, ଅପରାହ୍ନରେ ଓଡି ୩୪ ଏନ-୪୪୩୪ ନମ୍ବର କାର୍ ଯୋଗେ ଯାଜପୁର ଅଞ୍ଚଳର ଜଣେ ବ୍ୟକ୍ତି ସମ୍ ହସ୍ପିଟାଲରୁ ସମ୍ପର୍କୀୟଙ୍କୁ ଭେଟି ଚନ୍ଦକା ରାସ୍ତାଦେଇ ଫେରୁଥିଲେ। କାର୍‌ଟି ବଟାନିକାଲ ଗାର୍ଡେନ ପାଖରେ ପହଞ୍ଚିଥିବାବେଳେ ସାମ୍ନାପଟରୁ ଓ ୦୨-ସିସି-୫୯୩୬ନମ୍ବର ଟ୍ରକଟି ଦ୍ରୁତଗତିରେ ରାସ୍ତା ମଝିରେ ଥିବା ଡିଭାଇଡର ଭାଙ୍ଗି ଆସି କାର୍‌ଟିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ କାର୍ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ଓ ଅନ୍ୟ ୪ଜଣ ଆହତ ହୋଇଥିଲେ। ଖବରପାଇ ପୋଲିସ ଆସି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ଅଟକ ରଖିଛି। ଟ୍ରକ ମିରରରେ ଲାଗିଥିବା ପତାକା ସାମ୍ନା କାଚକୁ ପଳାଇଆସିବାରୁ ଚାଳକଙ୍କୁ ଦେଖାଯାଇ ନଥିଲା। ଗାଡିଟି ଦ୍ରୁତଗତିରେ ଥିବାରୁ ନିୟନ୍ତ୍ରଣ ହରାଇ ଡିଭାଇଡର ଭାଙ୍ଗି ଆରପଟକୁ ଯାଇ କାର୍‌ଟିକୁ ପିଟିଥିଲା ବୋଲି ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି।

# ରାଜଧାନୀରୁ ଗିରଫ ହେଲେ ମୁମ୍ବାଇ ଯୁବତୀ

ଭୁବନେଶ୍ୱର,୧୯।୭(ସତ୍ୟଜିତ୍ ରାଉତ)

### ୧୦୦ କୋଟି ଲୋନ୍ ପାଇଁ ୮୯ ଲକ୍ଷ ଠକେଇ

ଏକ ଘରୋଇ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ ୧୦୦ କୋଟି ଲୋନ୍ ଦେବା ବାହାନାରେ ୮୯ ଲକ୍ଷ ଠକେଇ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଭୁବନେଶ୍ୱରରୁ ଜଣେ ଯୁବତୀଙ୍କୁ ଗିରଫ କରିଛି। ସେ ହେଲେ ମହାରାଷ୍ଟ୍ର ଥାଣେ ଥାନା ଅଞ୍ଚଳର ତେଜିନ୍ଦର କୌର୍ (୪୨)। ତାଙ୍କୁ ବୁଧବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତା ତେଜିନ୍ଦର ସୁରଟସ୍ଥିତ ଏକ ଫାଇନାନ୍ସ କମ୍ପାନୀରେ କାମ କରନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

ସୂଚନା ଅନୁଯାୟୀ, ଅଶୋକ କୁମାର କଲସ ରୁଟେଜ ଇମ୍ପୋର୍ଟ ଆଣ୍ଡ୍ ଏକ୍ସପୋର୍ଟ ପ୍ରାଇଭେଟ ଲିଃର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ଜଣେ କମ୍ପାନୀ କର୍ମଚାରୀଙ୍କ ଜରିଆରେ ତେଜିନ୍ଦରଙ୍କ ସହ ଅଶୋକଙ୍କର ପରିଚୟ ହୋଇଥିଲା। ସେ କାମ କରୁଥିବା ଫାଇନାନ୍ସ କମ୍ପାନୀରୁ ୧୦୦ କୋଟିର ଲୋନ୍ ଦେଇପାରିବେ ବୋଲି ଅଶୋକଙ୍କୁ ତେଜିନ୍ଦର କହିଥିଲେ। ତେଜିନ୍ଦରଙ୍କ କହିବା ଅନୁଯାୟୀ, ଜୁନ ୨୯ରେ ପ୍ରଥମ ପ୍ରୋସେସିଂ ଫି ବାବଦକୁ ୨ ଲକ୍ଷ ଟଙ୍କା ଅଶୋକ ପଠାଇଥିଲେ। ଜୁଲାଇ ୧ରେ ସେ ଭୁବନେଶ୍ୱର ଆସି ଅଶୋକଙ୍କୁ ଭେଟିଥିଲେ। ପରେ ଜୁଲାଇ ୭ରେ ତେଜିନ୍ଦର ପୁଣି ଭୁବନେଶ୍ୱର ଆସି ଡକ୍ୟୁମେଣ୍ଟ କାମ ସାରି ପାରାଦୀପ ଅଫିସ ମଧ ଯାଇଥିଲେ। ଜୁଲାଇ ୮ରେ ବାକି ପ୍ରୋସେସିଂ ଫି' ବାବଦକୁ ଆଉ ୨ ଲକ୍ଷ ଟଙ୍କା ନେଇଥିଲେ। ତେଜିନ୍ଦର ଖଣ୍ଡଗିରି ଥାନା ଅଞ୍ଚଳର ଏକ ହୋଟେଲରେ ରହୁଥିଲେ। ତେବେ ଷ୍ଟାମ୍ପ ଡ୍ୟୁଟି ପାଇଁ ୮୫ ଲକ୍ଷ ଟଙ୍କା ଦିନେଶ ନାମକ ଚେନ୍ନାଇର ଜଣେ ଦୋକାନ ମାଲିକଙ୍କୁ ଦେବା ପାଇଁ ଅଶୋକଙ୍କ ଉପରେ ତେଜିନ୍ଦର ଚାପ ପକାଇଥିଲେ। ଏହି ଟଙ୍କା ଦେଲା ପରେ ଲୋନ ଟଙ୍କା ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟଙ୍କା ପଠାଇବା ପରେ ମଧ ଅଶୋକ ଲୋନ ପାଇ ନ ଥିଲେ। ଏପରିକି ଅଭିଯୁକ୍ତା ତେଜିନ୍ଦର ତାଙ୍କ ଫୋନ୍ ସୁଇଚ୍‌ଅଫ୍ କରିଦେଇଥିଲେ। ଏନେଇ ଅଶୋକ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ପୋଲିସ ଏକ ମାମଲା (ନଂ.୩୦୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେଜିନ୍ଦର ମଙ୍ଗଳବାର ମୁମ୍ବାଇ ପଳାଉଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା।

# 'ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା ନ ଗଲେ ଆନ୍ଦୋଳନ'

ପୁରୀ, ୧୯।୭(ଅଜିତ୍ ମହାନ୍ତି)

କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁଙ୍କୁ ଛଡ଼ାଯାଉଛି। ଫଳରେ ଭିଡ଼ ହେବା ସହ ଅନେକ ସମସ୍ୟା ଉପୁଜୁଛି। ଶ୍ରଦ୍ଧାଳୁ ହଇରାଣ ହେଉଛନ୍ତି। ତେଣୁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବାକୁ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଦାବି କରିଛନ୍ତି। ବୁଧବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ପ୍ରସଙ୍ଗରେ ବିଧାୟକ ଷଡ଼ଙ୍ଗୀ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ ନ ଥିବାରୁ ପୁରୀରେ ଜନଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଚାରିଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପ୍ରସ୍ଥାନ କରୁଥିଲେ। ମାତ୍ର ମହାମାରୀ କରୋନା ପରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ ଲାଗି ପ୍ରଶାସନ ଅନୁମତି ଦେଇଛି, ଯାହା ଆଜିପର୍ଯ୍ୟନ୍ତ ଜାରି ରହିଛି। ଏହା ଠିକ୍ ନୁହେଁ। କରୋନା ମହାମାରୀ କେବେଠୁ ଚାଲିଗଲାଣି। ରଥଯାତ୍ରା ସମନ୍ୱୟ ବୈଠକରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପ୍ରସଙ୍ଗ ବାରମ୍ବାର ଉଠାଯାଇଛି। ଏପରିକି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରଥଯାତ୍ରା ପରେ ଖୋଲିବା ନେଇ ବିଚାର କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ରଥଯାତ୍ରା ପରେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଭକ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଚାରିଦ୍ୱାର ଖୋଲାଯାଉ। ନଚେତ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବା ସହ ଶ୍ରୀମନ୍ଦିର ସମ୍ମୁଖରେ ଗଣଧାରଣା ଦିଆଯିବ। ଯଦି ପ୍ରଶାସନ ନ ଶୁଣିବ ତେବେ ବିଧାନସଭାରେ ସେ ଏହି ପ୍ରସଙ୍ଗ ଉଠାଇବେ ବୋଲି ଷଡ଼ଙ୍ଗୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ ଓ ସିଂହଦ୍ୱାର ମଣ୍ଡଳ ସଭାପତି ରବି ନାରାୟଣ ଦାସ ପ୍ରମୁଖ ଥିଲେ। ପରେ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ସମର୍ଥ ବର୍ମାଙ୍କୁ ଏନେଇ ଦାବିପତ୍ର ଦେଇଥିଲେ। ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ଓ ଦକ୍ଷିଣ ଦ୍ୱାର ଖୋଲାଯିବା ନେଇ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତର ଦ୍ୱାର ଦେଇ ମହାପ୍ରସାଦ ଆଣିବାକୁ ଭକ୍ତଙ୍କୁ ଅନୁମତି ଦେବାକୁ ଦାବି କରାଯାଇଥିବା ଷଡ଼ଙ୍ଗୀ କହିଛନ୍ତି।



ଜିଲାପାଳଙ୍କ ସହିତ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଡୁଗୁଲ୍
ପରିବାରବର୍ଗ


ଧର୍ମେନ୍ଦ୍ର
ପରିବାରବର୍ଗ


ସଂହତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିକ୍ସଡ ଟିମ୍ ସ୍କିଟ୍‌ରେ ଭାରତକୁ ରୌପ୍ୟ

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ଦକ୍ଷିଣ କୋରିଆର ଚାଙ୍ଗଓନ୍‌ରେ ଅନୁଷ୍ଠିତ ଜୁନିୟର ଶୁଟିଂ ବିଶ୍ୱକପର ମିକ୍ସଡ୍ ଟିମ୍ ସ୍କିଟ୍ ଇଭେଣ୍ଟରେ ଭାରତର ହରମେହେର ସିଂ ଲାଲି ଓ ସଞ୍ଜନା ସୁଦଙ୍କୁ ରୌପ୍ୟ ପଦକ। ୫୨ ରାଉଣ୍ଡର ଶୁଟ୍ ଅଫ୍‌କୁ ୨୬-୨୪ରେ ଜିତି ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଯୋଡି ଫାଇନାଲରେ ଇଟାଲୀର ଆଣ୍ଡ୍ରେଆ ଗାଲାର୍ଡିନି ଓ ସାରା ବୋଙ୍ଗିନିଙ୍କ ନିକଟରୁ ୩୮-୪୩ରେ ପରାଜିତ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଯୋଡି ୧୪୦ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଆମେରିକାର ବେଞ୍ଜାମିନ କେଲର ଓ ଜେସି ଗ୍ରିଫିନଙ୍କ ଯୋଡି ୧୪୧ ପଏଣ୍ଟ ସ୍କୋର କରିଥିଲେ। ସେମି ଫାଇନାଲରେ ଆମେରିକୀୟ ଯୋଡିଙ୍କୁ କଡା ସଂଘର୍ଷ ପୂର୍ଣ୍ଣ ୨୬-୨୪ରେ ପରାସ୍ତ କରିଥିଲେ ହରମେହେର-ସଞ୍ଜନା। ପ୍ରଥମ ୨୪ ରାଉଣ୍ଡ ସୁଦ୍ଧା ଉଭୟ ଦଳ ଗୋଟିଏ ବି ଶଟ୍ ମିସ୍ କରି ନଥିଲେ।

# ହରିୟାଣାରେ ବିରୋଧ

**ହିସାର, ୧୯।୭(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ)ର ଆଡ୍‌ହକ ପ୍ୟାନେଲର ପକ୍ଷପାତପୂର୍ଣ୍ଣ ଟ୍ରାଏଲ ବିପକ୍ଷରେ ହରିୟାଣାର ହିସାରରେ ପ୍ରତିବାଦ ଦେଖିବାକୁ ମିଳିଛି। ଜୁନିୟର ବିଶ୍ୱ ଚାମ୍ପିୟନ ଅନ୍ତିମ ପଙ୍ଘାଲଙ୍କ ସମେତ ଏକାଧିକ ରେସ୍‌ଲର ଭିନେଶ ଓ ବଜରଙ୍ଗଙ୍କ ସିଧାସଳଖ ଏଣ୍ଟ୍ରିକୁ ବିରୋଧ କରିଥିଲେ। ଏହାବ୍ୟତୀତ ବଜରଙ୍ଗଙ୍କ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଶାଳ କାଳିରମଣଙ୍କ ପରିବାର ମଧ୍ୟ ଏହି ବିରୋଧ ପ୍ରଦର୍ଶନରେ ସାମିଲ ହୋଇଥିଲେ। ହିସାରସ୍ଥିତ ଛୋଟୁରାମ ଚୌକରେ ଏହି ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏହାବ୍ୟତୀତ ବାବା ଲାଲଦାସ ଆଖଡା ଓ ନୂଆଦିଲ୍ଲୀସ୍ଥିତ ଛତ୍ରସାଲ ଷ୍ଟାଡିୟମର ରେସ୍‌ଲରମାନେ ଏହି ପ୍ରତିବାଦରେ ନିଜକୁ ସାମିଲ କରିଥିଲେ। ଆଡ୍‌ହକ ପ୍ୟାନେଲ ନିଜ ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଧାରଣା ଦେବୁ ବୋଲି ଅନ୍ତିମଙ୍କ କୋଚ୍ ଲିଲି ସିଥାଇ କହିଛନ୍ତି।


## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ତନ୍ମୟ କୁମାର ମହାରଣା (ଡୁଗୁଲୁ)**

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ ସର୍ବଦା କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଜେଜେମା, ଜେଜେବାବା, ଆଈ, ଅଜା, ଦାଦା, ଖୁଡ଼ୀ, ବାବା, ମାମା, ମାମୁ, ମାଇଁ, ବବ୍‌ଲି, ଗୁଗୁଲୁ ଏବଂ ପରିବାର ସହିତ ବନ୍ଧୁବର୍ଗ।

ଧ-୦୮୪୩


# ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅନ୍ତିମ, ସୁଜିତ

**ନୂଆଦିଲ୍ଲୀ, ୧୯।୭(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ)ର ଆଡ୍‌ହକ ପ୍ୟାନେଲ ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ୍‌ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଯୋଗ୍ୟତା ମିଳିବାକୁ ନେଇ ବିରୋଧ ଆରମ୍ଭ ହୋଇଯାଇଛି। ଟ୍ରାଏଲ୍ସରେ ପକ୍ଷପାତିତାର ଅଭିଯୋଗ କରି ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ରେସ୍‌ଲର ଅନ୍ତିମ ପଙ୍ଘାଲ ଓ ସୁଜିତ କଲକଲ। ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଉଭୟ ରେସ୍‌ଲରଙ୍କ ଯାଚିକା ସ୍ୱୀକାର କରିଥିବା ବେଳେ ଗୁରୁବାର ମାମଲାର ଶୁଣାଣି କରାଯିବ। ପୁରୁଷ ଫ୍ରିଷ୍ଟାଇଲ ୬୫କେଜି ଏବଂ ମହିଳା ୫୩କେଜି ଓଜନ ବର୍ଗରେ ଯଥାକ୍ରମେ ବଜରଙ୍ଗ ଓ ଭିନେଶଙ୍କୁ ଚୟନ କରାଯାଇଛି। ତେବେ ଜାତୀୟ କୋଚ୍‌ମାନଙ୍କ ବିନା ପରାମର୍ଶରେ ଏଭଳି ନାମ ଘୋଷଣା ଅବୈଧ ବୋଲି କହିବା ସହ ଏକ ପକ୍ଷପାତବିହୀନ ଟ୍ରାଏଲ ପାଇଁ ଉଭୟ ରେସ୍‌ଲର ନିଜ ଯାଚିକାରେ ଉଲ୍ଲେଖ କରିଛନ୍ତି।

ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା ସମୟରେ ଜୁନିୟର ରେସ୍‌ଲରମାନଙ୍କ ହକ୍ ପାଇଁ ଲଢେଇ କରୁଛନ୍ତି ବୋଲି ବଜରଙ୍ଗ ଓ ଭିନେଶ କହୁଥିଲେ। ମାତ୍ର ବର୍ତ୍ତମାନ ଉଭୟଙ୍କ ପାଇଁ ଯୁବ ଖେଳାଳିମାନଙ୍କୁ ସୁଯୋଗ ମିଳୁନାହିଁ ବୋଲି ସୁଜିତଙ୍କ ପିତା ଦୟାନନ୍ଦ କହିଛନ୍ତି। ଆନ୍ଦୋଳନ ଆରମ୍ଭରୁ ଟ୍ରାଏଲରୁ ମୁକ୍ତି ଏହି ଖେଳାଳିଙ୍କ ଲକ୍ଷ୍ୟ ରହିଥିଲା। ବର୍ତ୍ତମାନ ଏହି ଖେଳାଳିମାନଙ୍କ ଲକ୍ଷ୍ୟ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ଦୟାନନ୍ଦ କହିଛନ୍ତି। ଉଭୟ ବଜରଙ୍ଗ ଓ ଭିନେଶ ପ୍ରତିଷ୍ଠିତ ଖେଳାଳି। ତେଣୁ ଯୁବ ଖେଳାଳିମାନଙ୍କୁ ପରାସ୍ତ କରି ଯୋଗ୍ୟତା ହାସଲ କରନ୍ତୁ ବୋଲି କହିଛନ୍ତି ଦୟାନନ୍ଦ। ଉଲ୍ଲେଖଯୋଗ୍ୟ ଯେ, ଗ୍ରୀକୋ-ରୋମାନ ଏବଂ ମହିଳା ଫ୍ରିଷ୍ଟାଇଲ ଟ୍ରାଏଲ୍ସ ଜୁଲାଇ ୨୨ରେ ଏବଂ ପୁରୁଷ ଫ୍ରିଷ୍ଟାଇଲ ଟ୍ରାଏଲ୍ସ ଜୁଲାଇ ୨୩ରେ ନୂଆଦିଲ୍ଲୀ ସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ୧୯ ବର୍ଷୀୟ ଅନ୍ତିମ ଓ ୨୧ ବର୍ଷୀୟ ସୁଜିତ ନିଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଭିଡିଓ ଶେୟାର କରି ଆଡ୍‌ହକ ପ୍ୟାନେଲର ପକ୍ଷପାତିତାକୁ ବିରୋଧ କରିଥିଲେ। ଅନ୍ତିମ କହିଥିଲେ, ଅତୀତରେ ମୁଁ ୩ ଥର ଭିନେଶଙ୍କୁ ହରାଇଛି। ତେଣୁ ମୋତେ ଉପଯୁକ୍ତ ସୁଯୋଗ ମିଳିବା ଆବଶ୍ୟକ।



ଅନ୍ତିମ ପଙ୍ଘାଲ

### ବଜରଙ୍ଗ, ଭିନେଶଙ୍କୁ ସିଧାସଳଖ ଯୋଗ୍ୟତା


## OFFICE OF THE EXECUTIVE ENGINEER
## LIFT IRRIGATION DIVISION, BARGARH
E-mail: eeolicbgh@gmail.com

### TENDER CALL NOTICE FOR HIRING OF VEHICLE

No. 1762 Date: 18.07.2023

No. CAD-1343: Sealed tenders are invited from interested reputed Travel Agencies / Tour Operators / Private Individuals for providing 02 (One) No. Non A/C Diesel driven vehicle (Bolero) which shall not ordinarily be more than 5 years old from the date of initial registration and shall confirm to the terms and conditions for official use of various offices under the Executive Engineer, L.I. Division, Bargarh on monthly rent basis. The tender schedule containing General Bid Information & Terms and Conditions for Hiring of Vehicles etc. will be available with Office of the Executive Engineer, L.I. Division, Bargarh on payment of Rs.500/- in shape of Demand Draft (DD) drawn in favour of Executive Engineer, L.I. Division, Bargarh from 21.07.2023 to 29.07.2023 during office hours. The tenders completed in all respect should be submitted to the Office of the Executive Engineer, L.I. Division, Bargarh-768028 on 29.07.2023 by 12.00 Noon and shall be opened on the same day at 01.00 PM.

1. 01 No. Vehicle for Assistant Engineer, L.I. Sub-Division, Sohela

OIPR-32509/11/0002/2324 Sd./- Executive Engineer, L.I. Division, Bargarh



## TPCODL
### TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022, Odisha

**NOTICE INVITING TENDER**

NIT No: TPCODL/P&S/NIT/23-24/ 11

Bids are invited from eligible Bidders for the following tenders of Odisha Discoms, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender description |
|---|---|---|
| 1 | TPCODL / CCG / 23-24 / 023 | Two Year RC for Single Phase & Three Phase Meter Installation and Associated Activities for TPNODL |
| 2 | TPCODL / CCG / 23-24 / 027 | RC for Supply of ISOLATOR 33KV 1250A at TPCODL, TPWODL&TPNODL |
| 3 | TPCODL / CCG / 23-24 / 028 | RC for SITC of Server, Storage, Tape Library & Red Hat Licenses at TPCODL / TPWODL / TPNODL / TPSODL. |
| 4 | TPCODL / CCG / 23-24 / 029 | RC for SITC of Integrated Communication Network at TPCODL/ TPWODL / TPNODL / TPSODL. |
| 5 | TPCODL / CCG / 23-24 / 030 | RC for supply of 11 KV & 33 KV Outdoor VCBs at TPCODL & TPWODL |
| 6 | TPCODL / CCG / 23-24 / 031 | RC for Supply of MCCB at TPCODL, TPNODL and TPSODL |
| 7 | TPCODL/P&S/1000000399/23-24 | RC for supply of 11 kV AB switch (400 A & 200 A) Male Female Contacts Assembly and Fourth Bearing- Horizontal Type at TPCODL |
| 8 | TPCODL/P&S/1000000400/23-24 | Bill Printing Services for TPCODL for 2 Years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website https://www.tpcentralodisha.com. All tenders will be available on TPCODL website w.e.f. from dtd. 20.07.2023. Future communication / corrigendum to tender documents, if any, shall be available on TPCODL website.



## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିଜୟ ମହାନ୍ତି**

ତିରୋଧାନ : ୨୦।୦୭।୨୦୨୦
(ଚିତାଲାଗି ଅମାବାସ୍ୟା)

ଆଜି ତୁମର ପୁଣ୍ୟ ତିଥିରେ ସପରିବାର ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।

ପତ୍ନୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।

ଧ-୦୮୩୦


# ଆଜି ବିଶ୍ୱ ଚେସ୍ ଦିବସ

ପ୍ରତି ବର୍ଷର ଜୁଲାଇ ୨୦ ତାରିଖକୁ ବିଶ୍ୱ ଚେସ୍ ଦିବସ ଭାବରେ ପାଳନ କରାଯାଏ। ବୁଦ୍ଧିମାନ ଲୋକଙ୍କ ଖେଳ ଭାବରେ ପରିଚିତ ଏହି ଖେଳ ଦୁଇ ଜଣ ଖେଳାଳିଙ୍କ ମଧ୍ୟରେ ଖେଳାଯାଏ। ଚେସ୍ ଖେଳର ଇତିହାସ ୧୫୦୦ ବର୍ଷରୁ ଅଧିକ ପୁରୁଣା ହୋଇଥିଲେ ମଧ୍ୟ ଜୁଲାଇ ୨୦, ୧୯୨୪ରେ ପ୍ରଥମେ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ୍(ଫିଡେ) ସ୍ଥାପନ କରାଯାଇଥିଲା। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତ୍ୟେକ ବର୍ଷ ବିଶ୍ୱ ଚେସ୍ ଦିବସ ପାଳନ କରାଯାଏ। ସମଗ୍ର ବିଶ୍ୱରେ ଚେସ୍‌କୁ ନେଇ ସଚେତନତା ସୃଷ୍ଟି କରିବା ଓ ଏହାର ଫାଇଦା ଜଣାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।



**ଇତିହାସ:** ଏହାର ଇତିହାସ ଅନେକ ପୁରୁଣା। ଏହାକୁ ନେଇ ଭିନ୍ନ ଭିନ୍ନ କାହାଣୀ ମଧ୍ୟ ରହିଛି। ଖ୍ରୀଷ୍ଟାବ୍ଦ ୩୧୯-୫୪୩ ମଧ୍ୟରେ ଉତ୍ତର ଭାରତରେ ଗୁପ୍ତ ସାମ୍ରାଜ୍ୟ ଦ୍ୱାରା ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ ଚତୁରଙ୍ଗ ରହିଥିଲା। ସିଲ୍କ ରୋଡ ମାଧ୍ୟମରେ ଏହା ପର୍ସିଆରେ ପହଞ୍ଚିବା ପରେ ଏହାର ନାମକରଣ ଚେସ୍ ହୋଇଥିଲା। ଇତିହାସକାରଙ୍କ ଅନୁସାରେ ଜଣେ ଭାରତୀୟ ରାଷ୍ଟ୍ରଦୂତ ପର୍ସିଆ ଗସ୍ତ ସମୟରେ ରାଜା ଖର୍ସୋ(୫୩୧-୫୭୯ ଖ୍ରୀଷ୍ଟାବ୍ଦ)ଙ୍କୁ ଏକ ଚତୁରଙ୍ଗ ବୋର୍ଡ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ପର୍ସିଆରେ ଲୋକପ୍ରିୟତା ହାସଲ କରିବା ସହ ୟୁରୋପରେ ପହଞ୍ଚିଥିଲା। ଅଲ୍ ସୁଲି ଓ ଅଲ୍ ଲାଜଲାଜ ନାମକ ଦୁଇ ଜଣ ବ୍ୟକ୍ତି ଏହି ଖେଳର ନିୟମ ନିର୍ଦ୍ଧାରଣ କରିଥିବା ବେଳେ ୯୦୦-୧୦୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ୟୁରୋପରେ ପହଞ୍ଚିଥିଲା। ୟୁରୋପ ମଧ୍ୟଦେଇ ଏହି ଖେଳ ରୁଷିଆରେ ପହଞ୍ଚିଥିଲା। ୧୯୨୪ ପର୍ଯ୍ୟନ୍ତ ଏହି ଖେଳଟି ଅଣ ସଂଗଠିତ ରହିଥିବା ବେଳେ ଜୁଲାଇ ୨୦ ତାରିଖରେ ପ୍ୟାରିସ୍‌ରେ ଫିଡେ ସ୍ଥାପନ କରାଯାଇଥିଲା। ୧୨ ଡିସେମ୍ବର ୨୦୧୮ରେ ଫିଡେ ସାଧାରଣ ପରିଷଦ ପକ୍ଷରୁ ବିଶ୍ୱ ଚେସ୍ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଶ୍ୱର ୬୦୦ ମିଲିୟନ ଚେସ୍ ଖେଳାଳି ଚଳିତ ବର୍ଷ ଏହି ଦିବସରେ ସାମିଲ ହେବେ।

**ଚଳିତ ବର୍ଷର ଲକ୍ଷ୍ୟ:** ନିଜ ବନ୍ଧୁ ପରିଜନଙ୍କ ସହ ଅନ୍ୟୁନ ଗୋଟିଏ ଚେସ୍ ଗେମ୍ ଖେଳନ୍ତୁ। କୌଣସି ଚେସ୍ ଟୁର୍ନାମେଣ୍ଟ ଦେଖିବାକୁ ଚେଷ୍ଟା କରନ୍ତୁ।

ଏକ ଚେସ୍ କ୍ଲବ୍‌ରେ ଯୋଗ ଦିଅନ୍ତୁ। ଖେଳ ସମ୍ପର୍କରେ ଆପଣଙ୍କ ଜ୍ଞାନ ବୃଦ୍ଧିରେ ଏହା ବେଶ୍ ସହାୟକ ହେବ।

କୌଣସି ଚେସ୍ ଟୁର୍ନାମେଣ୍ଟରେ ଭଲ୍ୟୁଣ୍ଟିୟର ଭାବେ ଯୋଗ ଦିଅନ୍ତୁ ଅଥବା ବିଶ୍ୱର ଭିନ୍ନ ଭିନ୍ନ ପ୍ରାନ୍ତରେ ଥିବା ଖେଳାଳିଙ୍କ ସହ ଚେସ୍‌ର ଗୋଟିଏ ଗେମ୍ ଖେଳନ୍ତୁ।


# Classified Everyday 0674-2580101, 2549949




**SALE**

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30" ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

ଫୁଲନଖରା ତ୍ରିନାଥବଜାର ନିକଟରେ 11,00,000/- ଘରବାରି ପ୍ଲଟ୍ Electricity ସହିତ ନେଇ ଘରକରନ୍ତୁ- 9776846520. D-74892

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି। 7978676652. D-74889

ଭୁବନେଶ୍ୱର ବାଲିଅନ୍ତାରେ **30ft road, ଇଲେକ୍ଟ୍ରିସିଟି** ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




04 BHK Four Flats Suitable Office Guestroom Hostel Residential Hi-tech Sundarpada-8093199489. D-0749




Newly open SPA positively health benefits with expert therapist. 9040286886. D-75130

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Newly opened (one 8 SPA)/(Salon Service) with export therapist. 9938843929. D-75131

Spa Kerala body Massage only best Therapist @699/- Bhubaneswar. 9337672475. D-0854

**AFFIDAVIT**

By virtue of an affidavit before the Notary Public, Nuapada, I, Brahma Bhoi, R/o. Village- Palasipani (Banjibahal), P.O.- Silva, Dist.- Nuapada declare that my Mother's actual name is Khira Bhoi and her DOB 11.03.1950. But in my service document her name has been wrongly entered as Khara Bhoi and her DOB wrongly entered as 01.07.1961. That above both the names belongs to one and same person. D-0862

By an affidavit before Notary Public, Cuttack, dt.- 19.07.2023 I, Sulochana Sahoo of Paikapadapatna, P.O./ P.S.- Narasinghpur, Dist.- Cuttack declared that I have changed my name from Anitaraj Sahoo to Sulochana Sahoo. Henceforth I shall be known as Sulochana Sahoo for all purposes. D-0863

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

Notice u/ 05 rule 20 CPC

ଜିଲ୍ଲା : କଟକ
D. F: 25.08.2023
କଟକ ମୁକାମ ପ୍ରଥମ ଆଡିସନାଲ ସିଭିଲ ଜଜ୍
Case No. 268/ 2020
ମିନାକ୍ଷୀ ସିଂହ .....ବାଦୀ
ବନାମ
ମନୋରଞ୍ଜନ ରଥ ଓଗେର ....ପ୍ରତିବାଦୀ

3.- ଶ୍ରୀମତୀ ଯେମାମଣି ହାଇବ୍ରୁ, ପି: ପଲାଉ ମୁଣ୍ଡା, 4- ହରିଚରଣ ହାଇବ୍ରୁ, ପି: ପଲାଉ ମୁଣ୍ଡା, ସା/ପୋ: ଗୋବରଘାଟ ସାମିଲ ମଧୁବନ, ଥାନା: କଳିଙ୍ଗନଗର, ଜି: ଯାଜପୁର

ଏହିକି ବାଦୀ ମିନାକ୍ଷୀ ସିଂହ ଆପଣମାନଙ୍କ ସହ ଅନ୍ୟ ପ୍ରତିବାଦୀ ମାନଙ୍କ ନାମରେ ଇଜମେଣ୍ଟାରି ରାଇଟ ଦାବିକରି ଉପରୋକ୍ତ ମକଦ୍ଦମା ଦାଏର କରିଥିବାରୁ ତହିଁର ତାରିଖ ଆସନ୍ତା ତା25.08.2023 ରିଖକୁ ଧାର୍ଯ୍ୟ ଅଛି। ଆପଣମାନେ ଉକ୍ତ ତାରିଖରେ ଦିବା 10.30 ଘଣ୍ଟା ସମୟେ ହାଜର ହୋଇ ମକଦ୍ଦମାରେ ତଦପିର କରିବେ କି ଜବାବ ଦାଖଲ କରିବେ। ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ କାର୍ଯ୍ୟ କରାଯିବ।

ଆମର ସ୍ୱାକ୍ଷର ଅତ୍ର ଅଦାଲତରେ ମୋହର ଯୁକ୍ତ ହୋଇ ତା10.07.23 ରିଖେ ଦିଆଗଲା।

ସ୍ୱାକ୍ଷର ସିନିୟର ସିଭିଲ ଜଜ୍ ପ୍ରଥମ ଆଡିସନାଲ କୋର୍ଟ, କଟକ

ଧ-୦୮୬୦


# ଆକାଶ, ଚନ୍ଦନ ହ୍ୟାଣ୍ଡବଲ କୋଚ୍



ଆକାଶ କୁମାର ପଟ୍ଟନାୟକ ଓ ଚନ୍ଦନ କୁମାର।

**ଭୁବନେଶ୍ୱର, ୧୯।୭**

ରାଜ୍ୟର ଦୁଇ ସୁନାମଧନ୍ୟ ହ୍ୟାଣ୍ଡବଲ ଖେଳାଳି ଚନ୍ଦନ କୁମାର ଏବଂ ଆକାଶ କୁମାର ପଟ୍ଟନାୟକ ପ୍ରଶିକ୍ଷକ ହୋଇଛନ୍ତି। ପଞ୍ଜାବର ପଟିଆଲାଠାରେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଗତ ମେ' ଓ ଜୁନ (୪୫ ଦିନ)ରେ ୬ ସପ୍ତାହର ସାର୍ଟିଫିକେଟ୍ କୋର୍ସ ଅନୁଷ୍ଠିତ ହୋଇଥିଲା। ଆକାଶ କୁମାର ନାୟକ ଗ୍ରେଡ୍ ଏ' ଏବଂ ଚନ୍ଦନ କୁମାର ଗ୍ରେଡ୍ ବି'ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନଆଇଏସ୍ ମୁଖ୍ୟ କୋଚ ଅନୁପ ସିଂ କଶୱାନ ଓ ରାକେଶ ସୋଲାଙ୍କି ସାର୍ଟିଫିକେଟ୍ କୋର୍ସ ପାଠ୍ୟକ୍ରମ ପରିଚାଳନା କରିଥିଲେ। ଆକାଶ ହ୍ୟାଣ୍ଡବଲ ଅନ୍ତର୍ଜାତୀୟ ଖେଳାଳି ଓ ଚନ୍ଦନ ଜାତୀୟ ଖେଳାଳି। ଦୁହେଁ ପୁରୀ ଜିଲ୍ଲାର। ଉଭୟଙ୍କ ସଫଳତା ପାଇଁ ପୁରୀ ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ତଥା ରାଜ୍ୟ ହ୍ୟାଣ୍ଡବଲ ସଂଘର କୋଷାଧ୍ୟକ୍ଷ ଶୀତେନ୍ଦ୍ର ନାଥ ଦାସ, ସମ୍ପାଦକ ମାନସ ସିଂ ଓ ସଭାପତି ବିପ୍ଳବ ଚୌଧୁରୀ ଅଭିନନ୍ଦନ ଜଣାଇଛନ୍ତି।

### ଏନ୍‌ଆଇଏସ୍ ହ୍ୟାଣ୍ଡବଲ ସାର୍ଟିଫିକେଟ୍ କୋର୍ସରେ ଉତ୍ତୀର୍ଣ୍ଣ

# ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୧୯।୭:** ଏସିଆ କପ୍ କ୍ରିକେଟ ୨୦୨୩ର କାର୍ଯ୍ୟସୂଚୀ ବୁଧବାର ଚୂଡ଼ାନ୍ତ ହୋଇଛି। ଏହି ଟୁର୍ନାମେଣ୍ଟରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବା ବେଳେ ପାକିସ୍ତାନ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ଭାରତ ଗ୍ରୁପ୍ ଏରେ ପାକିସ୍ତାନ ଓ ନେପାଳ ସହିତ ସ୍ଥାନ ପାଇଥିବା ବେଳେ ଶ୍ରୀଲଙ୍କା ବାଂଲାଦେଶ ଓ ଆଫଗାନିସ୍ତାନ ଗ୍ରୁପ୍ ବିରେ ସ୍ଥାନ ପାଇଛନ୍ତି। ହାଇବ୍ରିଡ ମଡେଲରେ ଖେଳା ଯିବାକୁ ଥିବା ଏହି ଟୁର୍ନାମେଣ୍ଟର ୪ ମ୍ୟାଚ୍ ପାକିସ୍ତାନରେ ଓ ୯ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବ। ସେପ୍ଟେମ୍ବର ୨ରେ କାଣ୍ଡିରେ ପାକିସ୍ତାନ ବିପକ୍ଷରେ ଭାରତ ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ। ୪ ତାରିଖରେ ନେପାଳ ବିପକ୍ଷରେ ଖେଳିବ ଭାରତ।

# କେବଳ ଟେନ୍‌ସନ


ଜାହ୍ନବୀ

ବଲିଉଡ୍‌ରେ ଏବେ ବୋନି ତନୟା ଜାହ୍ନବୀ କପୁରଙ୍କୁ ନେଇ ଚର୍ଚ୍ଚା । ଶୁଣିବାକୁ ମିଳୁଛି ଯେ ସେ ଏକ ନୂଆ ସିନେମା ପାଇଁ ଟେନ୍‌ସନରେ ଅଛନ୍ତି । ହେଲେ ଏହାର କାରଣ କ'ଣ ଜାଣନ୍ତି ? ଆଲୋଚନା ହେଉଛି ଯେ ଏହି ଫିଲ୍ମ ପାଇଁ ଜାହ୍ନବୀ କୁଆଡ଼େ ୨ ଗୁଣା ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି । କେବଳ ସେତିକି ନୁହେଁ, ଏହି ଫିଲ୍ମରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ । ସେପଟେ ଯେତେବେଳେ ୨ ଗୁଣା ପାରିଶ୍ରମିକ ଡିମାଣ୍ଡ କରିବା କଥା ତାଙ୍କ କାନରେ ପଡ଼ିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି । ଏ ସମ୍ପର୍କରେ ଜାହ୍ନବୀ କହନ୍ତି, ''ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି । ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ । ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି । ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ । କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛନ୍ତି । ହେଲେ ତାହା ଆଦୌ ସତ ନୁହେଁ । ମୁଁ ଯେ ମୋର ରେମୁନରେଶନକୁ ଏକାଥରେ ଡବଲ କରିଦେବି– ଏକଥା କଦାପି ସମ୍ଭବ ନୁହେଁ ।'' ଅନ୍ୟପକ୍ଷରେ ଜାହ୍ନବୀ–ବରୁଣ ଧାୱନ ଅଭିନୀତ 'ବୱାଲ' ଚଳିତ ବର୍ଷ ଅକ୍ଟୋବର ୬ରେ ପରଦା ଉପରକୁ ଆସୁଛି ।

## ରିଲିଜ ଅପେକ୍ଷାରେ..

# ଉଦଣ୍ଡୀ ସୀତା

ଅବତାର ସିଂଙ୍କ ନିର୍ଦ୍ଦେଶନାରେ ଏବଂ ଉତ୍ତମ ମହାନ୍ତି, ଅପରାଜିତା ଏବଂ ରାଇମୋହନଙ୍କ ପରି ନାମୀ କଳାକାରଙ୍କ ବଳିଷ୍ଠ ଅଭିନୟରେ ଭରପୂର 'ଉଦଣ୍ଡୀ ସୀତା' ସେ ସମୟରେ ହିଟ୍ ସାବ୍ୟସ୍ତ ହୋଇଥିଲା । ଆଉ ଏବେ ସମାନ ଶୀର୍ଷକକୁ ନେଇ ପୁଣି ଥରେ ପ୍ରସ୍ତୁତ ହୋଇଛି ଏକ ଭିନ୍ନ ସ୍ୱାଦର ଓଡ଼ିଆ ଚିତ୍ର । ଏହାର କାହାଣୀ ରଚନା କରିବା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ । ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ । ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବଯାନୀ ଏବଂ ତାଙ୍କର ନାୟକ ଭାବରେ ଦେଖାଦେବେ ଶୁଭାଶିଷ । ଜଣେ ଚାଷୀର ସଂଘର୍ଷମୟ ଜୀବନୀକୁ ଆଧାରକରି କାହାଣୀ ରଚନା କରାଯାଇଛି । ବିଶେଷ ଭାବରେ ଚାଷୀ ଆତ୍ମହତ୍ୟା ଏବଂ ତାହାକୁ ନେଇ ଚାଲିଥିବା ରାଜନୀତିକୁ ନେଇ କଥାବସ୍ତୁ ଗତିକରିଛି । ଚିତ୍ରଟିରେ ସଂଯୋଜିତ ତଥା ତପୁ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜାପାନୀ । କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଜ୍ୟୋତିର୍ମୟୀ ଓ ଋତୁରାଜ ମହାନ୍ତି । ଚିତ୍ରୋତ୍ତୋଳନ ଦାୟିତ୍ୱ ତୁଲାଇଛନ୍ତି ଅକ୍ଷୟ କୁମାର ନାୟକ । ଏଥିରେ ମୁଖ୍ୟମନ୍ତ୍ରୀ ଭୂମିକାରେ ସମରେଶ ରାଉତରାୟଙ୍କୁ ଦେଖିବାକୁ ମିଳିବ । ଏମାନଙ୍କ ବ୍ୟତୀତ ଇଲୁ ବାନାର୍ଜୀ, ଶକ୍ତି ବରାଳ, ଅଙ୍କିତ, ଭବାନୀ, ଗୁଡ୍ଡୁ, ତୃପ୍ତି ସିହ୍ନା, ଚୌଧୁରୀ ବିକାଶ ଦାସ, ମିଲନ ଜୟସିଂହ, ଦେବସୂର୍ଯ୍ୟ ନାୟକ, ସୁଶାନ୍ତ ଦାଶ ମହାପାତ୍ର, ଶ୍ରୀକାନ୍ତ ଏବଂ ସ୍ୱର୍ଗତ ପିଣ୍ଟୁ ନନ୍ଦ ମଧ୍ୟ ଅଭିନୟ କରିଛନ୍ତି । ଏହାରର ପବ୍ଲିସିଟି ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ।


'ଉଦଣ୍ଡୀ ସୀତା' ଫିଲ୍ମରେ ଦେବଜାନୀ


ପୂଜା

# ହୋମ୍‌ସିକ୍ ପୂଜା

ଐତିହାସିକ ଫିଲ୍ମ 'ମହେଞ୍ଜୋଦାରୋ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗ୍‌ଡେ । ଚଳିତ ବର୍ଷ ତାଙ୍କ ଅଭିନୀତ 'କିସିକା ଭାଇ କିସିକା ଜାନ୍' ରିଲିଜ ହୋଇଥିଲା । କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ କରିବାରେ ବିଫଳ ହୋଇଥିଲା । ହେଲେ ଏନେଇ ଅନୁଶୋଚନା କରୁନାହାନ୍ତି ସେ । ବର୍ତ୍ତମାନ ଶୁଟିଂରୁ ତାଙ୍କୁ ସାମୟିକ ବ୍ରେକ୍ ମିଳିଛି । ତେଣୁ ଏହି ସମୟକୁ ସେ ପରିବାର ସହ କଟାଇବାକୁ ସ୍ଥିର କରିଛନ୍ତି । ଏ ନେଇ ପୂଜା କହନ୍ତି, ''ବର୍ତ୍ତମାନ କିଛି ସପ୍ତାହ ମୋତେ ବ୍ରେକ୍ ମିଳିଛି । ନୂଆ ସିନେମାର ଶୁଟିଂ ଆରମ୍ଭ ହେବା ପର୍ଯ୍ୟନ୍ତ ମୁଁ ମୋ ପରିବାର ସହ ରହିବି । କାରଣ ଗତ କିଛି ମାସ ହେବ ମୁଁ ସେମାନଙ୍କଠାରୁ ଦୂରରେ ଥିଲି । ଏହି ଲିଜ୍‌ର ସମୟ ଭିତରେ ଆଉ ଏକ ଯୋଜନା କରିଛି । ମୋ ସାଙ୍ଗମାନଙ୍କ ପାଇଁ ଏକ ଡିନର ପାର୍ଟିର ଆୟୋଜନ କରିବି । ତା'ସହ ମୋ ଆଗାମୀ ଫିଲ୍ମ ପାଇଁ ମଧ୍ୟ ପ୍ରସ୍ତୁତ ହେବି । ଆକ୍ଟିଂ ଲାଇନରେ ମୁଁ ସବୁବେଳେ ମାପିଚୁପି ଚାଲିଥାଏ । କାରଣ ତରବର ହେଲେ ତାହାର ପ୍ରଭାବ କ୍ୟାରିୟର ଉପରେ ପଡ଼ିବା ସମ୍ଭାବନା ରହିଛି । ମୋ କ୍ୟାରିୟରକୁ ସଜାଡ଼ିବାରେ ଜଣେ ନିର୍ଦ୍ଦେଶକଙ୍କ ଭୂମିକାକୁ କଦାପି ଭୁଲିପାରିବି ନାହିଁ । ସେ ହେଲେ ଆଶୁତୋଷ ଗୋୱାରିକର । ମୋ ଅଭିନୀତ ପ୍ରଥମ ହିନ୍ଦୀ ସିନେମା 'ମହେଞ୍ଜୋଦାରୋ'ର ନିର୍ଦ୍ଦେଶନା ଦେଇଥିଲେ । ତାଙ୍କର ଟିପ୍ସ ମୋ ପାଇଁ ବେଶ୍ ଲାଭପ୍ରଦ ହୋଇଛି ।''

# ସଲ୍ଲୁ ସଲ୍ଲୁଙ୍କ ପାଇଁ

'ଦବଙ୍ଗ ଗର୍ଲ' ସୋନାକ୍ଷୀ ସିହ୍ନା ଏବେ ବି ସଲମାନ ଖାଁ ଓରଫ ସଲ୍ଲୁ ମିଆଁଙ୍କୁ ପ୍ରଶଂସା କରିବାକୁ ଭୁଲୁନାହାନ୍ତି । କାରଣ ତାଙ୍କ ଅଭିନୀତ ପ୍ରଥମ ସିନେମା 'ଦବଙ୍ଗ'ର ପ୍ରାରମ୍ଭିକ କାମ ଆରମ୍ଭ ଠାରୁ ପୋଷ୍ଟ ପ୍ରଡକ୍ସନ କାମ ଶେଷ ହେବା ପର୍ଯ୍ୟନ୍ତ ତାଙ୍କ ସହ ଛାଇ ଭଳି ସଲ୍ଲୁ ରହିଥିଲେ । ଅସଲ କଥା ହେଲା, ଯେତେବେଳେ ତାଙ୍କୁ ବଲିଉଡ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଲା ସେତେବେଳେ ଗୋଟିଏ କଥା ତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଥିଲା । ତାହା ହେଲା ତାଙ୍କ ଓଜନ । ପ୍ରଥମ ସିନେମା 'ଦବଙ୍ଗ'ରେ ସାଇନ୍ କରିବା ସମୟରେ ସୋନାକ୍ଷୀଙ୍କ ଓଜନ ଥିଲା ୯୦ କି.ଗ୍ରା. । ତେଣୁ ଏହାକୁ ଯେତେଶୀଘ୍ର କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା । ଆଉ ତା'ପରେ ଏଥିପାଇଁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ । ୨ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କି.ଗ୍ରା.କୁ କମାଇବାରେ ସକ୍ଷମ ହୋଇଥିଲେ । ''ଏହି ୨ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ । ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାଁ) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା ବୋଲି କହନ୍ତି ସୋନାକ୍ଷୀ ।''


ସୋନାକ୍ଷୀ

## ଅତୀତରୁ

- ଶକ୍ତି କଥାଚିତ୍ର, ଜୟପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଶଙ୍ଖ ମହୁରୀ' । ଏହାର ବିଭିନ୍ନ ଭୂମିକାରେ ଅଜିତ ଦାସ, ମହାଶ୍ୱେତା ରାୟ, ଅନୀତା ଦାସ ପ୍ରମୁଖ କଳାକାର ଅଭିନୟ କରିଥିଲେ ।
- କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ପରିବାର' ଫିଲ୍ମର ଗୀତଗୁଡ଼ିକୁ ସ୍ୱରରେ ସଜାଇଥିଲେ ଉପେନ୍ଦ୍ର କୁମାର । ଚକ୍ରପାଣି, ଅନୀତା ଦାସ, ଗ୍ଲୋରିଆ ମହାନ୍ତି ଆଦି କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିଥିଲା ।
- ଓଡ଼ିଆ ସିନେମା 'କାଚଘର'ର ନିର୍ଦ୍ଦେଶନା ଦେଇଥିଲେ ବ୍ୟୋମକେଶ ତ୍ରିପାଠୀ । ଏଥିରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋସ୍ନା, ବିନୋଦ ପ୍ରମୁଖ କଳାକାର ।

## ଅପେରା ହାଲ୍‌ଚାଲ୍

# ଚ୍ୟାଲେଞ୍ଜ ଦେବ ବିଶ୍ୱ ଦରବାର


ବାପି ପଣ୍ଡା

ନୂଆ ଯାତ୍ରା ସିଜନ ପାଇଁ ଏବେ ସବୁ ଅପେରା ପାର୍ଟି ପୂରା ଦମ୍‌ରେ ପ୍ରସ୍ତୁତି ଚଳାଇଛନ୍ତି । ନାଟକ ରିହର୍ସାଲରେ ମଞ୍ଚ କମ୍ପୁଛି । ନାଟକଗୁଡ଼ିକୁ ଯେପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେନେଇ କଳାକାର, ନାଟ୍ୟକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକଙ୍କର କସରତ ଜାରି ରହିଛି । ଇତିମଧ୍ୟରେ କିଶୋର ମିଶ୍ରଙ୍କ ପ୍ରଯୋଜନାରେ ଯାତ୍ରାଶ୍ରୀ ବିଶ୍ୱ ଦରବାରର ଦୁଇଟି ନୂଆ ନାଟକର ଫାଇନାଲ ରିହର୍ସାଲ ଶେଷ ହୋଇଛି । ନାଟକଦ୍ୱୟ ହେଲା–ଅବୁଝା ଆଖିର ଅକୁହା କଥା (ରଚନା–ନିର୍ଦ୍ଦେଶନା : ଇଂ. ଅଶୁତୋଷ ମହାପାତ୍ର ଏବଂ ବାଘ ନେଇଗଲା ଦୌଡ଼ି ଆସ (ରଚନା–ଦୀପକ ଜେନା, ନିର୍ଦ୍ଦେଶନା–ବିନୋଦ ରାଉତ) । ଉଭୟ ନାଟକର ମୁଖ୍ୟ ଭୂମିକାରେ ଅଲରାଉଣ୍ଡର ବାପି ପଣ୍ଡା ଅଭିନୟ କରିଛନ୍ତି । ଏହାବ୍ୟତୀତ ଅରୁଣ ବାରିକଙ୍କ ରଚିତ ଏବଂ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ତୃତୀୟ ନୂଆ ନାଟକ 'ମଝି ନଈରେ ଘର'ର ପ୍ରସ୍ତୁତି ଚାଲିଛି । ଏହି ପାର୍ଟିରେ ବାପି ପଣ୍ଡାଙ୍କ ବ୍ୟତୀତ ଭାରତୀ, ଖଳନାୟକ ସଞ୍ଜୟ ଭୋଳ, ଆଶିଷ, ଗୌର–ସୁକାନ୍ତି (ପାଢ଼ୀ), ଝୁନା, ମାତନ, ହାସ୍ୟାଭିନେତା ବୁଦ୍ଧିଆ ନନା, ଗୁରୁ ପୃଷ୍ଟି, ପୁଷ୍ପା ପଣ୍ଡାଙ୍କୁ ଦେଖିବାକୁ ମିଳିବ । ଏହି ଅପେରା ପାର୍ଟିର ନୂଆ ସିଜନ୍‌ର ପ୍ରଥମ କ୍ୟାମ୍ପ ବାଲେଶ୍ୱରର କୁରୁଡ଼ାଠାରେ ଚଳିତ ମାସ ୨୮–୩୧ ପର୍ଯ୍ୟନ୍ତ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ ।

# ଟାଇଗରଙ୍କ ବଦାନ୍ୟତା

ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଟାଇଗର ଶ୍ରଫ୍ । ନାମ ଯେମିତି କାମ ବି ସେମିତି । ମାତ୍ର କେତୋଟି ବର୍ଷ ଭିତରେ ସେ ନିଜକୁ ଜଣେ ଆକ୍ସନ ଷ୍ଟାର ଭାବରେ ପରିଚିତ କରାଇସାରିଲେଣି । ସେ ପୁଣି ଥରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ଏଣିକି ସେ ତାଙ୍କର ପାରିଶ୍ରମିକ କିଛି ଅଂଶ ଅସହାୟ ଲୋକଙ୍କ ପାଇଁ ଖର୍ଚ୍ଚ କରିବେ । ଏଭଳି ଯୋଜନା ବିଷୟରେ ଟାଇଗର କହନ୍ତି, ''ଗଣପଥ ଫିଲ୍ମର ଶୁଟିଂ ସମୟରେ ମୋର ଥରେ କେତେଜଣ ଅସହାୟ ବ୍ୟକ୍ତିଙ୍କ ସହ ଭେଟ ହୋଇଥିଲା । ସେମାନଙ୍କ ବିଷୟରେ ଜାଣିବା ପରେ ଏଭଳି ଆଇଡିଆ ମୋ ମୁଣ୍ଡକୁ ଆସିଥିଲା । ଏବେ ଏ ନେଇ ମୁଁ ପ୍ରସ୍ତୁତି ଆରମ୍ଭ କରିଦେଲିଣି । ଏଣିକି ମୋର ପ୍ରତ୍ୟେକ ସିନେମାର ପାରିଶ୍ରମିକର କିଛି ଅଂଶ ମୁଁ ସେମାନଙ୍କ ପାଇଁ ଖର୍ଚ୍ଚ କରିବି ।'' ବର୍ତ୍ତମାନ ଶଶାଙ୍କ ଖୈତାନଙ୍କ ନୂଆ ସିନେମାରେ ଟାଇଗର ଅଭିନୟ କରିବାକୁ ଯାଉଛନ୍ତି ।


ଟାଇଗର

## ପରଦାରେ...

# ଜହ୍ନରାତିର ସାଥୀ

ନୂଆ ଓଡ଼ିଆ ସିନେମା 'ଜହ୍ନରାତିର ସାଥୀ' ଆସନ୍ତାକାଲି (ଶୁକ୍ରବାର) ମୁକ୍ତିଲାଭ କରିବାକୁ ଯାଉଛି । ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାରକରି ଏହାକୁ ପ୍ରସ୍ତୁତ କରାଯାଇଛି । ଏଥିରେ ଲଭ୍, ଇମୋଶନ, ସସ୍‌ପେନ୍ସ ଭରି ରହିଛି । କାହାଣୀ ଅନୁସାରେ କୋଟିପତି ବ୍ୟବସାୟୀ ସତ୍ୟଜିତ ପଟ୍ଟନାୟକ ଏବଂ ଜଣେ ଜମିଦାର ଭବାନୀ ଶଙ୍କର ରାୟ ଚୌଧୁରୀଙ୍କ ଭିତରେ ଥାଏ ନିବିଡ଼ ବନ୍ଧୁତା । ସେପଟେ ସତ୍ୟଜିତ୍‌ଙ୍କ ଏକମାତ୍ର ଝିଅ ନେହାର ଭବାନୀଙ୍କ ପୁତୁରା ଅମିତ ସହ ପ୍ରେମ ସମ୍ପର୍କ ଗଢ଼ିଉଠେ । ଏକ ଘଟଣାକ୍ରମରେ ନେହା ଜଙ୍ଗଲରେ ହଜିଯିବା ପରେ ପ୍ରେମ କାହାଣୀ ନିଏ ନୂଆ ମୋଡ଼ । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ । କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ । ଏଥିରେ ସମରେଶ ରାଉତରାୟ ଗୁଣିଆ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ଜିତେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ପ୍ରଜ୍ଞା ଖଟୁଆ, ପୃଥୀରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର ।


ସମ୍ବିତ–ଶୀତଲ

# ଭାରତ-ୱେଷ୍ଟଇଣ୍ଡିଜ ଶତକ ଟେଷ୍ଟ ଆଜିଠାରୁ

**ପୋର୍ଟ ଅଫ୍ ସ୍ପେନ୍, ୧୯।୭ (ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଏହା ହେବ ଦୁଇ ଦଳ ମଧ୍ୟରେ ୧୦୦ତମ ଟେଷ୍ଟ। ତେଣୁ ଏହାକୁ ସ୍ମରଣୀୟ କରିବା ପାଇଁ ଉଭୟ ଦଳ ଲକ୍ଷ୍ୟ ରଖିଛନ୍ତି। ଡୋମିନିକାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ପରି ପ୍ରାଧାନ୍ୟ ବିସ୍ତାର କରି ଭାରତ ମଧ୍ୟ ଏଠାରେ ବିଜୟ ସହ ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ କୌଣସି ପ୍ରକାରେ ଶ୍ରେଷ୍ଠ ପ୍ରଦର୍ଶନ କରି ସମ୍ମାନ ରକ୍ଷା କରିବା ଆଶାରେ ରହିବ ୱେଷ୍ଟଇଣ୍ଡିଜ। ଏହି ଟେଷ୍ଟ ଭାରତର ଅଜିଙ୍କ୍ୟ ରାହାନେଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କାରଣ ଟେଷ୍ଟ ଦଳରେ ନିଜର ସ୍ଥାନ ଦୃଢ଼ କରିବାକୁ ହେଲେ ତାଙ୍କୁ ଏଥିରେ ବଡ଼ ସ୍କୋର କରିବାକୁ ହେବ। କାରଣ କୁଇନ୍ସ ପାର୍କ ଓଭାଲ ମ୍ୟାଚ ପରେ ଭାରତ ଏହାର ପରବର୍ତ୍ତୀ ଟେଷ୍ଟ ଦକ୍ଷିଣ ଆଫ୍ରିକା ଗସ୍ତରେ ଅର୍ଥାତ୍ ଡିସେମ୍ବର/ଜାନୁୟାରୀରେ ଖେଳିବ। ତେଣୁ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ହେଲେ ତାଙ୍କୁ ଏଠାରେ କିଛି କରି ଦେଖାଇବାକୁ ପଡ଼ିବ।



କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସହ ଯଶସ୍ୱୀ ଜୟସ୍ୱାଲ।

## ରାହାନେଙ୍କ ପାଇଁ ପରୀକ୍ଷା

୧୮ ମାସ ବ୍ୟବଧାନରେ ଭାରତ ଗତ ମାସରେ ପ୍ରଥମଥର ପାଇଁ ଟେଷ୍ଟ ଖେଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲର ୨ଟି ଇନିଂସରେ ରାହାନେ ଯଥାକ୍ରମେ ୮୯ ଓ ୪୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ମାତ୍ର ଡୋମିନିକାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟର ସ୍ଲୋ ଏବଂ ଟର୍ଣ୍ଣିଂ ପିଚ୍‌ରେ ସେ ସୁଯୋଗ ହାତଛଡ଼ା କରିଥିଲେ। ଭାରତ ମାତ୍ର ଗୋଟିଏ ଇନିଂସ ବ୍ୟାଟିଂ କରିଥିବାବେଳେ ରାହାନେ ୩ ରନକରି ଆଉଟ ହୋଇଥିଲେ। ତେଣୁ ଆଗାମୀ ଟେଷ୍ଟ ତାଙ୍କପାଇଁ ପରୀକ୍ଷା ସଦୃଶ ହେବ। କାରଣ ଶ୍ରେୟସ ଆୟାର ପିଠିରେ ଯନ୍ତ୍ରଣାଜନିତ ସମସ୍ୟାରୁ ମୁକୁଳି ଏବେ ରିହାବ୍‌ରେ ଅଛନ୍ତି। ଦକ୍ଷିଣ ଆଫ୍ରିକା ଗସ୍ତ ବେଳକୁ ସେ ଦଳ ପାଇଁ ଉପଲବ୍ଧ ହେବା ସମ୍ଭାବନା ରହିଛି। ଯଦି ତାହା ହୁଏ ତେବେ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯିବା ସମ୍ଭାବନା ରହିଛି। ତେବେ ଦକ୍ଷିଣ ଆଫ୍ରିକା ପରିବେଶରେ ରାହାନେ ଉପଯୋଗୀ ହେବେ ବୋଲି ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ପ୍ରକାଶ କରିଛନ୍ତି।

## ଅକ୍ଷରଙ୍କୁ ସୁଯୋଗ ମିଳିପାରେ

ପ୍ରଥମ ଟେଷ୍ଟରେ ଭାରତ ଏକ ଇନିଂସ ୧୪୧ ରନରେ ବିଜୟୀ ହୋଇଥିଲା। ତେଣୁ ଆଗାମୀ ଟେଷ୍ଟ ପାଇଁ ଦଳରେ ବଡ଼ ପରିବର୍ତ୍ତନ ହେବା ସମ୍ଭାବନା ନାହିଁ। କେବଳ ବାମହାତୀ ପେସର ଜୟଦେବ ଉନାଡକଟ୍‌ଙ୍କୁ ଆଉ ଏକ ସୁଯୋଗ ମିଳୁଛି କି ନାହିଁ ତା' ଉପରେ ନଜର ରହିବ। ୩୧ ବର୍ଷୀୟ ଉନାଡକଟ୍ ନିଜର ୧୩ ବର୍ଷର କ୍ୟାରିୟରରେ ମାତ୍ର ୩ଟି ଟେଷ୍ଟ ଖେଳିବା ସୁଯୋଗ ପାଇଛନ୍ତି। ଡୋମିନିକାରେ ଏକମାତ୍ର ଭାରତୀୟ ବୋଲରଭାବେ ସେ ଉଇକେଟ ପାଇ ନ ଥିଲେ ଏବଂ ମାତ୍ର ୯ ଓଭର ବୋଲିଂ କରିଥିଲେ। ଭାରତର ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଡୋମିନିକା ଟ୍ରାକ୍‌ରୁ ଭରପୂର ଫାଇଦା ଉଠାଇଥିଲେ। ଦ୍ୱିତୀୟ ଟେଷ୍ଟ ପାଇଁ ୱେଷ୍ଟଇଣ୍ଡିଜ ବ୍ୟାଟିଂ ଅଲ୍‌ରାଉଣ୍ଡର ରାମନ ରିଫରଙ୍କ ସ୍ଥାନରେ ବୋଲିଂ ଅଲରାଉଣ୍ଡର କେଭିନ ସିନ୍‌କ୍ଲେୟାରଙ୍କୁ ଦଳରେ ସାମିଲ କରିଥିବାରୁ ସେଠାରେ ମଧ୍ୟ ଟର୍ଣ୍ଣିଂ ପିଚ୍ ଦେଖିବାକୁ ମିଳିବା ସମ୍ଭାବନା ରହିଛି। ଏପରି କ୍ଷେତ୍ରରେ ଭାରତ ଉନାଡକଟ୍ କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ଅକ୍ଷର ପଟେଲଙ୍କୁ ଖେଳାଇବା ସମ୍ଭାବନା ରହିବ। ଅକ୍ଷର ବ୍ୟାଟିଂରେ ମଧ୍ୟ ପ୍ରଭାବିତ କରି ପାରିଛନ୍ତି। ତୃତୀୟ ଭାରତୀୟଭାବେ ଟେଷ୍ଟ ଡେବ୍ୟୁରେ ୧୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିବା ଯଶସ୍ୱୀ ଜୟସ୍ୱାଲ ଫର୍ମ ବଜାୟ ରଖିବା ଆଶା ରହିଛି। ଶୁବମନ ଗିଲ୍‌ଙ୍କୁ ପୁଣି ୩ ନମ୍ବରରେ ଦେଖିବାକୁ ମିଳିବ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା୩୦**
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**

# ବ୍ରଡ୍‌ଙ୍କୁ ୬୦୦ ଉଇକେଟ

## ଅଷ୍ଟ୍ରେଲିଆ: ୨୯୯/୮

**ମାଞ୍ଚେଷ୍ଟର, ୧୯।୭(ପି.ଟି.)**

ମାଞ୍ଚେଷ୍ଟରର ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡରେ ବୁଧବାର ଆରମ୍ଭ ହୋଇଥିବା ଚତୁର୍ଥ ଆଶେସ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି ମାର୍ନସ୍ ଲାବୁଶେନ ଓ ମିଚେଲ୍ ମାର୍ଶ। ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ୮ ଉଇକେଟ ହରାଇ ୨୯୯ ରନ୍ ସଂଗ୍ରହ କରିଛି। ଏହା ସହ ଟେଷ୍ଟ କ୍ରିକେଟରେ ୬୦୦ ଉଇକେଟ ପୂରଣ କରିଛନ୍ତି ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍।

ଓପନର ଡେଭିଡ୍ ୱାର୍ନର ୩୨ ରନ୍ କରିଥିବା ବେଳେ ଷ୍ଟିଭେନ୍ ସ୍ମିଥ୍ ୪୧ ରନ୍ ସ୍କୋର କରିଛନ୍ତି। ଚମତ୍କାର ଫର୍ମ ବଜାୟ ରଖି ଲାବୁଶେନ୍ ୫୧ ରନ୍ କରି ମୋଇନ୍ ଅଲୀଙ୍କ ବଲ୍‌ରେ ଆଉଟ ହୋଇଥିଲେ। ୧୧୫ ବଲ୍ ଖେଳି ସେ ୬ ଚୌକା ମାରିଥିଲେ। ମିଚେଲ୍ ମାର୍ଶ ୬୦ ବଲ୍ ଖେଳି ୭ ଚୌକା ଓ ୧ ଛକା ସହ ୫୧ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଟ୍ରାଭିସ୍ ହେଡ୍ ୪୮ ଓ ଆଲେକ୍ସ କେରୀ ୨୦ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ୪ ଉଇକେଟ ନେଇଥିବା ବେଳେ ଷ୍ଟୁଆର୍ଟ ବ୍ରଡ ୨ ମାର୍କ ଉଡ ଓ ମୋଇନ୍ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୮୩ ଓଭରରେ ୨୯୯/୮ (ମାର୍ନଶ ଲାବୁଶେନ୍-୫୧, ମିଚେଲ୍ ମାର୍ଶ-୫୧ ଟ୍ରାଭିସ୍ ହେଡ୍-୪୮, କ୍ରିସ୍ ଓକ୍ସ-୪/୫୨, ଷ୍ଟୁଆର୍ଟ ବ୍ରଡ୍-୨/୬୮, ମାର୍କ ଉଡ୍-୧/୬୦)।

# ଦ୍ୱିତୀୟ ଦିନିକିଆ ଜିତିଲା ଭାରତ

## ଜେମିମାଙ୍କ ଅଲରାଉଣ୍ଡ ସଫଳତା

**ମୀରପୁର, ୧୯।୭(ପି.ଟି.)**

ଭାରତ ଓ ବାଂଲାଦେଶ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଜିତି ନେଇଛି ଭାରତ। ଜେମିମା ରୋଡ୍ରିଗୁଏଜଙ୍କ ଅଲରାଉଣ୍ଡ ପ୍ରଦର୍ଶନ(୮୬ ରନ୍ ଓ ୪ ଉଇକେଟ) ବଳରେ ଭାରତ ଏହି ମ୍ୟାଚ୍‌କୁ ୧୦୮ ରନ୍‌ରେ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୨୨୮ ରନ୍ କରିଥିଲା। ଜବାବରେ ଘରୋଇ ଦଳ ୩୫.୧ ଓଭରରେ ୧୨୦ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥବା ଭାରତ ପକ୍ଷରୁ ଓପନର ସ୍ମୃତି ମନ୍ଧାନା(୩୬) ଓ ପ୍ରିୟା ପୁନିଆ (୭) ପ୍ରଥମ ଉଇକେଟରେ ୧୭ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୪୦ରେ ଯଷ୍ଟିକା ଭାଟିଆ(୧୫) ରନ୍ ଆଉଟ ହୋଇଥିଲେ। ହରମନ୍‌ପ୍ରୀତ୍ କୌର(୫୨) କ୍ରିଜ୍‌ରେ ଯୋଗ ଦେଇ ମନ୍ଧାନାଙ୍କ ସହିତ ୨୮ ରନ୍ ଯୋଡିଥିଲେ। ତେବେ ମନ୍ଧାନା ଆଉଟ ହେବା ପରେ ଜେମିମା ରୋଡ୍ରିଗୁଏଜ(୮୬) ଓ ହରମନ୍‌ପ୍ରୀତ୍ କୌରଙ୍କ ମଧ୍ୟରେ ଶତକୀୟ ଭାଗିଦାରୀ ହୋଇଥିଲା। ହରମନ୍‌ପ୍ରୀତ୍ ୮୮ ବଲ୍ ଖେଳି ୩ ଚୌକା ସହିତ ୫୨ ରନ୍ କରିଥିଲେ। ଜେମିମା ୭୮ ବଲ୍ ଖେଳି ୯ ଚୌକା ସହିତ ୮୬ ରନ୍ ସ୍କୋର କରିଥିଲେ। ମାତ୍ର ୩ ବଲ ବ୍ୟବଧାନରେ ଉଭୟ ଖେଳାଳି ପ୍ୟାଭିଲିୟନ ଫେରିଥିଲେ ମଧ୍ୟ ନିମ୍ନକ୍ରମରେ ହରଲିନ୍ ଦେଓଲ ୨୫ ରନ୍‌ର ଇନିଂସ ଖେଳିବାରୁ ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୨୨୮ ରନ୍ କରିଥିଲା। ବାଂଲାଦେଶ ପକ୍ଷରୁ ସୁଲତାନା ଖାତୁନ ଓ ନାହିଦା ଅଖତର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ଜେମିମା ରୋଡ୍ରିଗୁଏଜ।

୨୨୯ ରନ୍ ଲକ୍ଷ୍ୟର ପିଛା କରୁଥିବା ବାଂଲାଦେଶ ମାତ୍ର ୧୨୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଫର୍ଗଣା ହକ୍ ସର୍ବାଧିକ ୪୭ ରନ୍ କରିଥିବା ବେଳେ ରିତୁ ମୋନୀ୨୭ ରନ୍ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଜେମିମା ଘାତକ ବୋଲିଂ କରି ୩ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବିକା ବୈଦ୍ୟ ୩, ମେଘନା ସିଂ, ଦୀପ୍ତି ଶର୍ମା ଓ ସ୍ନେହ ରାଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୨୮/୮ (ଜେମିମା ରୋଡ୍ରିଗୁଏଜ-୮୬, ହରମନ୍‌ପ୍ରୀତ୍ କୌର-୫୨, ସ୍ମୃତି ମନ୍ଧାନା-୩୬, ନାହିଦା ଅଖତର-୨/୩୭, ସୁଲତାନା ଖାତୁନ୍-୨/୪୧, ରାବେୟା ଖାନ୍-୧/୪୪)। ବାଂଲାଦେଶ ୩୫.୧ ଓଭରରେ ୧୨୦/୧୦(ଫର୍ଗଣା ହକ୍-୪୭, ରିତୁ ମୋନୀ-୨୭, ମୁର୍ଶିଦା ଖାତୁନ-୧୨, ଜେମିମା ରୋଡ୍ରିଗୁଏଜ-୪/୩, ଦେବିକା ବୈଦ୍ୟ-୩/୩୦, ଦୀପ୍ତି ଶର୍ମା-୧/୭)।





72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

*ସର୍ତ୍ତ ଓ ନିୟମାବଳୀ ଲାଗିବ । *କ୍ୟାଶ୍‌ବ୍ୟାକ୍ ପଲସର୍ 150 Twin Disc ପ୍ରକାର ସକାଶେ ପ୍ରଯୁଜ୍ୟ । #ପଲସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ । ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୁତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍ସ ପୂରଣ ହେବା ଆଧାରିତ । ଫାଇନାନ୍ସିଅରଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍ସ ନିର୍ଭର କରେ । ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫର୍‌କୁ ପ୍ରତ୍ୟାହାର କରିବାର ଅଧିକାର ରଖୁଛି । ପ୍ରଦର୍ଶିତ ଷ୍ଟଣ୍ଟ, ଏକ୍ସପର୍ଟଙ୍କ ଦ୍ୱାରା ପ୍ରୋଫେଶନାଲ୍ ସୁପରଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ସଡ଼କ ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ । ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ । ଏମସି ବିଶେଷ ମଡେଲ୍‌ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ । ଅଧିକ ବିବରଣୀ ପାଇଁ ବଜାଜ ଡୀଲର୍‌ଙ୍କୁ ସମ୍ପର୍କ କରନ୍ତୁ । ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Chandikhole TARINI BAJAJ 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Iginia 7064422415, Rasulgad 9937284842, Nimapada 9437030368, Charichak 7381082130, Kaktpur 9776125534,, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhyanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh 9937289417, Bidharpur 7008503281, Banki 7381082130, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945, Nischintakoili 8917622159


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ